# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, April 2/2024 | Page 14 | ₹ 7.00 | BALASORE

୫୦ଶ ଭାଗ ୧୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 128 | ମୂଲ୍ୟ ₹୭/-



# YUVODAYA

NON-NEGOTIABLE ACADEMICS

## RANKERS BELONG HERE

## FRESHERS 2023

ANIMESH, IIT DELHI

SMRUTI, IIT KHARAGPUR

SHREYA, IIT BOMBAY

SATYAM, AIIMS, BHUBANESWAR

OJASWITA, SCB, CUTTACK

NAIMISH, BBMCH, BALANGIR

ANIKESH, BBMCH, BALANGIR

TULASI, BBMCH, BALANGIR

PRIYARANJAN, GMCH, SUNDARGARH

BUDDHADEV, GMCH, BHAWANIPATNA

SOUUMYARANJAN, GMCH, BHAWANIPATNA

DINESH, NIT, ROURKELA

ASUTOSH, NIT, ROURKELA

CHINMAYA, IISER, TIRRUPATI

ROSHAN, NISER, AIR-41 (OBC)

## JEE CHAMPS-2024 SESSION - I (JAN)

| Score | Name | |
|---|---|---|
| 99.58 | SIDDHANT MEHER | |
| 98.84 | PRAVEEN KU. PATRO | FRESHER |
| 98.26 | AYUSH NAIK | FRESHER |
| 98.17 | ASHWIN ROUTRAY | |
| 98.17 | PREETIPRAJNA PATRA | |
| 97.90 | S.P. PULAKIT BARIK | FRESHER |
| 97.76 | AMAN KUMAR NAIK | |
| 97.72 | SUJAL SANKET DASH | |
| 97.18 | NIKITA SWAIN | FRESHER |
| 97.08 | ROSHAN MAHAPATRA | FRESHER |
| 96.77 | KRISHNA SAGAR MISHRA | FRESHER |
| 96.75 | DEVARPITA ROUATRAY | |
| 96.68 | RACHIT KU. PADHAN | FRESHER |
| 96.44 | BHARATI RATH | FRESHER |
| 96.27 | SARTHAK NANDA | |
| 96.23 | BIDYASAGAR NAIK | FRESHER |
| 96.08 | OMKAR DANI | |
| 96.00 | RUDRA PRATAP NANDA | |
| 95.61 | PRAJNA PANDA | FRESHER |
| 95.49 | PRAJNA PARIMITA PADHAN | FRESHER |
| 95.42 | CHINMAYA SAHU | |
| 95.39 | SURAJ KUMAR SAHU | FRESHER |
| 95.38 | ADARSHA KHAMARI | |
| 95.27 | OM SAI S. BISWAL | FRESHER |
| 95.24 | ANWESH ARPAN ACHARYA | |
| 95.05 | SUBHASHISH SAHU | FRESHER |
| 94.70 | SAMYAK SAHU | |
| 94.51 | TOSMINI MEHER | |
| 94.51 | SMARAK SANGAM BARIK | FRESHER |
| 94.35 | SIDDHANTA NAYAK | |
| 94.09 | SUBHAPRADA SAHU | FRESHER |
| 93.93 | KRISHNA KALYANI SAHOO | |
| 93.83 | LIPIKA SAHU | |
| 93.77 | SANJOG MEHER | |
| 93.74 | ALIVA BISWAL | |
| 93.70 | RITESH PADHAN | FRESHER |
| 93.05 | TAGAR MEHER | |
| 92.97 | JUGAL BHOI | |
| 92.83 | AYUSHMAN SUNDARAY | FRESHER |
| 92.68 | SURYA NARAYAN BARAD | FRESHER |
| 92.62 | SUBHAM PADHAN | FRESHER |
| 92.58 | RITTU RATH | FRESHER |
| 92.43 | SUBHAM PRADHAN | FRESHER |
| 92.27 | SOMESH CH. BEHERA | |
| 92.21 | NISHANT NAYAK | FRESHER |
| 92.12 | ROUMYA RANJAN BANSH MISHRA | FRESHER |
| 92.01 | OM PRASAD MISHRA | FRESHER |
| 91.84 | SUNIL KARNA | |
| 91.74 | RUCHISMITA PRADHAN | FRESHER |
| 91.72 | SAIRAM SAMAL | FRESHER |
| 91.64 | SHRABANI MAHAPATA | FRESHER |
| 91.62 | AMBIKA PRASAD MAJHI | FRESHER |
| 91.53 | MANORANJAN PADHAN | FRESHER |
| 91.53 | LAXMISAGAR DEHURI | |
| 91.30 | AMAR KU. MAHAPATRA | FRESHER |
| 91.23 | JASHOBANTA BISWAL | FRESHER |
| 91.10 | BISWAJIT RATH | FRESHER |
| 90.87 | SWAYANSHU SARTHAK SADANGI | FRESHER |
| 90.59 | RAJA MEHER | |
| 90.34 | DEBASIS JOSHI | FRESHER |
| 90.11 | OM PRATIK MAHANA | |
| 88.55 (EWS) | BINIT KUMAR BHUE | |

## SiP SCHOOL INTEGRATED PROGRAM

School + Integrated Coaching + Hostel

## XI - XII (SCIENCE)

CBSE CURRICULUM

Residential & Day-Boarding

● BALANGIR ● BHUBANESWAR ● BERHAMPUR

### CBSE RESULTS 2023

| Score | Name |
|---|---|
| 96.20 | OJASWITA SINGHDEO |
| 95.00 | ANWESHA ANANYA MEHER |
| 95.00 | SHREYA TARIA |
| 95.00 | ANIMESH HOTA |
| 94.20 | SAMIKSHYA PRADHAN |
| 94.20 | ANIKESH PANIGRAHI |
| 94.20 | DEBESH GADTIA |
| 94.00 | SATYAM DEBTA |
| 94.00 | SHREYA AGRAWAL |
| 94.00 | CHANDAN MEHER |
| 93.40 | ISHA TANDI |
| 93.00 | NAIMISH KUMAR PANDA |
| 93.00 | ARCHIC MISHRA |
| 93.00 | SMRUTI SWARUP ROUT |
| 93.00 | SATARUPA MISHRA |
| 93.00 | NAMRATA SINGH |
| 92.20 | SOUMYA R. MAHALING |
| 92.20 | SOUMYA RANJAN SAHU |
| 92.00 | OMKAR CHAND |
| 92.00 | ASHUTOSH BISHI |
| 91.20 | PRIYABRATA SAHU |
| 91.00 | BUDDHADEV BAG |
| 91.00 | MANURANJAN MISHRA |
| 90.40 | ANISHA RAY |
| 90.00 | AKANKSHYA PRADHANI |

### FOR CBSE XI & XII (SCIENCE) ADMISSIONS

**BHUBANESWAR**
Plot No. 176, Ekamra Marg, Ganganagar
Mob. 9937438936, 9040064200

**BERHAMPUR**
Utkal Ashram Road, Opp. Pani Tanki
Mob: 9777765444, 8658265444

### Summer Bridge Course

Eligibility : 10th Board (CBSE / ICSE / BSE) appeared in 2024
Course Duration : 50 days
Hostel seats are available on first-come-first-serve basis

NO SUMMER COURSE AT BALANGIR, ONLY DIRECT ADMISSIONS IN CBSE & CHSE

## SUCCESS RATE SUPREMACY IN ODISHA RETAINED AT NEET - 2023

| Name | College |
|---|---|
| SAHIL KU. BAG | AIIMS, RAIPUR |
| NILESH BEHERA | AIIMS, RAIPUR |
| DIPTI P. BEHERA | AIIMS, KALYANI |
| DEEPENDU BEHERA | AIIMS, KALYANI |
| REETIK RANJAN | SCB, CUTTACK |
| ASHUTOSH SAHOO | SCB, CUTTACK |
| AJAYA MEHER | SCB, CUTTACK |
| PRABHANSHU | SCB, CUTTACK |
| SURYAPRAKASH | SCB, CUTTACK |
| BISWARANJAN | SCB, CUTTACK |
| SUCHISMITA | SCB, CUTTACK |
| RICHI PRIYADARSHINI | SCB, CUTTACK |
| ISWAR MIRDHA | SCB, CUTTACK |
| OMM PRAKASH | MKCG, BERHAMPUR |
| MANISHA MOHANTY | MKCG, BERHAMPUR |
| PABITRA PRADHAN | MKCG, BERHAMPUR |
| DURGESH KHATUA | VIMSAR, BURLA |
| PRAGYAN P. NIAL | VIMSAR, BURLA |
| LISHA AGRAWAL | VIMSAR, BURLA |
| SRIANSH MEHER | VIMSAR, BURLA |
| SWAGATIKA SAHU | VIMSAR, BURLA |
| PRABEEN BHOI | VIMSAR, BURLA |
| SUBHAM BISWAL | VIMSAR, BURLA |
| SONALI GAHIR | VIMSAR, BURLA |
| RITISNIGDHA | VIMSAR, BURLA |
| USHASI ROUT | VIMSAR, BURLA |
| ALPPI SAHOO | VIMSAR, BURLA |
| SOUMYARANJAN | VIMSAR, BURLA |
| SWAYAMSU NANDA | VIMSAR, BURLA |
| JYOTIRANJAN | VIMSAR, BURLA |
| BALGOPAL MEHER | VIMSAR, BURLA |
| BARSHA MAJHI | VIMSAR, BURLA |
| SUBRAT SAHU | SJMCH, PURI |
| BABLU MEHER | SJMCH, PURI |
| SWADESH KHANDAI | FMMCH, BALASORE |
| SUBHALAGNA | FMMCH, BALASORE |
| ANKITA PATRA | PRMCH, BARIPADA |
| PRITIPRANGYA | PRMCH, BARIPADA |
| JAGRUTI BISWAL | BBMCH, BALANGIR |
| AJAYA KU. SAHU | BBMCH, BALANGIR |
| ANKITA PALAI | BBMCH, BALANGIR |
| ANKITA P. PADHAN | BBMCH, BALANGIR |
| ARUNIMA MISHRA | BBMCH, BALANGIR |
| PRAGYAN | BBMCH, BALANGIR |
| SHIVRAJ MALLIK | BBMCH, BALANGIR |
| LEELABATI | BBMCH, BALANGIR |
| JIBANANDA BAG | SLNMCH, KORAPUT |
| TUSHARAKANTA | SLNMCH, KORAPUT |
| RAHUL DEV KALSAI | SLNMCH, KORAPUT |
| TUSHARKANT NAIK | SLNMCH, KORAPUT |
| AKANKSHYA | GMCH, SUNDARGARH |
| DIPTIMAYEE | GMCH, SUNDARGARH |
| JYOTIPRAKASH | GMCH, SUNDARGARH |
| SASWAT SINGH | GMCH, SUNDARGARH |
| DONAL SAHU | GMCH, SUNDARGARH |
| SAGNYARANI | GMCH, SUNDARGARH |
| SUBHAM PARIDA | DMCH, KEONJHAR |
| SWABHIMAN | SRMMCH, BHAWANIPATNA |
| SUDHANSU SAHU | SRMMCH, BHAWANIPATNA |
| APARNA | SRMMCH, BHAWANIPATNA |
| PRAJNA PRIYA | SRMMCH, BHAWANIPATNA |
| HARSHITA | NIT, ROURKELA |
| PRIYADARSHI | IISER, MOHALI |

## TARGET 2025

Admissions Open for One Year Course for 12th appeared Students

NEET - 2024 Crash Course available only in BBSR Centre

NEET / JEE Main & Advanced

BHUBANESWAR CENTRE -Jayadev Vihar, Biju Pattnaik College Road, Ph. 9437330577 / 7381064208 / 7077983222 / 7381013202

BALANGIR CENTRE - Shantipada / ADMISSION OFFICE - Hatisal Pada, Balangir, Ph. 9777884488 / 6371008711



ଲୋକ ସଭା ନିର୍ବାଚନ ପୂର୍ବରୁ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲଡି) ରାଷ୍ଟ୍ରୀୟ ଉପାଧକ୍ଷ ଶାହିଦ୍ ସିଦ୍ଦିକୀ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫା ପତ୍ର ଆର୍‌ଏଲ୍‌ଡି ରାଷ୍ଟ୍ରୀୟ ଅଧକ୍ଷ ଜୟନ୍ତ ଚୌଧୁରୀଙ୍କ ନିକଟକୁ ପଠାଇଛନ୍ତି। ଭାରତର ଏକତା, ଅଖଣ୍ଡତା ଓ ଭାଇଚାରାକୁ ବଞ୍ଚାଇବା ପାଇଁ ସେ ଏପରି ନିଷ୍ପତ୍ତି ନେଇଥିବା ଉଲ୍ଲେଖ କରିଛନ୍ତି।



## ସଂକ୍ଷେପରେ

### ବାଂଲାଦେଶରେ 'ଭାରତ ବର୍ଜନ' ପ୍ରଚାର

**ବିରୋଧୀଙ୍କୁ ସମାଲୋଚନା କଲେ ହାସିନା**

**ଢାକା,୧।୪:** ଶେଖ୍ ହାସିନା ପୁନର୍ବାର ବାଂଲାଦେଶ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ଅନ୍‌ଲାଇନରେ ଭାରତ ବିରୋଧୀ ମାନସିକତା ବଢ଼ିଛି। ସେଠାରେ ଭାରତୀୟ ସାମଗ୍ରୀ ବର୍ଜନ ଲାଗି ପ୍ରଚାର ଜୋର୍ ଧରିଥିବାବେଳେ କେତେଜଣ ବିରୋଧୀ ନେତା ଏହାକୁ ସମର୍ଥନ କରୁଛନ୍ତି। ପ୍ରଧାନମନ୍ତ୍ରୀ ହାସିନା ଏଭଳି ଭାରତ ବିରୋଧୀ ପ୍ରଚାରକୁ ବିରୋଧ କରିଛନ୍ତି। ଅନ୍ୟପକ୍ଷରେ ହାସିନା ଏବଂ ତାଙ୍କ ଦଳ ଆୱାମୀ ଲିଗ୍ ସବୁଠୁ ବଡ଼ ଭାରତୀୟ ଉତ୍ପାଦ ବୋଲି ବିରୋଧୀ ନେତାମାନେ ଅଭିଯୋଗ କରିଛନ୍ତି। ଭାରତ ସହ ହାସିନାଙ୍କ ଘନିଷ୍ଠତା ରହିଛି। ସେ କ୍ରମାଗତ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ବିରୋଧୀ ନେତାମାନେ ଭାରତ ବିରୋଧୀ ମାନସିକତାର ପ୍ରସାର କରାଇବାକୁ ଉଦ୍ୟମ ଚଳାଇଛନ୍ତି। କିଛି ମାସର ନୀରବତା ପରେ ହାସିନା ବିରୋଧୀଙ୍କୁ ମୁକାବିଲା କରିବା ଲାଗି ବାହାରିଛନ୍ତି। ସେ ବିରୋଧୀଙ୍କୁ ସମାଲୋଚନା କରିବା ସହ ଭାରତୀୟ ଶାଢ଼ିକୁ ଭଲ ପାଆନ୍ତି ବୋଲି କହିଛନ୍ତି।

### ନିର୍ବାଚନ ପରେ ଲାଗୁହେବ ନୂଆ ଟୋଲ୍ ଦର

**ନୂଆଦିଲ୍ଲୀ,୧।୪(ପି.ଟି.):** ଜାତୀୟ ରାଜପଥରେ ନୂଆ ଟୋଲ୍ ଦର ଉପରେ ସର୍କୁଲେଶନ ଜାରି ପାଇଁ ନିର୍ବାଚନ କମିଶନ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କୁ ଅନୁମତି ଦେଇଛନ୍ତି। ନୂଆ ରାଜପଥ ଟୋଲ୍ ଦର ପ୍ରତିବର୍ଷ ଏପ୍ରିଲ ୧ରେ ଲାଗୁ ହୋଇଥାଏ। ତେବେ ଲୋକ ସଭା ନିର୍ବାଚନ ପରେ ଏହାକୁ ଲାଗୁ କରିବା ପାଇଁ ଇସିଆଇ କହିଛନ୍ତି। ଏନେଇ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ଇସିଆଇଙ୍କ ସହ ଯୋଗାଯୋଗ କରିଥିଲେ। ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କ ଅନୁଯାୟୀ ପାଇକାରୀ ମୁଦ୍ରାସ୍ଫୀତି ବଦଳୁଥିବାରୁ ପ୍ରତିବର୍ଷ ଟୋଲ୍ ଦେୟରେ ସଂଶୋଧନ ହୋଇଥାଏ।

# ନିର୍ବାଚନକୁ ବିପଦ ଡିପ୍‌ଫେକ୍ ଭିଡିଓ, ଭଏସ୍ କ୍ଲୋନିଂ

## ସତର୍କ କରାଇଲେ ସାଇବର ସିକ୍ୟୁରିଟି ବିଶେଷଜ୍ଞ

ନୂଆଦିଲ୍ଲୀ,୧।୪(ପି.ଟି.)

ଲୋକ ସଭା ନିର୍ବାଚନ ପୂର୍ବରୁ ଭୋଟରମାନଙ୍କୁ ପ୍ରଲୋଭିତ କରିବା ଲାଗି ରାଜନୈତିକ ଦଳଗୁଡ଼ିକ କୌଣସି ଉପାୟ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ଏଭଳି ସ୍ଥଳେ ଭୋଟରମାନଙ୍କୁ ପ୍ରଭାବିତ କରିବା ଲାଗି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଡିପ୍‌ଫେକ୍ ପ୍ରଯୁକ୍ତିର ଦୁରୁପଯୋଗ ହେବା ନେଇ ସାଇବର ସିକ୍ୟୁରିଟି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏପ୍ରିଲ ୧୯ରୁ ଜୁନ୍ ୧ ପର୍ଯ୍ୟନ୍ତ ୭ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ମିଥ୍ୟା ଖବର ଓ ଭୁଲ୍ ତଥ୍ୟ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ବାଚନ କମିଶନ ମାନକ ସଞ୍ଚାଳନ ପ୍ରକ୍ରିୟା ଜାରି କରିଛନ୍ତି। ତେବେ ନିର୍ବାଚନ ପ୍ରଚାର ସମୟରେ ଡିପ୍‌ଫେକ୍ ଭିଡିଓ ଏବଂ ଭଏସ୍ କ୍ଲୋନିଂ ପ୍ରଯୁକ୍ତିର ବ୍ୟାପକ ଦୁରୁପଯୋଗ ହୋଇପାରେ ବୋଲି ଦିଲ୍ଲୀ ପୋଲିସ ସାଇବର କ୍ରାଇମ୍ ୟୁନିଟ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେଭଳି କଣ୍ଟେଣ୍ଟଗୁଡ଼ିକୁ ଠିକ୍ ସମୟରେ ଠାବ କରିବା ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ସେ ବିଶ୍ୱାସ କରୁଛନ୍ତି।

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାରରେ ପ୍ରସ୍ତୁତ ହେଉଥିବା ଜାଲ୍ ଭିଡିଓ କଣ୍ଟେଣ୍ଟକୁ ସ୍ୱତଃ ଚିହ୍ନଟ କରିବା ଓ ମୌଳିକ କଣ୍ଟେଣ୍ଟ ସହ ସେଥିରେ ଥିବା ପାର୍ଥକ୍ୟ ବାହାର କରିବା ପାଇଁ ସେଭଳି କୌଣସି ପ୍ରଯୁକ୍ତି ଏପର୍ଯ୍ୟନ୍ତ ବାହାରିନାହିଁ। ଏ ସମ୍ପର୍କରେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଅବଗତ ହେବା ପୂର୍ବରୁ ସୋସିଆଲ ମିଡିଆରେ ତାହା ପ୍ରସାରିତ ହୋଇ ବହୁତ କ୍ଷତି କରିସାରିଥିବ ବୋଲି ଅଫିସର ଜଣକ କହିଛନ୍ତି। ଗତ ଜାନୁଆରୀରେ ଆମେରିକାରେ ଡେମୋକ୍ରାଟିକ୍ ପାର୍ଟିର ନ୍ୟୁହାମ୍ପସାୟାର ପ୍ରାଇମେରି ଚାଲିଥିବାବେଳେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସ୍ୱରକୁ ନକଲ କରି ଏକ ରୋବୋକଲ୍ ହୋଇଥିଲା, ଯେଉଁଥିରେ ଭୋଟରମାନଙ୍କୁ ଅଂଶଗ୍ରହଣ ନ କରିବାକୁ ଭୁଲ୍ ପରାମର୍ଶ ଦିଆଯାଇଥିଲା। ଏହା ସାଧାରଣ ନିର୍ବାଚନରେ ସେମାନଙ୍କ ଯୋଗ୍ୟତାକୁ ପ୍ରଭାବିତ କରିବ ବୋଲି ଦର୍ଶାଯାଇଥିଲା। ସ୍ଲୋଭାକିଆରେ ଏକ ଏଆଇ ପ୍ରସ୍ତୁତ ଭଏସ୍ ଜଣେ ପ୍ରାର୍ଥୀଙ୍କ ସ୍ୱରକୁ ନକଲ କରିଥିଲା, ଯେଉଁଥିରେ ପ୍ରାର୍ଥୀ ଜଣକ ମଦ ଦର ବଢ଼ାଇବା ଯୋଜନା ଏବଂ ନିର୍ବାଚନରେ ରିଗିଂ କରିବା ନେଇ ଆଲୋଚନା କରୁଥିଲେ। ଏହା ଫେସ୍‌ବୁକ୍‌ରେ ଜୋର୍‌ଦାର ପ୍ରସାରିତ ହୋଇଥିଲା। ଗତବର୍ଷ ଫେବୃଆରୀରେ ନାଇଜେରିଆ ନିର୍ବାଚନ ବେଳେ ରାଷ୍ଟ୍ରପତି ପ୍ରାର୍ଥୀ ବାଲଟ୍ ଜାଲିଆତି କରିବା ଯୋଜନା କରୁଥିବାର ମିଥ୍ୟା ଅଡିଓ କ୍ଲିପ୍ ପ୍ରସାରିତ ହୋଇଥିଲା। ବାଂଲାଦେଶ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ଦଳ ନେତ୍ରୀ ରୁମିନ ଫାର୍‌ହାନା ବିକିନି ପିନ୍ଧିଥିବା ଏବଂ ନିପୁନ ରାୟ ସୁଇମିଂ ପୁଲ୍‌ରେ ଥିବାର ଡିପ୍‌ଫେକ୍ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

ଏଆଇ ପ୍ରସ୍ତୁତ ମିଥ୍ୟା ସୂଚନାର ବ୍ୟାପକ ପ୍ରସାର ନିର୍ବାଚନୀ ପ୍ରକ୍ରିୟା ଏବଂ ଗଣତାନ୍ତ୍ରିକ ପ୍ରତିଷ୍ଠାନ ଉପରେ ଥିବା ଜନସାଧାରଣଙ୍କ ବିଶ୍ୱାସକୁ ନଷ୍ଟ କରିଦେଇପାରେ ବୋଲି ପୂର୍ବତନ ଆଇପିଏସ୍ ଅଫିସର ତଥା ସାଇବର ସିକ୍ୟୁରିଟି ବିଶେଷଜ୍ଞ ତ୍ରିବେଣୀ ସିଂ କହିଛନ୍ତି। ଏଥିପାଇଁ ସରକାର ସାଇବର ସୁରକ୍ଷା ବିଶେଷଜ୍ଞ, ପ୍ରଯୁକ୍ତି କମ୍ପାନୀ, ସିଭିଲ୍ ସୋସାଇଟି ସଂଗଠନଗୁଡ଼ିକ ସହ ପରାମର୍ଶ କରି ଏଆଇ ଉପକରଣଗୁଡ଼ିକର ମୂଲ୍ୟାୟନ ଏବଂ ଅନୁମୋଦନ ପାଇଁ ସ୍ୱଚ୍ଛ ଓ ନିରପେକ୍ଷ ଗାଇଡ୍‌ଲାଇନ ଆଣିବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।

ନିର୍ବାଚନ ବେଳେ ଏଆଇ ଦ୍ୱାରା ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ କ'ଣ ପଦକ୍ଷେପ ନିଆଯାଉଛି ବୋଲି ପ୍ରଶ୍ନ ହେବାରୁ ତ୍ରିବେଣୀ କହିଥିଲେ, ଆପତ୍ତିଜନକ ଅନ୍‌ଲାଇନ କଣ୍ଟେଣ୍ଟକୁ ହଟାଇବା ପାଇଁ କେନ୍ଦ୍ର ସରକାର ନୋଡାଲ ସଂସ୍ଥା ଭାବେ ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ ସେଣ୍ଟର (ଆଇ୪ସି) ଗଠନ କରିଛନ୍ତି। ଅନ୍‌ଲାଇନରେ ଦୁର୍ଭାବନାପୂର୍ଣ୍ଣ ବିଷୟବସ୍ତୁ ସମ୍ପର୍କରେ ଯେକୌଣସି ରାଜ୍ୟର ପୋଲିସଠାରୁ ସୂଚନା ପାଇବାମାତ୍ରେ ଆଇ୪ସି ଉକ୍ତ ସୋସିଆଲ ମିଡିଆ କମ୍ପାନୀ ପାଖରେ ପହଞ୍ଚି ତାହାକୁ ଡିଲିଟ୍ କରାଇଥାନ୍ତି। ଜାଲ୍ ଖବର କିମ୍ବା ଅନୁପଯୁକ୍ତ ବିଷୟବସ୍ତୁ ଚିହ୍ନଟ ଲାଗି ରାଜ୍ୟ ପୋଲିସର ସାଇବର କ୍ରାଇମ୍ ୟୁନିଟ୍ ଅନ୍‌ଲାଇନ ପାଟ୍ରୋଲିଂ କରୁଛି। ଡିପ୍‌ଫେକ୍ ଏବଂ ଭଏସ୍ କ୍ଲୋନିଂକୁ ଚିହ୍ନଟ ଓ ସମୀକ୍ଷା କରିବା ପାଇଁ ସୁରକ୍ଷା ଏଜେନ୍ସି ଏକ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଛି। ନିର୍ବାଚନ ଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଉକ୍ତ ଟିମ୍ ୨୪ ଘଣ୍ଟା ଉପଲବ୍ଧ ହେବ। ଭୋଟରଙ୍କୁ ଡିପ୍‌ଫେକ୍ ଏବଂ ଭଏସ୍ କ୍ଲୋନିଂ ସମ୍ପର୍କରେ ସଚେତନ କରାଇବାକୁ ସଚେତନତା ଅଭିଯାନ ଲାଗି ସେ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି।

### ଇମ୍ରାନଙ୍କ ୧୪ ବର୍ଷ ଜେଲଦଣ୍ଡ ଉପରେ ରୋକ



ଇସ୍‌ଲାମାବାଦ୍, ୧।୪

ତୋଷାଖାନା ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଓ ସ୍ତ୍ରୀ ବୁଶ୍‌ରା ବିବିଙ୍କୁ ଆଶ୍ୱସ୍ତି ମିଳିଛି। ଏହି ମାମଲାରେ ପୂର୍ବରୁ ଉଭୟଙ୍କୁ ୧୪ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଯାଇଥିବାବେଳେ ସୋମବାର ଏହା ଉପରେ ଇସ୍‌ଲାମାବାଦ୍ ହାଇକୋର୍ଟ ରୋକ୍ ଲଗାଇଛନ୍ତି। ଗତ ଜାନୁଆରୀ ୩୧ରେ ଏହି ଦମ୍ପତିଙ୍କୁ ଇସ୍‌ଲାମାବାଦ୍ ଆକାଉଣ୍ଟେବିଲିଟି କୋର୍ଟ ୧୪ ବର୍ଷ ଜେଲଦଣ୍ଡ ଶୁଣାଇଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଆମେର ଫାରୁକ୍‌ଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ପୂର୍ବ ଦଣ୍ଡାଦେଶକୁ ସ୍ଥଗିତ ରଖିଛନ୍ତି।



### ପଶ୍ଚିମବଙ୍ଗରେ ଘୂର୍ଣ୍ଣିଝଡ଼ର ତାଣ୍ଡବ: ୫ ମୃତ

ଜଲ୍‌ପାଇଗୁଡ଼ି, ୧।୪

ପଶ୍ଚିମବଙ୍ଗରେ ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଛି। ଜଲ୍‌ପାଇଗୁଡ଼ି ଜିଲାର କେତେକ ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଭୟଙ୍କର ଘୂର୍ଣ୍ଣିଝଡ଼ ଯୋଗୁ ୫ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୦୦ରୁ ଅଧିକ ଆହତ ହୋଇଛନ୍ତି। ପ୍ରବଳ ବେଗରେ ପବନ ବହିବାରୁ ୮୦୦ ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ବହୁ ବିଦ୍ୟୁତ ଖୁଣ୍ଟ ଉପୁଡ଼ିବା ସହ ଅନେକ ଗଛ ଟଳି ପଡ଼ିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ଭେଟିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ମୃତକ ଓ ଆହତଙ୍କ ପରିବାରକୁ ଯଥାସମ୍ଭବ ସହାୟତା କରାଯିବ ବୋଲି ସେ କହିଛନ୍ତି।

### ନିର୍ବାଚନ ଯାଏ ହେବନି କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୧।୪(ପି.ଟି.)

- କଂଗ୍ରେସକୁ ୩,୫୦୦ କୋଟିର ଟିକସ ନୋଟିସ
- ସୁପ୍ରିମକୋର୍ଟଙ୍କୁ ଜଣାଇଲା ଆୟକର ବିଭାଗ

କଂଗ୍ରେସ ଦଳକୁ ଆୟକର ବିଭାଗ ୩,୫୦୦ କୋଟି ଟଙ୍କାର ଟିକସ ନୋଟିସ ପଠାଇଥିଲେ ମଧ୍ୟ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏବେ କୌଣସି ବଳପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନାହିଁ। ଆୟକର ବିଭାଗ ସୁପ୍ରିମକୋର୍ଟଙ୍କୁ ସୋମବାର ଏହା ଜଣାଇବା ଫଳରେ କଂଗ୍ରେସ ଆଶ୍ୱସ୍ତ ହୋଇଛି। ଆୟକର ବିଭାଗ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ଏହା ଜଣାଇବା ପରେ ବିଚାରପତି ବି.ଭି. ନାଗରତ୍ନା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ତାଙ୍କ ମନ୍ତବ୍ୟକୁ ରେକର୍ଡ କରିଛନ୍ତି। ମାର୍ଚ୍ଚ ମାସର ବିଭିନ୍ନ ତାରିଖରେ ପ୍ରତିପକ୍ଷଙ୍କ ବିରୋଧରେ ଟ୍ୟାକ୍ସ ଡିମାଣ୍ଡ ଉଠାଯାଇଥିବାରୁ ଏଥିରେ କୌଣସି ବିବାଦ ନାହିଁ। କଂଗ୍ରେସ ଉପରେ ମୋଟ ୩,୫୦୦ କୋଟିରୁ ଅଧିକ ଟଙ୍କାର ଟିକସ ବକେୟା ରହିଥିବା ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ବକେୟା ଟିକସ ଆଦାୟ ପାଇଁ ବଳପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଆୟକର ବିଭାଗ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। କଂଗ୍ରେସର ପିଟିଶନ ଉପରେ ପରବର୍ତ୍ତୀ ଶୁଣାଣି ଜୁଲାଇ ୨୪କୁ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ, ୨୦୨୪-୨୫ରୁ ୨୦୧୬-୧୭ ନିର୍ଦ୍ଧାରଣ ବର୍ଷ ନିମନ୍ତେ ଆୟକର ବିଭାଗ ଦିନକ ପୂର୍ବରୁ କଂଗ୍ରେସକୁ ୧,୭୪୫ କୋଟି ଟଙ୍କା ଟିକସ ଦାବି କରି ନୋଟିସ ପଠାଇଥିଲା। ଏହା ପୂର୍ବରୁ ଗତ ଶୁକ୍ରବାର ଆୟକର ବିଭାଗ ୧,୮୨୩ କୋଟି ଟଙ୍କାର ନୋଟିସ ଦେଇଥିଲା।

### ଦିଲୀପ ଘୋଷ ଓ ସୁପ୍ରିୟା ଶ୍ରୀନେତଙ୍କୁ ଇସିଙ୍କ ଚେତାବନୀ

ନୂଆଦିଲ୍ଲୀ, ୧।୪





ମହିଳାଙ୍କ ପ୍ରତି ଆପତ୍ତିଜନକ ବୟାନ ପାଇଁ ଭାଜପା ଏମ୍‌ପି ଦିଲୀପ ଘୋଷ ଓ କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ୍‌ଙ୍କୁ ସୋମବାର ନିର୍ବାଚନ ଆୟୋଗ(ଇସି) ଚେତାବନୀ ଜାରି କରିଛନ୍ତି। ବୟାନ ଦେଉଥିବା ସମୟରେ ସତର୍କ ରହିବାକୁ ଉଭୟଙ୍କୁ ତାଗିଦ କରାଯାଇଛି। ଲୋକ ସଭା ନିର୍ବାଚନ ସମୟରେ ନେତାଙ୍କ ବୟାନ ଉପରେ ଇସିଙ୍କ ବିଶେଷ ନଜର ରହିବ। ୨ ନେତା ଅତି ନିମ୍ନ ସ୍ତରକୁ ଯାଇ ବ୍ୟକ୍ତିଗତ ଆକ୍ରମଣ କରିଥିବାରୁ ଏହା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ। ଭବିଷ୍ୟତରେ ସାର୍ବଜନିକ ଭାବେ ବୟାନ ଦେବା ସମୟରେ ସତର୍କତା ଅବଲମ୍ବନ କରିବାକୁ ଉଭୟ ନେତାଙ୍କୁ ଇସି ଚେତାବନୀ ଦେଇଛନ୍ତି। ପୂର୍ବରୁ ଇସି ସେମାନଙ୍କୁ ନୋଟିସ ଜାରି କରି ଜବାବ ମାଗିଥିଲେ। ସୂଚନାଯୋଗ୍ୟ, କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ୍ ବଲିଉଡ୍ ଅଭିନେତ୍ରୀ ତଥା ହିମାଚଳ ପ୍ରଦେଶ ମଣ୍ଡିରୁ ଭାଜପା ପ୍ରାର୍ଥୀ କଙ୍ଗନା ରାଣାୱତ୍‌ଙ୍କୁ ନେଇ ଏକ ଆପତ୍ତିଜନକ ପୋଷ୍ଟ କରିଥିଲେ। ଏହାକୁ ନେଇ ଆପତ୍ତି ଉଠିବା ପରେ ସେ ପୋଷ୍ଟକୁ ଡିଲିଟ୍ କରିଦେଇଥିଲେ। ସେହିପରି ଭାଜପା ଏମ୍‌ପି ଦିଲୀପ ଘୋଷ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରତି ଆପତ୍ତିଜନକ ବୟାନ ଦେଇଥିଲେ।

### ଆର୍‌ବିଆଇକୁ ୯୦ ବର୍ଷ

### ସ୍ୱତନ୍ତ୍ର ୯୦ ଟଙ୍କିଆ କଏନ୍ ଜାରି ହେଲା

ନୂଆଦିଲ୍ଲୀ,୧।୪

ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସୋମବାର ଏହାର ୯୦ତମ ବାର୍ଷିକୀ ପୂରଣ କରିଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଉଦ୍‌ବୋଧନ ଦେବା ସହ ସ୍ୱତନ୍ତ୍ର ୯୦ ଟଙ୍କିଆ କଏନ୍ ଜାରି କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଏବଂ ଆର୍‌ବିଆଇର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଅର୍ଥ ମନ୍ତ୍ରଣାଳୟ ଆର୍‌ବିଆଇର ୯୦ତମ ବାର୍ଷିକୀକୁ ମନେରଖିବା ପାଇଁ ସ୍ୱତନ୍ତ୍ର ୯୦ ଟଙ୍କିଆ ସ୍ମାରକୀ ମୁଦ୍ରା ଉନ୍ମୋଚନ କରିଛି। ୯୯.୯୯ ପ୍ରତିଶତ ସମ୍ପୂର୍ଣ୍ଣ ରୁପାରେ ତିଆରି ଏହି ମୁଦ୍ରାର ଓଜନ ୪୦ ଗ୍ରାମ, ଯାହା ଆର୍‌ବିଆଇର ୯ ଦଶନ୍ଧି ସମୟର ସମୃଦ୍ଧ ଇତିହାସ ଓ ଉପଲବ୍ଧିକୁ ସୂଚାଉଛି। ମୁଦ୍ରାର ମଧ୍ୟଭାଗରେ ଆର୍‌ବିଆଇର ପ୍ରତୀକ ସହ ତଳେ 'RBI@90' ଲେଖା ରହିଛି। ଏହା ବ୍ୟତୀତ ଭାରତର ସାଂସ୍କୃତିକ ଐତିହ୍ୟ ଓ ଗଣତାନ୍ତ୍ରିକ ସିଦ୍ଧାନ୍ତର ପ୍ରତୀକ ଅଶୋକ ସ୍ତମ୍ଭ ତଳେ ଜାତୀୟ ଆଦର୍ଶ ବାକ୍ୟ 'ସତ୍ୟମେବ ଜୟତେ' ଦେବନାଗରୀ ଲିପିରେ ଖୋଦିତ ହୋଇଛି। ଆର୍‌ବିଆଇ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଭାବେ କାର୍ଯ୍ୟ କରିଥାଏ। ହିଲଟନ୍ ୟଙ୍ଗ୍ କମିଶନଙ୍କ ସୁପାରିସ କ୍ରମେ ଆର୍‌ବିଆଇ ପ୍ରତିଷ୍ଠା ହୋଇଥିଲା। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅଧିନିୟମ ୧୯୩୪ ଦ୍ୱାରା ଏହା ପରିଚାଳିତ। ୧୯୩୫ ଏପ୍ରିଲ ୧ରୁ ଏହି ବ୍ୟାଙ୍କ ଆନୁଷ୍ଠାନିକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୯୦ ଟଙ୍କିଆ ସ୍ମାରକୀ କଏନ୍ ଉନ୍ମୋଚନ କରୁଛନ୍ତି। ପାଖରେ ଅଛନ୍ତି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ।

## ଫୁର୍‌ସତ୍

### ଆଜି ବିଶ୍ୱ ଅଟିଜମ୍ ସଚେତନତା ଦିବସ

# ସଚେତନତା ଜରୁରୀ



ପ୍ରତିବର୍ଷ ଏପ୍ରିଲ ୨ରେ ବିଶ୍ୱ ଅଟିଜମ୍ ସଚେତନତା ଦିବସ ପାଳନ କରାଯାଏ। ଆମ ଦେଶରେ ପ୍ରାୟ ୫୦ ଲକ୍ଷ ପିଲା ଅଟିଜମ୍ ଦ୍ୱାରା ପ୍ରଭାବିତ। ଭାରତରେ ଅଟିଜମ୍‌ର ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ସଚେତନତାର ଘୋର ଅଭାବ ରହିଛି। ଫଳରେ ଠିକ୍ ସମୟରେ ଏହି ରୋଗର ଲକ୍ଷଣ ଚିହ୍ନି ଉପଯୁକ୍ତ ଚିକିତ୍ସା କରାଯାଇପାରୁ ନାହିଁ। ଅଟିଜମ୍ ହେଉଛି ଏକ ମସ୍ତିଷ୍କ ବିକାଶ ସମ୍ବନ୍ଧୀୟ ରୋଗ ଯାହା ସାଧାରଣତଃ ଶୈଶବାବସ୍ଥାରୁ ଆରମ୍ଭ ହୋଇଥାଏ। ଏହି ରୋଗରେ ସାମାଜିକ ସମ୍ପର୍କ ସ୍ଥାପନ, ଭାବର ଆଦାନ ପ୍ରଦାନ ଓ ଭାଷାର ପରିପ୍ରକାଶ ଆଦିରେ ଅସୁବିଧା ଦେଖାଯାଇଥାଏ। ଜିନ୍‌ଗତ ଓ ପରିପାର୍ଶ୍ୱିକ କାରଣଗୁଡ଼ିକ ଯୋଗୁ ଏହି ରୋଗ ଆରମ୍ଭ ହୋଇପାରେ।

ଅଟିଜମ୍ ରୋଗରେ ୧ ବର୍ଷ ବୟସ ସୁଦ୍ଧା ଏହି ଶିଶୁମାନଙ୍କୁ ନିଜ ନାଁ ଧରି ଡାକିଲେ ସେମାନେ ଜାଣିପାରନ୍ତି ନାହିଁ। ସେମାନେ ୧୬ ମାସ ବୟସ ସୁଦ୍ଧା ଗୋଟିକିଆ ଶବ୍ଦ କହିପାରନ୍ତି ନାହିଁ। ୨୪ ମାସ ବୟସ ସୁଦ୍ଧା ୨ ଶବ୍ଦ ବିଶିଷ୍ଟ ବାକ୍ୟ କହିପାରନ୍ତି ନାହିଁ। ୧ ରୁ ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ, ନିଜ ଆଖପାଖ ଲୋକଙ୍କ ସହ ମିଳାମିଶା କରନ୍ତି ନାହିଁ। ସେମାନେ ଅନ୍ୟମାନଙ୍କ ସହ ଆଖିରେ ଆଖି ମିଳାଇପାରନ୍ତି ନାହିଁ। ଏହି ପିଲାମାନେ ସବୁବେଳେ ଏକୁଟିଆ କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି। ସେମାନେ ଖେଳଣା ସହ ନ ଖେଳି ଘରକରଣା ଜିନିଷ ସହିତ ଖେଳନ୍ତି। ଅଟିଜମ୍ ରୋଗରେ ଆକ୍ରାନ୍ତ ପିଲାର ଭାଷାର ବିକାଶରେ ଅସୁବିଧା ହୋଇ ଥାଏ। ସେମାନଙ୍କର ଭାଷାର ବିକାଶ ବିଳମ୍ବ ହୋଇପାରେ କିମ୍ବା ଭାଷା ଅସ୍ୱାଭାବିକ ହୋଇପାରେ। କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦର ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ। ଅଟିଜମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱାଭାବିକତା ଦେଖା ଯାଇଥାଏ। କେତେକ ନିର୍ଦ୍ଦିଷ୍ଟ ବ୍ୟବହାରକୁ ବାରମ୍ବାର କରିଥାନ୍ତି; ଯେମିତିକି ଆଗକୁ ପଛକୁ ଦୋହଲିବା, ଆଖି ଆଗରେ ଆଙ୍ଗୁଠି ମୋଡ଼ିବା, ଗୋଲ ଗୋଲ ହୋଇ ଘୂରିବା, କେତେକ ନିର୍ଦ୍ଦିଷ୍ଟ ଶବ୍ଦକୁ ବାରମ୍ବାର କହିବା ଇତ୍ୟାଦି।

ପ୍ରାରମ୍ଭିକ ଅବସ୍ଥାରେ ଅଟିଜମ୍ ରୋଗର ଲକ୍ଷଣକୁ ଚିହ୍ନି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ। ଏଥିପାଇଁ ମୁଖ୍ୟତଃ ବିଭିନ୍ନ ବ୍ୟବହାରିକ ଚିକିତ୍ସା ପଦ୍ଧତି (ସେନ୍‌ସୋରି ଇଣ୍ଟିଗ୍ରେସନ ଥେରାପି, ସ୍ପିଚ୍ ଥେରାପି) ସହିତ କେତେକ ଔଷଧ ବ୍ୟବହାର କରା ଯାଇଥାଏ। ଏହି ଚିକିତ୍ସା ପଦ୍ଧତି ଦ୍ୱାରା ପିଲାର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ। ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ। ପିଲାର ବ୍ୟବହାରିକ ସମସ୍ୟା ନିମନ୍ତେ କେତେକ ଔଷଧ ବ୍ୟବହାର କରାଯାଇଥାଏ। ଅଭିଭାବକମାନେ ଧୈର୍ଯ୍ୟର ସହ ପିଲାର ଚିକିତ୍ସା କରାଇଲେ ଧୀରେ ଧୀରେ ତା'ର ବ୍ୟବହାରରେ ଅନେକ ପରିବର୍ତ୍ତନ ଦେଖାଯାଇଥାଏ। ନୂତନ ଭିନ୍ନକ୍ଷମ ଆଇନ ଅନୁସାରେ ଅଟିଜମ୍ ରୋଗରେ ଆକ୍ରାନ୍ତ ପିଲାମାନଙ୍କୁ ଏବେ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଉଛି। ଫଳରେ ସେମାନେ ଅନେକ ମାତ୍ରାରେ ଉପକୃତ ହୋଇପାରୁଛନ୍ତି।

**-ଡା. ସତ୍ୟକାମ ମହାପାତ୍ର,**
ମାନସିକ ରୋଗ ବିଶେଷଜ୍ଞ, କଟକ
ମୋ : ୮୮୯୫୨୯୩୯୯୭

# ପ୍ରତି ଗାଁରେ ବିଅର୍ ବାର୍: ମହିଳା ପ୍ରାର୍ଥୀଙ୍କ ଅଜବ ପ୍ରତିଶ୍ରୁତି

ମୁମ୍ବାଇ



ଲୋକ ସଭା ନିର୍ବାଚନ ପାଇଁ ଏବେ ଦେଶରେ ରାଜନୈତିକ ମାହୋଲ ସରଗରମ ହୋଇଉଠିଛି। ଲୋକଙ୍କ ମନ ଜିଣିବା ପାଇଁ ନେତାଏ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେବାକୁ ପଛାଉ ନାହାନ୍ତି। ଏସବୁ ମଧ୍ୟରେ ଏବେ ଚର୍ଚ୍ଚାରେ ରହିଛି ପ୍ରତି ଗାଁରେ ବାର୍ ଖୋଲିବା ନେଇ ପ୍ରତିଶ୍ରୁତି। ନିର୍ବାଚନ ଜିତିଲେ ଲୋକଙ୍କ ପାଇଁ ସବୁ ଗାଁରେ ବିଅର୍ ବାର୍ ଖୋଲିବେ ବୋଲି ଜଣେ ମହିଳା ପ୍ରାର୍ଥୀ ପ୍ରତିଶ୍ରୁତି ଦେଇଛନ୍ତି।

ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲା ଚିମୁର ଗାଁର ବନିତା ରାଉତ ନିର୍ବାଚନ ପୂର୍ବରୁ ଏପରି ଏକ ଅଦ୍ଭୁତ ପ୍ରତିଶ୍ରୁତି ଦେଇଛନ୍ତି। ଚଳିତ ଲୋକ ସଭା ନିର୍ବାଚନରେ ସେ ଅଖିଳ ଭାରତୀୟ ମାନବତା ପାର୍ଟିର ଟିକେଟରୁ ଚନ୍ଦ୍ରପୁର ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନିର୍ବାଚନରେ ବିଜୟୀ ହେଲେ ଗରିବ ଭୋଟରଙ୍କ ପାଇଁ ପ୍ରତି ଗାଁରେ ବିଅର ବାର୍ ଖୋଲିବେ ବୋଲି ସେ ଘୋଷଣା କରିଛନ୍ତି। ସେହିପରି ତାଙ୍କ ସାଂସଦ ପାଣ୍ଠିରୁ ଗରିବ ଲୋକମାନଙ୍କୁ ମାଗଣାରେ ହ୍ୱିସ୍କି ଯୋଗାଇଦେବେ ବୋଲି ବନିତା ଘୋଷଣା କରିଛନ୍ତି। ତାଙ୍କର ସ୍ଲୋଗାନ ରହିଛି 'ଯେଉଁଠି ଗାଁ, ସେଇଠି ରହିବ ବିଅର ବାର୍'। ଏଭଳି ପ୍ରତିଶ୍ରୁତିର ଯଥାର୍ଥତାକୁ ମଧ୍ୟ ସେ ବଖାଣିଛନ୍ତି। ଅନେକ ଗରିବ ଲୋକ କଠିନ ପରିଶ୍ରମ କରୁଥିବା ବେଳେ ମଦ୍ୟପାନ ସେମାନଙ୍କୁ ଆଶ୍ୱସ୍ତି ଦେଇଥାଏ। କିନ୍ତୁ ସେମାନେ ଦାମୀ ହ୍ୱିସ୍କି କିମ୍ବା ବିଅର କିଣିପାରୁ ନ ଥିବାରୁ କେବଳ ଦେଶୀ ମଦ ଅତ୍ୟଧିକ ପରିମାଣରେ ପିଇବାକୁ ବାଧ୍ୟ ହୋଇଥାନ୍ତି। ଫଳରେ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଉଥିବା ବନିତା କହିଛନ୍ତି। ଆମଦାନୀ ହେଉଥିବା ମଦକୁ ଲୋକମାନେ ଉପଭୋଗ କରିବାକୁ ଚାହୁଁଥିବା ସେ କହିଛନ୍ତି।

ତେବେ ବନିତା ପ୍ରଥମ ଥର ପାଇଁ ଲୋକ ସଭା ନିର୍ବାଚନ ଲଢୁ ନାହାନ୍ତି। ପୂର୍ବରୁ ସେ ୨୦୧୯ ଲୋକ ସଭା ନିର୍ବାଚନରେ ନାଗପୁର ଆସନରୁ ପ୍ରାର୍ଥୀ ହୋଇଥିଲେ। ସେହିପରି ୨୦୧୯ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ସେ ଚିମୁର୍ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ଉଭୟ ନିର୍ବାଚନରେ ବନିତା ନିଜ ଅମାନତ ହରାଇଥିଲେ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years


ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ୍ ୨/୨୦୨୪ | Bhubaneswar, Tuesday, April 2/2024 | ପୃଷ୍ଠା-୧





**ସଂଘର୍ଷ କରିଛନ୍ତି ଭାରତୀ**
ହାସ୍ୟ ଅଭିନେତ୍ରୀ ଭାରତୀ ସିଂ ଅତୀତରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବହୁ ସଂଘର୍ଷ କରି ସଫଳତା ହାସଲ କରିଥିବା ଏକ ସାକ୍ଷାତ୍କାରରେ ସେ କହିଛନ୍ତି। ୦୯

୧୦ **ମୀରାବାଈଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା**
ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ଭାରତୀୟ ଭାରୋତ୍ତୋଳିକା ମୀରାବାଈ ଚାନୁ।



ଓଡ଼ିଶା ଦିବସ ପାଳନ ଅବସରରେ ସୋମବାର କଟକ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ବାରବାଟୀ ଦୁର୍ଗ ନିକଟରୁ ବାହାରିଥିବା ଗଣଦୌଡ଼ରେ ସାମିଲ ଛାତ୍ରୀଛାତ୍ର। **(ଫଟୋ: ରାଜକିଶୋର ମହାନ୍ତି)**

# ଜେଲ ଗଲେ କେଜ୍‌ରିୱାଲ

**ନୂଆଦିଲ୍ଲୀ,୧।୪**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତ ମିଆଦ ସୋମବାର ଶେଷ ହେବା ପରେ ଅଦାଲତ ତାଙ୍କୁ ଦୁଇ ସପ୍ତାହ ପାଇଁ ଜେଲ ପଠାଇ ଦେଇଛନ୍ତି। କେଜ୍‌ରିୱାଲ ତଦନ୍ତରେ ସହଯୋଗ କରୁ ନ ଥିବା ଇଡି କହିବା ସହ ଅଧିକ ଦିନ ରିମାଣ୍ଡରେ ନେବାକୁ ନ ଚାହିଁବାରୁ ତାଙ୍କୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ଜେଲ ପଠାଯାଇଛି। ତିହାର ଜେଲ ଯିବା ପୂର୍ବରୁ ସ୍ତ୍ରୀ ସୁନୀତା ଏବଂ ମନ୍ତ୍ରୀ ଆତିଶୀ ଓ ସୌରଭ ଭରଦ୍ୱାଜଙ୍କୁ ଭେଟିବା ପାଇଁ ଅଦାଲତ କେଜ୍‌ରିୱାଲଙ୍କୁ ଅନୁମତି ଦେଇଥିଲେ। ତିହାର ଜେଲରେ ରହିବାରେ ସେ ହେବେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଚତୁର୍ଥ ନେତା। ତାଙ୍କୁ ତିହାରର ଜେଲ୍ ନମ୍ବର ୨ରେ ରଖାଯିବ। ମନୀଷ ସିସୋଦିଆ ୧ ନମ୍ବର, ସତ୍ୟେନ୍ଦ୍ର ଜୈନ ୭ ନମ୍ବର ଏବଂ ସଞ୍ଜୟ ସିଂ ୫ ନମ୍ବର ଜେଲରେ ରହିଛନ୍ତି। ସେହିପରି ଅବକାରୀ ଦୁର୍ନୀତି ସହ ସମ୍ପୃକ୍ତ ବିଆରଏସ୍ ନେତ୍ରୀ କେ. କବିତା ୬ ନମ୍ବର ଜେଲର ମହିଳା ସେକ୍ସନରେ ରହିଛନ୍ତି। ଜେଲ ନିୟମ ଅନୁଯାୟୀ କେଜ୍‌ରିୱାଲଙ୍କୁ ସକାଳ ୬ଟା ୩୦ ମିନିଟରେ ଶଯ୍ୟା ଛାଡ଼ିବାକୁ ପଡ଼ିବ। ପ୍ରାତଃ ଭୋଜନରେ ତାଙ୍କୁ ଚା' ସହ ବ୍ରେଡ ମିଳିବ। ସାଢ଼େ ୧୦ରୁ ୧୧ଟା ମଧ୍ୟରେ ତାଙ୍କୁ ମଧ୍ୟାହ୍ନ ଭୋଜନରେ ଡାଲି, ପରିବା ତରକାରି, ୫ଟି ରୁଟି କିମ୍ବା ଭାତ ଦିଆଯିବ। ଅପରାହ୍ନ ୩ଟା ୩୦ ମିନିଟରେ କପେ ଚା' ସହ ଦୁଇଟି ବିସ୍କୁଟ୍ ଏବଂ ସନ୍ଧ୍ୟା ୫ଟା ୩୦ରେ ଡିନର ଦିଆଯିବ। ଇଡି ହାଜତରୁ ସରକାର ଚଳାଉଥିବା କେଜ୍‌ରିୱାଲ ସପ୍ତାହରେ ୨ ଦିନ ପରିବାର ସଦସ୍ୟଙ୍କୁ ଭେଟିପାରିବେ। ସୂଚନାଯୋଗ୍ୟ, ଅବକାରୀ ନୀତି ଦୁର୍ନୀତି ମାମଲାରେ କେଜ୍‌ରିୱାଲ ୯ ଥର ଇଡି ସମନକୁ ଏଡ଼ାଇଯିବା ପରେ ତାଙ୍କୁ ଗତ ୨୧ ତାରିଖରେ ଗିରଫ କରାଯାଇଥିଲା।

## ଆତିଶୀ ଓ ସୌରଭଙ୍କ ନାଁ ନେଲେ

**ନୂଆଦିଲ୍ଲୀ,୧।୪**

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ଜେରା ବେଳେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନଙ୍କୁ ଆମ୍ ଆଦ୍‌ମୀ ପାର୍ଟିର ୨ ଜଣ ନେତାଙ୍କ ନାଁ କହିଛନ୍ତି। ସେମାନେ ହେଲେ ଆତିଶୀ ମାର୍ଲେନା ଏବଂ ସୌରଭ ଭରଦ୍ୱାଜ। ଅବକାରୀ ଦୁର୍ନୀତି ମାମଲାରେ ସହଅଭିଯୁକ୍ତ ଥିବା ବିଜୟ ନାୟାରଙ୍କ ସହ କିପରି ଯୋଗାଯୋଗ ଥିଲା ବୋଲି ଇଡି ଅଧିକାରୀମାନେ ପ୍ରଶ୍ନ କରିବାରୁ କେଜ୍‌ରିୱାଲ କହିଥିଲେ, ନାୟାର ତାଙ୍କୁ ନୁହେଁ, ବରଂ ଆତିଶୀ ଏବଂ ସୌରଭଙ୍କୁ ରିପୋର୍ଟ କରୁଥିଲେ। ନାୟାରଙ୍କ ସହ ତାଙ୍କର କଥାବାର୍ତ୍ତା ସୀମିତ ଥିଲା ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି। ତେବେ କେଜ୍‌ରିୱାଲ ତାଙ୍କ ଦଳୀୟ ସଦସ୍ୟମାନଙ୍କ ସମ୍ପର୍କରେ ଭୁଲ ତଥ୍ୟ ଦେଉଥିବା ଇଡି ଅଭିଯୋଗ କରିଛି। ସେ ପ୍ରଥମେ କହିଥିଲେ ଏନ୍.ଡି. ଗୁପ୍ତା ଦଳର ଜଣେ ସକ୍ରିୟ ସଦସ୍ୟ ଏବଂ ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ଅଛନ୍ତି। ସେ ଦଳର କାର୍ଯ୍ୟକ୍ରମ ସମ୍ପର୍କରେ ଜାଣନ୍ତି। ତେବେ ଗୁପ୍ତାଙ୍କ ବୟାନ ସହ ତାଙ୍କୁ ମୁହାଁମୁହିଁ କରାଇବାରୁ ଦଳର ଜାତୀୟ ଆବାହକ ଏଭଳି ନିଷ୍ପତ୍ତି ନିଅନ୍ତି ବୋଲି କହିଥିଲେ। କେଜ୍‌ରିୱାଲଙ୍କୁ ଦଳର ଜାତୀୟ କୋଷାଧ୍ୟକ୍ଷ କୁହାଯିବା ଦ୍ୱନ୍ଦ୍ୱରେ ପକାଇଥିବା ଇଡି କହିଛି।

# ଏପ୍ରିଲରୁ ଜୁନ୍ ଅସହ୍ୟ ତାତି

## ଅଧିକ ଦିନ ରହିବ ଗ୍ରୀଷ୍ମ ଲହର

**ନୂଆଦିଲ୍ଲୀ,୧।୪(ପି.ଟି.)**

ଲୋକ ସଭା ନିର୍ବାଚନ ଏପ୍ରିଲ ୧୯ରୁ ଜୁନ୍ ୧ ଯାଏ ୭ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏପ୍ରିଲରୁ ଜୁନ୍ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସୋମବାର ସତର୍କ କରାଇଛି। ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁଯାୟୀ ଏପ୍ରିଲରୁ ଜୁନ୍ ଦେଶର ଅଧିକାଂଶ ଭାଗରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ବିଶେଷକରି କେନ୍ଦ୍ରୀୟ ଏବଂ ପଶ୍ଚିମ ଉପଦ୍ୱୀପ ଅଞ୍ଚଳରେ ଅତ୍ୟଧିକ ଗ୍ରୀଷ୍ମ ପ୍ରଭାବ ରହିବ। ଅନ୍ୟପକ୍ଷରେ ପଶ୍ଚିମ ହିମାଳୟ ଅଞ୍ଚଳ, ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଏବଂ ଉତ୍ତର ଓଡ଼ିଶାରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ କିମ୍ବା ଏହାଠାରୁ କମ୍ ରହିପାରେ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି।

ଏହି ସମୟ ମଧ୍ୟରେ ସ୍ୱାଭାବିକଠାରୁ ଅଧିକ ଗ୍ରୀଷ୍ମଲହର ସମତଳ ଭୂମିର ଅଧିକାଂଶ ଅଞ୍ଚଳରେ ଅଧିକ ଦିନ ଧରି ଅନୁଭୂତ ହେବ। ସ୍ୱାଭାବିକ ଭାବେ ଗ୍ରୀଷ୍ମଲହର ଦିନ ସଂଖ୍ୟା ୪ରୁ ୮ ଦିନ ହୋଇଥିବାବେଳେ ଏଥର ବିଭିନ୍ନ ସ୍ଥାନରେ ୧୦ରୁ ୨୦ ଦିନ ରହିବ ବୋଲି ପାଣିପାଗ ବିଭାଗ କହିଛି। ଓଡ଼ିଶା ସମେତ ଗୁଜରାଟ, କେନ୍ଦ୍ରୀୟ ମହାରାଷ୍ଟ୍ର, ଉତ୍ତର କର୍ଣ୍ଣାଟକ, ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତର ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶରେ ଗ୍ରୀଷ୍ମଲହର ପ୍ରଭାବ ଅଧିକ ହେବ। ଏପ୍ରିଲରେ ଦେଶର ଅଧିକାଂଶ ଭାଗରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ବିଶେଷ କରି କେନ୍ଦ୍ରୀୟ ଦକ୍ଷିଣ ଭାରତରେ ଏହା ଅଧିକ ଅନୁଭୂତ ହେବ। ସେହିପରି ଏପ୍ରିଲରେ ସ୍ୱାଭାବିକରୁ କମ୍ ସର୍ବାଧିକ ତାପମାତ୍ରା ହିମାଳୟର ପଶ୍ଚିମାଞ୍ଚଳ ଏବଂ ଉତ୍ତରପୂର୍ବାଞ୍ଚଳ ☞ପୃଷ୍ଠା-୨

## ୪୦ ଡିଗ୍ରୀ ଛୁଇଁଲା ୮ ସହର

**ଭୁବନେଶ୍ୱର, ୧।୪(ଅନିଲ ଦାସ)**

ରାଜ୍ୟରେ ୨୪ ଘଣ୍ଟାର ବ୍ରେକ୍ ପରେ ପୁଣି ବଢ଼ିଛି ତାପମାତ୍ରା। ଅସମ୍ଭାଳ ଖରାତାତି ସହ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଖାଲି ଦିନ ନୁହେଁ, ରାତ୍ରିର ତାପମାତ୍ରା ମଧ୍ୟ ଅଧିକ ରହୁଛି। ସୋମବାର ୮ ସହରରେ ତାପମାତ୍ରା ୪୦ଡିଗ୍ରୀ ଛୁଇଁଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଝାରସୁଗୁଡ଼ା ଓ ବାରିପଦାରେ ସର୍ବାଧିକ ୪୦.୪ ଡିଗ୍ରୀ ତାପାମାତ୍ରା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୦.୩, ବୌଦ୍ଧ, ନୟାଗଡ଼, ଭବାନୀପାଟଣା, ତାଳଚେର ଓ ଟିଟିଲାଗଡ଼ରେ ୪୦ ଡିଗ୍ରୀ ଛୁଇଁଛି ପାରଦ। ସେହିଭଳି ଚାନ୍ଦବାଲିରେ ୩୯.୬, ଅନୁଗୋଳରେ ୩୯.୭, ଯାଜପୁରରେ ୩୯.୫, ପାରଳାଖେମୁଣ୍ଡି ୩୯.୬, ଢେଙ୍କାନାଳ ୩୯.୫, ଭୁବନେଶ୍ୱର ଓ କଟକରେ ୩୯.୪, ଯାଜପୁର ୩୯.୨ ଓ ରାୟଗଡ଼ାରେ ୩୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆଗକୁ ସ୍ଥିତି ଆହୁରି ବିଗିଡ଼ିଯିବ। ବିଶେଷକରି ଜୁନ୍ ଶେଷଯାଏ ୩ ମାସ ଲୋକେ ଅସହ୍ୟ ଗରମରେ କଲବଲ ପରିସ୍ଥିତିର ସମ୍ମୁଖୀନ ହେବେ।

ଚଳିତ ଏପ୍ରିଲରେ ସ୍ୱାଭାବିକଠାରୁ ଦିନ ତାପମାତ୍ରା ଅଧିକ ରହିବା ସହ ଗ୍ରୀଷ୍ମପ୍ରବାହ ଦିନ ସଂଖ୍ୟା ମଧ୍ୟ ଅଧିକ ରହିବା ସମ୍ଭାବନା ରହିଛି। ତେଣୁ ଏଥର ଅସ୍ୱାଭାବିକ ☞ପୃଷ୍ଠା-୨

## ସକାଳୁଆ ଖୋଲିବ ଅଙ୍ଗନୱାଡ଼ି କେନ୍ଦ୍ର

**ଭୁବନେଶ୍ୱର,୧।୪(ଅସମାପିକା ସାହୁ)**

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର କାର୍ଯ୍ୟ ସମୟକୁ ପରିବର୍ତ୍ତନ କରାଯାଇଛି। ସକାଳ ୭ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ଯାଏ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବାକୁ ଧାର୍ଯ୍ୟ କରାଯାଇଛି। ଏନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଖରା ଓ ଗରମକୁ ଦୃଷ୍ଟିରେ ରଖି ଅଙ୍ଗନୱାଡ଼ି କେନ୍ଦ୍ରରେ ଶୁଦ୍ଧ ପାନୀୟ ଜଳ ସହ ଯଥେଷ୍ଟ ପରିମାଣର ଓଆର୍‌ଏସ୍ ପ୍ୟାକେଟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ କ୍ରମାଗତ ଭାବେ ବଢୁଥିବା ତାପମାତ୍ରାକୁ ଆଖିଆଗରେ ରଖି ଆଗୁଆ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହଜନିତ ସ୍ଥିତିର ପ୍ରତିକାର ଓ ମୁକାବିଲା କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ପଣ୍ୟ କାରବାରରେ ପାରାଦୀପ ବନ୍ଦର ୧ ନମ୍ବର

**ପାରାଦୀପ,୧।୪(ଶରତ ରାଉତ)**


- ରେକର୍ଡ ୧୪୫.୩୮ ଏମ୍‌ଏମ୍‌ଟି କାରବାର
- ଦୀନଦୟାଲ କାଣ୍ଡଲା ପୋର୍ଟ ପଛରେ ରହିଗଲା

ଓଡ଼ିଶାର ଏକମାତ୍ର ସରକାରୀ ବୃହତ୍ ବନ୍ଦର ପାରାଦୀପ ଚଳିତ ଆର୍ଥିକ ବର୍ଷରେ ରେକର୍ଡ ୧୪୫.୩୮ ଏମ୍‌ଏମ୍‌ଟି (ମିଲିୟନ ମେଟ୍ରିକ ଟନ) ପଣ୍ୟ କାରବାର କରିଛି, ଯାହା ଦେଶର ସମସ୍ତ ବୃହତ୍‌ବନ୍ଦର କ୍ଷେତ୍ରରେ ସର୍ବାଧିକ। ଫଳରେ ପାରାଦୀପ ଏବେ ଦେଶରେ ୧ ନମ୍ବର ବନ୍ଦର ହୋଇଛି ବୋଲି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ୩୧ ମାର୍ଚ୍ଚ ୨୦୨୪ ମଧ୍ୟରାତ୍ରି ସୁଦ୍ଧା ଏହି କାରବାର ହୋଇଛି। ପୂର୍ବରୁ ଦୀନଦୟାଲ କାଣ୍ଡଲା ଗୁଜରାଟ ପୋର୍ଟ ୧ ନମ୍ବର ସ୍ଥାନରେ ଥିଲାବେଳେ ଏବେ ପାରାଦୀପ ଉକ୍ତ ସ୍ଥାନ ଅକ୍ତିଆର କରିଛି। ଏପରି ସଫଳତା ହାସଲ ପରେ ପ୍ରଶାସନିକ ଭବନରେ ବିଭାଗୀୟ ଅଧିକାରୀମାନେ ସ୍ୱତନ୍ତ୍ର ଭାବେ ଉତ୍ସବ ମନାଇଛନ୍ତି।

୨୦୨୩-୨୪ ବର୍ଷରେ ଉପକୂଳ ପରିବହନ ୫୯.୧୯ ଏମ୍‌ଏମ୍‌ଟି, ଥର୍ମାଲକୋଲ ୪୩.୯୭ ଏମ୍‌ଏମ୍‌ଟି ପଣ୍ୟ କାରବାର କରିଛି। ଏହି ସମୟ ମଧ୍ୟରେ ବନ୍ଦର ମଧ୍ୟରେ ୨୭୧୦ ଜାହାଜ ବୋଝେଇ ଖଲାସ କରାଯାଇଛି। ସେହିପରି ୨୧,୬୬୫ ଟ୍ରେନରେ ବୋଝେଇ ଖଲାସ ହୋଇଛି। ଏହାଦ୍ୱାରା ପାରାଦୀପ ବନ୍ଦର ଟିକସ ବାଦ ୮୫୦ କୋଟି ଟଙ୍କା ରାଜସ୍ୱ ପାଇଛି। ଏହା ପୂର୍ବ ବର୍ଷ ତୁଳନାରେ ୨୦ ପ୍ରତିଶତ ଅଧିକ। ଏଥିସହ ପାରାଦୀପ ବନ୍ଦର ଆଗାମୀ ଦିନ ପାଇଁ ବ୍ୟାପକ ଭିତ୍ତିଭୂମି ବିକାଶ ନିମନ୍ତେ ଯାନ୍ତ୍ରିକୀକରଣ ବ୍ୟବସ୍ଥା କରୁଛି। ଏବେ ୮୦% ଯାନ୍ତ୍ରିକୀକରଣ ହୋଇଛି। ଆଗାମୀ ୨୦୩୦ ସୁଦ୍ଧା ୧୦୦ ପ୍ରତିଶତ ଯାନ୍ତ୍ରିକିକରଣ ହେବ ବୋଲି କୁହାଯାଇଛି। ଏନେଇ ନୂତନ ୪ଟି ବର୍ଥ ନିର୍ମାଣ ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**
କଂକ୍ରିଟ ରୋକୁଛି ଜଳ


## ନୀରବିଗଲେ ଶାନ୍ତିଲତା



**ଶୋକ ପ୍ରକାଶ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୧।୪(ବନ୍ଦନା ସେଠୀ)**

ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ ଛୋଟରାୟଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି କ୍ୟାନ୍ସରରେ ପୀଡ଼ିତ ଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଛନ୍ତି। ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ସ୍ୱାମୀ ବସନ୍ତ କୁମାର ଛୋଟରାୟ ସୂଚନା ଦେଇଛନ୍ତି। ☞ପୃଷ୍ଠା-୨

# ଛିଣ୍ଡୁନି ଟିକେଟ ଅଙ୍କ, ଦୋଛକିରେ ୩ ଦଳ

## ଆଜି କଂଗ୍ରେସ ପ୍ରାର୍ଥୀ ଘୋଷଣା କରିପାରେ

**ଭୁବନେଶ୍ୱର,୧।୪ (ଅନିଲଦାସ)**

ନିର୍ବାଚନ ତାରିଖ ଘୋଷଣା ହେବାର ଦୁଇ ସପ୍ତାହ ବିତିଗଲାଣି। କିନ୍ତୁ ରାଜ୍ୟର ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀ ଘୋଷଣା ଶେଷ ହୋଇପାରିଲା ନାହିଁ।

ବିଜେଡି ଓ ଭାଜପାରେ ଆଶାୟୀଙ୍କ ଭିଡ଼ ବଢୁଥିବାବେଳେ କଂଗ୍ରେସ ଶିବିର ସେତେଟା ଚଳଚଞ୍ଚଳ ଭଳି ଲାଗୁ ନାହିଁ। ଦଳରେ ଦେଖାଦେଇଥିବା ଟିକେଟ ଉତ୍ତେଜନାକୁ ହ୍ରାସ କରିବାକୁ ଉଭୟ ବିଜେଡି ଓ ଭାଜପା ଦିନରାତି କସରତ କରୁଛନ୍ତି। ଆଶାୟୀମାନେ ଦୈନିକ ନବୀନ ନିବାସରେ ଭିଡ଼ ଜମାଉଥିବା ବେଳେ ଭାଜପା କାର୍ଯ୍ୟାଳୟରେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳୁଛି। ବିଜେଡି ମାର୍ଚ୍ଚ ୨୭ରେ ଦୁଇ ଦଫାରେ ୧୫ ଲୋକ ସଭା ପ୍ରାର୍ଥୀ ଓ ୭୨ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଭାଜପା ଦୁଇ ଦଫାରେ କେବଳ ୨୧ ଲୋକ ସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ହେଲେ ୧୪୭ ବିଧାନସଭା ଆସନ ପାଇଁ ଭାଜପା ଗୋଟିଏ ହେଲେ ପ୍ରାର୍ଥୀ ଘୋଷଣା କରି ନାହିଁ। ବିଧାନସଭା ଆସନରେ ଦେଖାଦେଉଥିବା ବିବାଦ ଦୁଇ ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଅସନ୍ତୁଷ୍ଟଙ୍କୁ ମନାଇବା ଉଭୟ ଦଳ ପାଇଁ କାଠିକରପାଠ ହୋଇଛି।

ଟିକେଟ ପାଇବା ଆଶା କ୍ଷୀଣ ହେଉଥିବା ଜାଣି ବିଜେଡିରୁ ଜଣକ ପରେ ଜଣେ ଏମ୍‌ପି, ବିଧାୟକ, ପୂର୍ବତନ ବିଧାୟକ ପଦ୍ମ ପୋଖରୀକୁ ଡିଆଁ ମାରୁଛନ୍ତି। ସେହିପରି ଭାଜପାର ମଧ୍ୟ ଅନେକ ନେତା ବିଜେଡିରେ ଯୋଗଦେଉଛନ୍ତି। ଭାଜପା ତାଲିକାକୁ ଦେଖି ବିଜେଡି ପରବର୍ତ୍ତୀ ପ୍ରାର୍ଥୀ ଘୋଷଣା କରିବ ବୋଲି କୁହାଯାଉଛି। ବିବାଦକୁ ପ୍ରଶମିତ କରିବାକୁ ବିଜେଡିର ବିଭିନ୍ନ ନିର୍ବାଚନମଣ୍ଡଳୀର ଆଶାୟୀ, ପର୍ଯ୍ୟବେକ୍ଷକ ଓ ବରିଷ୍ଠ ନେତାଙ୍କୁ ଡାକି ନବୀନ ନିବାସରେ ଘନ ଘନ ବୁଝାଶୁଝା ଚାଲିଛି। ଭାଜପା ବିଧାନସଭା ପ୍ରାର୍ଥୀଙ୍କ ନାଁ ଘୋଷଣାକୁ ଝୁଲାଇ ରଖିଛି। କୁହାଯାଉଛି ପ୍ରାୟ ୧୦୦ଟି ସିଟ୍‌ରେ ପ୍ରାର୍ଥୀଙ୍କ ନାମ ଚୂଡାନ୍ତ ହୋଇଥିବା ବେଳେ ବାକି ଆସନକୁ ନେଇ ଅଙ୍କକଷା ଜାରି ରହିଛି। ଦଳ ଡିଆଁଙ୍କୁ ନେଇ ଛକାପଞ୍ଝା ସ୍ଥିତି ଲାଗି ରହିଛି। ବିଜେଡିରୁ ଯାଇଥିବା ନେତାମାନଙ୍କୁ ଭାଜପା କେଉଁଠି ଥଇଥାନ କରୁଛି ତାହା ଦେଖିବା ପରେ ଅବଶିଷ୍ଟ ଆସନରେ ବିଜେଡି ପ୍ରାର୍ଥୀ ଘୋଷଣା କରିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ଧରି ଆଶାରେ ଥିବା ଯୁବ ବିଜେଡି କାର୍ଯ୍ୟକର୍ତ୍ତାମାନେ ମଧ୍ୟ ଟିକେଟ ପାଇବା ଜିଦ୍‌ରେ ଅଟଳ ରହିଛନ୍ତି। ରାଲି, ସମାବେଶ, ଶୋଭାଯାତ୍ରା ମାଧ୍ୟମରେ ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି। ଜିଲାରୁ ଆରମ୍ଭ କରି ନବୀନ ନିବାସ ଯାଏ ସବୁଠି ଆଶାୟୀ ନିଜେ ନିଜର ପାୱାର ଶୋ କରୁଛନ୍ତି।

ଭୁବନେଶ୍ୱରର ୩ ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ଜଗତ୍‌ସିଂହପୁର ଜିଲାର ଜଗତ୍‌ସିଂହପୁର, ତିର୍ତ୍ତୋଲ, ପାରାଦୀପ ଓ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ବିଜେଡି ବିଦ୍ରୋହ ଚରମସୀମାରେ ପହଞ୍ଚିଲାଣି। ଏପରି ସ୍ଥିତିରେ ଜଗତ୍‌ସିଂହପୁର କଂଗ୍ରେସର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ବିଜେଡିରେ ସାମିଲ ହେବା ପରେ ଜିଲା ରାଜନୀତି ରୋଚକ ମୋଡ଼ରେ ପହଞ୍ଚିଛି। ଜଗତ୍‌ସିଂହପୁର ନିର୍ବାଚନ ମଣ୍ଡଳୀରେ କିଏ ହେବ ବିଜେଡି ପ୍ରାର୍ଥୀ ତାକୁ ନେଇ ଚର୍ଚ୍ଚା ବଢ଼ି ଚାଲିଛି। ଚିରଞ୍ଜୀବଙ୍କୁ ଯଦି ଜଗତ୍‌ସିଂହପୁରରୁ ଟିକେଟ ଦିଆଯାଏ ତେବେ ବିଧାୟକ ପ୍ରଶାନ୍ତ ମୁଦୁଲି ଯିବେ ☞ପୃଷ୍ଠା-୨


SIKSHA 'O' ANUSANDHAN
(DEEMED TO BE UNIVERSITY)
SAAT-2024
Empowering students for a brighter future
MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)
- MBA (Hospitality Management)

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category

To apply for admission through SAAT, Please visit: www.soa.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ପାଇକ ଆଖଡ଼ା ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ କେଶରୀ, ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ(ଏମ୍) ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସିପିଆଇ(ଏମ୍) କାର୍ଯ୍ୟାଳୟ, ଜୟଦେବ ବିହାର, ସମୟ: ଅପରାହ୍ନ ୪ଟା ୩୦।
- ଭିସାଜ୍ ୟୁନିସେକ୍ସ ସାଲୁନ ଆଣ୍ଡ ଏକାଡେମୀ ଉନ୍ମୋଚନ, ସ୍ଥାନ: ପ୍ରଥମ ମହଲା, ଫେଜ୍-୧, ଭୀମଟାଙ୍ଗୀ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରାର ନାଟକ 'ଚିଠି', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଇଣ୍ଡିଆନ ସୁପର ଲିଗ୍, ଓଡ଼ିଶା ଏଫ୍‌ସି ବନାମ ପଞ୍ଜାବ ଏଫ୍‌ସି, ଭେନ୍ୟୁ: କଳିଙ୍ଗ ଷ୍ଟାଡିୟମ୍, ସମୟ:ସନ୍ଧ୍ୟା ୭ଟା ୩୦।

## ପୁରୀ
- ଶ୍ୟାମା ଶ୍ରୀହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: କୁମ୍ଭାରପଡ଼ା ନିକଟ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- ବୋଲଗଡ଼ ପ୍ରିମିୟର ଲିଗ୍, ସ୍ଥାନ: ପି.ଏନ୍ କଲେଜ ନିକଟ ଖେଳପଡ଼ିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ, କଣ୍ଟାବାଡ଼(ବେଗୁନିଆ), ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- 'ଝଡ଼ର ଝଙ୍କାର' କାବ୍ୟଗ୍ରନ୍ଥର ଲୋକାର୍ପଣ ଉତ୍ସବ, ସ୍ଥାନ: ନୀଳଗିରି ବିଜ୍ଞାପିତ ପରିଷଦ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ
- ବିଦ୍ୟାଳୟ ପ୍ରବେଶ ଉତ୍ସବ, ସ୍ଥାନ: ସୁକଦେବପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୭ଟା।
- ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ଅଷ୍ଟପ୍ରହରୀ ନାମଯଜ୍ଞ ଓ ନଗର ପରିକ୍ରମା, ସ୍ଥାନ: ପଦ୍ମପୁର, ଘସିପୁରା, ସମୟ: ଅପରାହ୍ନ ୩ଟା ୩୦।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ନୟାଗଡ଼ ଜଳସୁଆଁ, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଓ ନଗର ପରିକ୍ରମା, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: କରଡ଼ାପାଳ ବାଟୋ, ଘସିପୁରା: ସମୟ: ସନ୍ଧ୍ୟା ୭ ଟା।
- ୬୯ ତମ ବାଦି ପାଲା ମହୋତ୍ସବ (୫ଦିନ ବ୍ୟାପି), ସ୍ଥାନ: ପାଟଣା ବ୍ଲକ ସ୍ୱାମ ପାଲାମଣ୍ଡପ, ସମୟ: ସନ୍ଧ୍ୟା ୭ଟାରୁ ରାତି୨ଟା।

## ମୟୂରଭଞ୍ଜ
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କାଳରାମ ଦୁର୍ଗାପ୍ରସାଦ ମେଗା ସପ୍, ବାରିପଦା, ସମୟ:ସକାଳ ୮ଟା।
- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ଟିମ୍-ଏକୁ ଭେଟିବ ଟିମ୍-ସି, ସ୍ଥାନ: ମଧୁବନ ମିନି ଷ୍ଟାଡିୟମ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟମ ପ୍ରହର ନାମ ସଙ୍କୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: ବଡ଼ସାହି ବ୍ଲକ ବେଲପାଳ,ସମୟ: ଅପରାହ୍ନ ୧ଟା।
- ମା' ଶୀତଳା ଓ ମଙ୍ଗଳାଙ୍କ ବାର୍ଷିକ ପୂଜା, ଘଟ ଉତ୍ତୋଳନ, ସାଂସ୍କୃତିକ କାର୍ଯ୍ୟକ୍ରମ
- ସ୍ଥାନ:ପାରିଆକୁଳି ଏବଂ ଚିତ୍ରଡା ମାର୍କେଟସାହି, କାକୁଡିହା ଗ୍ରାମ, ମୋରଡା ବ୍ଲକ, ସମୟ: ଅପରାହ୍ନ ୫ଟା।
- ହେଲ୍ପିଂ ହ୍ୟାଣ୍ଡ ମୟୂରଭଞ୍ଜ ଗ୍ରୁପ୍ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ, ସ୍ଥାନ: ବାରିପଦା ପିଆର୍‌ଏମ୍ ହସ୍ପିଟାଲ,ସମୟ:ସନ୍ଧ୍ୟା ୬ଟା।

## ଗଞ୍ଜାମ
- ମା' ଶ୍ୟାମାକାଳୀଙ୍କ ଦଣ୍ଡଯାତ୍ରାର ଶୁଭାରମ୍ଭ, ସ୍ଥାନ:ବୁଗୁଡ଼ା, ପୋଚାଲୁଣ୍ଡି , ସମୟ:ସକାଳ ୬ଟା।

## କୋରାପୁଟ
- ଦଣ୍ଡକାଳୀଙ୍କ ମନ୍ଦିରରେ ମେରୁପର୍ବ,ସ୍ଥାନ: ଦାମନଯୋଡିର ମାଥଲପୁଟସ୍ଥିତ ମନ୍ଦିର ପରିସର,ସମୟ: ୧୧ଟା।

## ନବରଙ୍ଗପୁର
- ମା ଜଗଦ୍‌ଜନନୀଙ୍କ ନବଦିନ ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଉମରକୋଟ ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଡଙ୍ଗରପଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନକୁ ନେଇ ଆଲୋଚନା ଚକ୍ର, ସ୍ଥାନ: ବୁଢ଼ାରଜାସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ବିମଳେଶ୍ୱର ବାବା ଆଞ୍ଚଳିକ ସେବା ସଂଗଠନ ପକ୍ଷରୁ ଜାତୀୟ କବି ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା ।

## ବଲାଙ୍ଗୀର
- ଏସୟୁସିଆଇ ବଲାଙ୍ଗୀର ଶାଖା ପକ୍ଷରୁ ୧୧ ଦଫା ଦାବି ନେଇ ମତାମତ ସଂଗ୍ରହ ଅଭିଯାନ ସ୍ଥାନ: ବଲାଙ୍ଗୀର, ଦେଓଗାଁ, ବେଲପଡା, ଗୁଡଭେଲା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବଲାଙ୍ଗୀର ଜିଲା ଓବିସି ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୦ଟା୩୦ ।
- ରାଜ୍ୟ କେଉଁଟ, କୈବର୍ତ୍ତ, ଧୀବର(କେକେଡି) ହଟାଅ କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ପାଟଣାଗଡ଼ ଗୋକୁଳ ରେଷ୍ଟୁରାଣ୍ଟ: ସମୟ: ପୂର୍ବାହ୍ନ ୧୧ଟା।
- ମା' ବସ୍ତ୍ରେନ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଟିଟିଲାଗଡ଼ ବନାମ ବଙ୍ଗୋମୁଣ୍ଡା, ସ୍ଥାନ: ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- ବହଳପଦର ପ୍ରିମିୟର ଲିଗ କ୍ରିକେଟର ପଞ୍ଚମ ଦିବସ, ସ୍ଥାନ: ବହଳପଦର ଖେଳ ପଡିଆ, ବୀରମହାରାଜପୁର, ସମୟ: ସକାଳ ୮ ଟା।
- ମା' ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଅବସରରେ ଯଜ୍ଞାରମ୍ଭ, ଉତ୍ତରାକାଣ୍ଡ ପାରାୟଣ, ସ୍ଥାନ: ବଡ଼ବର୍ଡାକଟା,ବୀରମହାରାଜପୁର, ସମୟ: ସକାଳ ୯ ଟା।
- ଝାମୁଯାତ୍ରା, ସ୍ଥାନ: ଲକ୍ଷ୍ମୀ, ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା।
- ମହିଷାସୁର ଦରବାରର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ବଡ଼ବର୍ଡ଼ାକଟା, ବୀରମହାରାଜପୁର, ସମୟ:ସନ୍ଧ୍ୟା ୭ଟା।

## ବରଗଡ଼
- ସ୍ୱାମୀ ଶିବାନନ୍ଦ ଶାନ୍ତି ଆଶ୍ରମ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଲହଣ୍ଡା, ଅତାବିରା, ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଖୁଣ୍ଟପାଲି, ଗାଇସିଲେଟ୍, ସମୟ: ସକାଳ ୮ଟା।
- ମାଁ କୈଳାସୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଚୂଳଧର, ଅତାବିରା, ସମୟ: ସକାଳ ୮ଟା।

## ରାଉରକେଲା
- ଆନ୍ତଃ ବିଦ୍ୟାଳୟ କ୍ରିକେଟ, ସ୍ଥାନ: ଜିମ୍‌ଖାନା ପଡିଆ, ସେକ୍ଟର-୧୮, ସମୟ: ସକାଳ ୭ଟା।
- ଗାରିମା ପରିବାର ପକ୍ଷରୁ ୬୫ ତମ ଓଡିଶା ଦିବସ, ସ୍ଥାନ: ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ କରାଟେ ଚାମ୍ପିୟନଶିପ୍, ସ୍ଥାନ: ରାଉରକେଲା ଉତ୍କଳ କରାଟେ ଆସୋସିଏଶନ, ସମୟ: ପୂର୍ବାହ୍ନ ୧୦ଟା।
- ଅଭିରାମ ହଂସ ଯୋଗାଶ୍ରମ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୭ଟା ୩୦।
- ରାତ୍ରକାଳୀନ କ୍ରିକେଟ ମ୍ୟାଚ୍, ସ୍ଥାନ: ସେକ୍ଟର-୩ ବଲାଙ୍ଗୀର ବସ୍ତି, ସମୟ: ରାତି୮ଟା।

## ଦେବଗଡ଼
- ଶ୍ରୀରାମ କଥା, ପ୍ରବଚନ,ସ୍ଥାନ: ଦେବଗଡ଼ ଲାଲୁ ସାହି, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ, ସ୍ଥାନ: ଜୁନାଗଡ଼, ସମୟ: ପୂର୍ବାହ୍ନ ୧୦।
- ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଓ ନିର୍ବାଚନ ଇସ୍ତାହାର ପାଇଁ ମତାମତ ସଂଗ୍ରହ ଅଭିଯାନ, ସ୍ଥାନ: ଭବାନୀପାଟଣା ରକ୍ଷିଗାଁ, ସମୟ: ପୂର୍ବାହ୍ନ ୧୧ଟା ୩୦ ମିନିଟ।

## ନୂଆପଡ଼ା
- ଅବସରପ୍ରାପ୍ତ ସେନାନୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ, ସମୟ: ସକାଳ ୯ ଟା।

## ବୌଦ୍ଧ
- ଅଷ୍ଟପ୍ରହର ନାମଯଜ୍ଞ, ପୂର୍ଣ୍ଣାହୁତି,ସ୍ଥାନ: ହରଭଙ୍ଗା ବ୍ଲକ ମହିବାହଲ ଗ୍ରାମ , ସମୟ: ସକାଳ ୬ଟା।

## ଢେଙ୍କାନାଳ
- ଭାଜପାର ସ୍ୱତନ୍ତ୍ର ବୈଠକ, ସ୍ଥାନ: ଢେଙ୍କାନାଳ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଅନୁଗୋଳ
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- କେନ୍ଦ୍ରମନ୍ତ୍ରୀଙ୍କ ଜିଲା ଗସ୍ତ, ସ୍ଥାନ: ତାଳଚେର, ସମୟ: ପୂର୍ବାହ୍ନ ୧୨ଟା।
- କେନ୍ଦ୍ରମନ୍ତ୍ରୀଙ୍କ ନୃସିଂହ ଠାକୁର ଦର୍ଶନ, ସ୍ଥାନ: ନଲାମ, ସମୟ: ଅପରାହ୍ନ ୨ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ସୁବିଧା ଆପ୍‌କୁ ନେଇ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ ଟା।
- ନୋଡାଲ୍ ଅଧିକାରୀଙ୍କୁ ପ୍ରଶିକ୍ଷଣ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ ଟା ୩୦।

## ନୟାଗଡ଼
- ପଞ୍ଚଦୋଳ ଯାତ୍ରା ମହୋତ୍ସବର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳିପୁର ମେଳଣ ପଡିଆ, ସମୟ: ସକାଳ ୮ଟା।
- ପଞ୍ଚଦୋଳ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି ମେଡିକାଲ ପଡିଆ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା
- ପୂଜ୍ୟପୂଜା ସଂସଦ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ରାଉଳିଆଡ଼ିହ, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଯାଜପୁର ପୋଷ୍ଟାଲ ଡିଭିଜନର ପ୍ରତିଷ୍ଠା ଦିବସ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତ ଭବନ, ସମୟ: ଅପରାହ୍ନ ୩ଟା।
- ପାଣିକୋଇଲି ମିଳନ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ପାଣିକୋଇଲି ତାରିଣୀ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶାରୀରିକ ସମସ୍ୟା ଲାଗିରହିଥିଲେ ମଧ୍ୟ କର୍ମଜଞ୍ଜାଳରୁ ମୁକ୍ତି ପାଇବା ସହଜ ନ ହୋଇପାରେ। ଜଣେ ହିତୈଷୀଙ୍କ ଆନ୍ତରିକ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଖର୍ଚ୍ଚର ସୁଅକୁ ରୋକିପାରିବେ ନାହିଁ। ଆଜି ଘରର ଅସଜଡ଼ା କାମକୁ ସଜାଡ଼ି ନେଇପାରନ୍ତି।

**ବୃଷ** ରବି ସହ ଶୁକ୍ରଙ୍କ ସାନ୍ନିଧ୍ୟରୁ ନିଜ ଲୋକଙ୍କ ସମର୍ଥନ ଲାଭକରି ମାନସିକ ସ୍ତରରେ ଆଶ୍ୱସ୍ତି ଲାଭକରିବେ। ଅସାବଧାନତାରୁ ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ସୂଚନା ରହିଛି। ଯିବା ସମୟରେ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। ଅଧିକାଂଶ ସମୟ ମାନସିକ ଅସ୍ଥିରତା କାରଣରୁ କୌଣସି ନିଷ୍ପତ୍ତି ନେବା ସହଜ ନ ହୋଇପାରେ।

**ମିଥୁନ** ବୁଧ ସହ ବୃହସ୍ପତି ସଂଯୋଗଜନିତ ଆପଣ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାହାଯ୍ୟ ଓ ସମର୍ଥନ ଲାଭକରି କାମ ହାସଲ କରିପାରିବେ। ପାରିବାରିକ ଜୀବନରେ ଅସୁବିଧା ଉପୁଜିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାକୁ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ** ଷଷ୍ଠସ୍ଥ ରାଶ୍ୟାଧିପ ହେତୁ ଆଜି ଶାରୀରିକ ଓ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। କର୍ମକ୍ଷେତ୍ରରେ ଦୃଢ଼ ମନୋବଳ ଓ ଉତ୍ସାହ, ଉଦ୍ଦୀପନା ନେଇ କାମ କରିବେ। ଯେକୌଣସି କାମରେ ଚେଷ୍ଟା ସଫଳହେବାରେ ଜଣେ ହିତୈଷୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ବାଣିଜ୍ୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇପାରନ୍ତି।

**ସିଂହ** ବୃହସ୍ପତି ଭାଗ୍ୟ ସ୍ଥାନରେ ଚନ୍ଦ୍ରଙ୍କ କୋଣଭାବସ୍ଥ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। ବ୍ୟୟବୃଦ୍ଧିଜନିତ ଦୁଶ୍ଚିନ୍ତାରେ ମନ ଉଦ୍‌ବେଳିତ ରହିବା ନିଶ୍ଚିତ। ଆଜି ତରବରିଆ ଯାତ୍ରା ନ କରିବା ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** ରାଶିରେ କେତୁ ପ୍ରଭାବରୁ ଆପଣଙ୍କ ଶ୍ଳେଷାର୍ଥପୂର୍ଣ୍ଣ କଥାକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ଆଶା ରଖିଛନ୍ତି, ତାହା ବିଳମ୍ବରେ ପାଇବେ। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିପାରନ୍ତି।

**ତୁଳା** ବୁଧ ଏବଂ ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରେ ନିଜକୁ ଚଳାଇ ନେବାର କଳା ଯୋଗୁ ପ୍ରାୟତଃ ଅସୁବିଧା ରହିବ ନାହିଁ। ସାହାଯ୍ୟ, ସହଯୋଗ ମନୋଭାବରୁ ଅଫିସରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ପ୍ରତିବନ୍ଧକକୁ ହଟାଇ ଲାଭବାନ୍ ହେବେ। କଚେରି ମାମଲା ସକାଶେ ଦୁଶ୍ଚିନ୍ତା ବଢ଼ିପାରେ।

**ବିଛା** ଚତୁର୍ଥସ୍ଥ ପରସ୍ପର ବିରୁଦ୍ଧାତ୍ମକ ଗ୍ରହ ହେତୁ କେତେକ କାମ ସକାଶେ ପରିସ୍ଥିତି ଅନୁକୂଳ ରହିବ ନାହିଁ। ବ୍ୟବସାୟ, ପରିବହନ ଓ ଶିଳ୍ପବାଣିଜ୍ୟ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିପାରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନର ଆଶା ଦୁର୍ଲଭ ହୋଇପଡ଼ିବ। ରୋଗ, ଋଣ ଓ ପାରିବାରିକ ସମସ୍ୟାରୁ ରକ୍ଷା ପାଇବାର ପରିକଳ୍ପନା କରିପାରନ୍ତି।

**ଧନୁ** ଦ୍ୱାଦଶସ୍ଥ ଏକାଧିକ ଗ୍ରହ ହେତୁ କୌଣସି ବିବାଦ, ପ୍ରତିଦ୍ୱନ୍ଦ୍ୱିତା, ତର୍କବିତର୍କରେ ପଶିବା ଠିକ୍ ହେବ ନାହିଁ। ଉଚ୍ଚ ଶିକ୍ଷା, ସନ୍ତାନ, ପ୍ରେମ ଓ ପ୍ରଣୟ କ୍ଷେତ୍ରରେ ସମସ୍ୟା ବଢ଼ିଯିବା ସୂଚନା ରହିଛି। ଅବଶ୍ୟ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବନ୍ଧୁଙ୍କ ନିକଟରୁ ସକାଳୁ ଶୁଭଖବର ପାଇପାରନ୍ତି।

**ମକର** ରାଶିରେ ଚନ୍ଦ୍ରଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ନିକଟତର ହେବା ପାଇଁ ଚେଷ୍ଟା କରିବେ। ପରିବହନ, ଶିଳ୍ପ, ନିର୍ମାଣ,ବ୍ୟବସାୟରେ ଉନ୍ନତି ଘଟିବ। କିନ୍ତୁ ପରିବାରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। କୌଣସି କ୍ଷେତ୍ରରେ ତରବର ନ ହୋଇ ଉଚିତ ପଦକ୍ଷେପ ନେଲେ କୃତକାର୍ଯ୍ୟ ହେବେ।

**କୁମ୍ଭ** ଷଷ୍ଠାଧିପ ଏକାଦଶସ୍ଥ ଯୋଗୁ ଆଶା କରିଥିବା ଋଣ ପାଇବାରେ ଅସୁବିଧା ହେବନାହିଁ। ଅନ୍ୟମନସ୍କ ରହି କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ ଅଣଦେଖା କରିପାରନ୍ତି। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟାକଲେ ଉପକାର ମିଳିବ। ଯାତ୍ରା, ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଅନୁକୂଳ।

**ମୀନ** ବୁଧଙ୍କ ପ୍ରଭାବରୁ ନିଜ ଲୋକଙ୍କୁ ମନାଇ କାମ ହାସଲ କରିବା ସକାଶେ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ବନ୍ଧୁଙ୍କ ସମ୍ପର୍କରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବା ଆଶଙ୍କା ରହିଛି।

ଆଜି ଏପ୍ରିଲ ୨ତାରିଖ, ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ, ଚୈତ୍ର ମଙ୍ଗଳବାର ଓଷା, ଚୈତ୍ର କୃଷ୍ଣପକ୍ଷର କାଳାଷ୍ଟମୀ ମଙ୍ଗଳବାର। ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୮।୪୬ ଗତେ, ଘ.୧୦।୩୬ ମଧ୍ୟେ, ୦୧।୦୩ ଗତେ, ଘ. ୦୧।୨୨ ମଧ୍ୟେ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ.୦୪।୨୫ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ

## ଏପ୍ରିଲରୁ ଜୁନ୍...
ରାଜ୍ୟରେ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦୀର୍ଘ ଗ୍ରୀଷ୍ମ ଲହରଜନିତ ସ୍ଥିତିର ମୁକାବିଲା କରିବା ପାଇଁ ୨୩ଟି ରାଜ୍ୟ କାର୍ଯ୍ୟଯୋଜନା ପ୍ରସ୍ତୁତ କରିଛନ୍ତି। ଗରିବ ଲୋକମାନେ ଗ୍ରୀଷ୍ମଲହର ଦ୍ୱାରା ସର୍ବାଧିକ ପ୍ରଭାବିତ ହେବେ। ବୃଦ୍ଧ ବ୍ୟକ୍ତି, ଛୋଟ ପିଲା ଏବଂ ଖରାପ ସ୍ୱାସ୍ଥ୍ୟାବସ୍ଥାରେ ଥିବା ଲୋକଙ୍କ ପାଇଁ ଅଧିକ ବିପଦ ରହିଛି। ଏଥିପାଇଁ ସରକାରଙ୍କୁ ଅଧିକ ସକ୍ରିୟ ଭାବେ ପଦକ୍ଷେପ ନେବାକୁ ହେବ ବୋଲି ଆଇଏମ୍‌ଡି କହିଛି।

## ୪୦ ଡିଗ୍ରୀ ଛୁଇଁଲା...
ପାଣିପାଗ ସହ ଉଷ୍ମଆର୍ଦ୍ର ସ୍ଥିତି ଏବଂ ଉଷ୍ମରାତ୍ରି ସଂଖ୍ୟା ଅଧିକ ଅନୁଭୂତ ହେବ।

## ଉଷ୍ମରାତି ୱାର୍ନିଂ ଜାରି
ଆସନ୍ତା ୪ଦିନ ରାଜ୍ୟର ବିଭିନ୍ନ ଜିଲାରେ ରାତ୍ରି ତାପମାତ୍ରା ଅଧିକ ରହିବ। ଏଥିପାଇଁ ସେସବୁ ଜିଲାକୁ ଉଷ୍ମରାତ୍ରି (ୱାର୍ମ ନାଇଟ୍) ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, ସୋନପୁର ଏବଂ ମାଲକାନଗିରି ଜିଲାକୁ ଉଷ୍ମରାତ୍ରି ପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି। ସାଧାରଣତଃ ରାତିର ସର୍ବାଧିକ ତାପମାତ୍ରା ଯେତେବେଳେ ୪୦ ଡିଗ୍ରୀ ହୋଇଥାଏ ବା ଡେଇଁଥାଏ, ତାହାକୁ ଉଷ୍ମରାତ୍ରି ବୋଲି କୁହାଯାଇଥାଏ। ସେହିଭଳି ୪ ଓ ୫ ତାରିଖ ଯାଜପୁର, ଭଦ୍ରକ, ନୟାଗଡ଼, ବୌଦ୍ଧ, ସୋନପୁର, କନ୍ଧମାଳ ଏବଂ କଟକ ଜିଲାର କିଛି ସ୍ଥାନରେ ଗ୍ରୀଷ୍ମ ଲହରି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।

## ଛିଣ୍ଡୁନି ଟିକେଟ...
କୁଆଡ଼େ। ସେହିପରି ଗତଥର ନିରାଶ ହୋଇଥିବା ଅମରେନ୍ଦ୍ର ଦାସ ଏଥର ନିଜ ସଙ୍ଗଠନକୁ ସୁଦୃଢ଼ କରି ଟିକେଟ ଦାବିକୁ ଜୋର କରିଥିବାରୁ ଦଳ ପାଇଁ ଅଡୁଆ ବଢ଼ିଛି। ବାଲିକୁଦା ବିଧାୟକ ରଘୁନନ୍ଦନ ଦାସଙ୍କୁ ଚାଲେଞ୍ଜ କରି ରବିବାର ନବୀନ ନିବାସ ସମ୍ମୁଖରେ ଆଶାୟୀ ସୌମ୍ୟଜିତ୍ ମହାପାତ୍ର ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ନବୀନ ନିବାସ ଯାଇ ବାୟୋଡାଟା ଦେବା ସହ ଟିକେଟ ଲବି ଜୋରଦାର କରିଛନ୍ତି। ସେହିପରି ପାରାଦୀପରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଛି। ସ୍ୱର୍ଗତ ଦାମୋଦର ରାଉତଙ୍କ ପୁଅ ସମ୍ବିତ ରାଉତରାୟଙ୍କ ପାଇଁ କଂଗ୍ରେସ ନେତା ବାପି ସର୍ଖେଲ ଚିନ୍ତା ବଢ଼ାଇ ଦେଇଛନ୍ତି। ବାପି ସର୍ଖେଲଙ୍କ ପତ୍ନୀ ମୋନିଦୀପା ବିଜେଡିରେ ଯୋଗଦେବାରୁ ସମ୍ବିତ୍‌ଙ୍କ ଅଡୁଆ ବଢ଼ିଯାଇଛି। ସମ୍ବିତ୍‌ଙ୍କୁ ଚାଲେଞ୍ଜ ଦେଇ ବାପି ସର୍ଖେଲ ଏଥର ବିଜେଡି ଟିକେଟ ପାରାଦୀପରୁ ହାତେଇବେ ବୋଲି ଚର୍ଚ୍ଚା ହେଉଛି। ବିଦ୍ରୋହକୁ ପ୍ରଶମିତ କରି ଜଗତ୍‌ସିଂହପୁର ଜିଲାରେ କାହାକୁ ଟିକେଟ ମିଳୁଛି ତାହା ଆଗାମୀ କିଛି ଦିନରେ ଜଣାପଡ଼ିବ।

ଭୁବନେଶ୍ୱର ୩ ନିର୍ବାଚନମଣ୍ଡଳୀରେ ମଧ୍ୟ ବିଜେଡି ବିବାଦ ମଧ୍ୟ ତୁଟୁନି। ବର୍ତ୍ତମାନର ବିଧାୟକ ଅନନ୍ତ ଜେନାଙ୍କୁ କର୍ପୋରେଟର ଅମରେଶ ଜେନା କଡ଼ା ଚ୍ୟାଲେଞ୍ଜ ଦେଉଛନ୍ତି। କର୍ପୋରେଟର ଅମରେଶ ଜେନାଙ୍କ ସମର୍ଥନରେ ସ୍ଥାନୀୟ ନେତା ନବୀନ ନିବାସରେ ଫେରାଦ ହୋଇଛନ୍ତି। ୪୫ରୁ ଊର୍ଦ୍ଧ୍ୱ ପୂର୍ବତନ କର୍ପୋରେଟର ଅମରେଶଙ୍କୁ ପ୍ରାର୍ଥୀ କରାଇବାକୁ ଦାବି କରି ଦଳର ବରିଷ୍ଠ ନେତାଙ୍କୁ ଜଣାଇଛନ୍ତି। ଯଦି ଟିକେଟ ନ ମିଳେ ତା'ହେଲେ ସେମାନେ ଦଳରୁ ସମୂହ ଇସ୍ତଫା ଦେବେ ବୋଲି ଧମକ ମଧ୍ୟ ଦେଇଥିବା କୁହାଯାଉଛି। ସେହିପରି ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ୩ଥର ବିଧାୟକ ହୋଇଥିବା ଅଶୋକ ପଣ୍ଡାଙ୍କୁ କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର ଚ୍ୟାଲେଞ୍ଜ ଦେଉଛନ୍ତି। ସେ ମଧ୍ୟ ଏକାଧିକ ସମାବେଶ କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଭାଜପାରେ ମିଶିବା ପରେ ଉତ୍ତର ନିର୍ବାଚନମଣ୍ଡଳୀ ଉଷ୍ମ ରହିଛି। ବିଦ୍ରୋହୀଙ୍କୁ ଡାକି ବିଜେଡି ବୁଝାଶୁଝା ଆରମ୍ଭ କରୁଥିବା କୁହାଯାଉଛି।

ଅନ୍ୟପଟେ ମାର୍ଚ୍ଚ ପ୍ରଥମ ସପ୍ତାହରେ ୬୦ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବାକୁ ପ୍ରସ୍ତୁତି ଶେଷ କରିଥିବା କଂଗ୍ରେସ ଏବେ ସୁଦ୍ଧା ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରିଲା ନାହିଁ। ଓଡ଼ିଶାର ପ୍ରାର୍ଥୀ ତାଲିକା ଚୂଡାନ୍ତ କରିବା ନେଇ ରବିବାର ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ବା ସିଇସି ବୈଠକ ଦିଲ୍ଲୀରେ ଅନୁଷ୍ଠିତ ହୋଇଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼୍‌ଗେ, କଂଗ୍ରେସ ପାର୍ଲାମେଣ୍ଟାରୀ ପାର୍ଟି ଅଧକ୍ଷା ସୋନିଆ ଗାନ୍ଧୀ ଓ ସଙ୍ଗଠନ ମହାସଚିବ କେ.ସି. ବେଣୁଗୋପାଳଙ୍କ ସହ ଏହି ବୈଠକରେ ଓଡ଼ିଶାରୁ ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ପ୍ରମୁଖ ଯୋଗଦେଇଛନ୍ତି। ସିଇସି ବୈଠକରେ ଓଡ଼ିଶା ଏବଂ ବିହାରର ପ୍ରାର୍ଥୀ ଚୟନ ସମ୍ପର୍କରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ଲୋକ ସଭା ଓ ବିଧାନସଭା ପାଇଁ କଂଗ୍ରେସ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି।

ପ୍ରାର୍ଥୀ ଘୋଷଣାକୁ ନେଇ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ପରସ୍ପର ବିରୋଧୀ ବୟାନବାଜି ଜାରି ରହିଛି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ପ୍ରାର୍ଥୀ ନ ଥିବାରୁ ପଦ୍ମଦଳ ଏ ଯାଏ ଗୋଟିଏ ବି ବିଧାନସଭା ଆସନରେ ପ୍ରାର୍ଥୀ ଦେଇପାରିନି। ଅନ୍ୟପକ୍ଷରେ ରାଜ୍ୟ ଭାଜପାର ପୂର୍ବତନ ସଭାପତି ସମୀର ମହାନ୍ତି କହିଛନ୍ତି, କାହାର ସାର୍ଟିଫିକେଟ୍ ଆମର ଦରକାର ନାହିଁ। ସରକାରକୁ କ୍ଷମତାରୁ ହଟାଇବାକୁ ଦଳ ପାଖରେ ବଛାବଛା ପ୍ରାର୍ଥୀ ଅଛନ୍ତି।

## ପଣ୍ୟ କାରବାରରେ...
କାର୍ଯ୍ୟ ଚାଲିଛି। ଆଗକୁ ସିଏନ୍‌ଜି/ଏଲ୍‌ଏନ୍‌ଜି ଆଣିବାର ଯୋଜନା ରହିଛି। ରେଳପଥ ଓ ସଡ଼କ ପଥର ବିକାଶ ପାଇଁ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଶିଳ୍ପ ବିକାଶ ପାଇଁ ବିଭିନ୍ନ କମ୍ପାନୀକୁ ପାରାଦୀପ ବନ୍ଦର ପକ୍ଷରୁ ୭୬୯ ଏକର ଜାଗା ଦିଆଯାଇଛି। ଏଥିରେ ୮୭୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ। ଉକ୍ତ ନୂଆ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେଲେ ସେହି ମାଧ୍ୟମରେ ଅଧିକ ୫୦ ନିୟୁତ ଟନ୍ ପଣ୍ୟ କାରବାର ବୃଦ୍ଧିପାଇବ। ଏହାବାଦ୍ ପର୍ଯ୍ୟାବରଣ ବୃଦ୍ଧି କ୍ଷେତ୍ରରେ ମଧ୍ୟ ଉଲ୍ଲେଖଯୋଗ୍ୟ ପଦକ୍ଷେପ ନିଆଯାଇଛି। ଏପରି ସଫଳତା ପାଇଁ ଅଧକ୍ଷ ପି.ଏଲ୍. ହାରାନ୍ଧ ସମସ୍ତ କର୍ମଚାରୀ, ଶ୍ରମିକ, ବ୍ୟବହାରକାରୀ ସଂସ୍ଥାଗୁଡ଼ିକୁ କୃତଜ୍ଞତା ଜଣାଇଛନ୍ତି।

## ନୀରବିଗଲେ ଶାନ୍ତିଲତା...
'ହେ ଚକାନୟନ', 'ଥକା ମନ ଚାଲ ଯିବା' ଭଳି ବହୁ ଲୋକପ୍ରିୟ ଗୀତ ପାଇଁ ସେ ଘରେଘରେ ଭଜନ ସାମ୍ରାଜ୍ଞୀ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଶାନ୍ତିଲତାଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଓଡ଼ିଆ ଭକ୍ତି ସଙ୍ଗୀତ ଜଗତର ଜଣେ ପରିଚିତ କଣ୍ଠଶିଳ୍ପୀ ହେଉଛନ୍ତି ଶାନ୍ତିଲତା। ସେ ୧୯୬୦ ଅକ୍ଟୋବର ୧ରେ ଭୁବନେଶ୍ୱରରେ ଜନ୍ମ ହୋଇଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଓଡ଼ିଶୀ ସଙ୍ଗୀତରେ ଆଚାର୍ଯ୍ୟ କରିଥିବା ଶାନ୍ତିଲତା ବିଶିଷ୍ଟ ସଙ୍ଗୀତ ଗୁରୁ ବାଳକୃଷ୍ଣ ଦାସ, ମାର୍କଣ୍ଡେୟ ମହାପାତ୍ର, ସିଂହାରୀ ଶ୍ୟାମସୁନ୍ଦର କର, ଗୋପାଳ ପଣ୍ଡା ପ୍ରମୁଖଙ୍କଠାରୁ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲେ। 'ଶିଶୁ ସଂସାର' ସିଧା ପ୍ରସାରଣରୁ ଆକାଶବାଣୀ ସହ ସମ୍ପୃକ୍ତ ହେବା ପରେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଳାକାର ହୋଇଥିଲେ। ବାଳକୃଷ୍ଣ ଦାସଙ୍କ ରଚିତ 'ହେ ଚକାନୟନ' ତାଙ୍କୁ ଅନେକ ପ୍ରସିଦ୍ଧି ଆଣି ଦେଇଥିଲା। ସେ ସର୍ବଦା ପାରମ୍ପରିକ ଶୈଳୀରେ ଗାୟନକୁ ଗୁରୁତ୍ୱ ଦେଇଆସୁଥିଲେ। ପଲ୍ଲୀ, ସୁଗମ, ଓଡ଼ିଶୀ ସଂଗୀତରେ ପ୍ରବୀଣା ଥିଲେ। ସଙ୍ଗୀତ ଅନୁଷ୍ଠାନ 'ସ୍ୱର ତୀର୍ଥ'ର ସେ ପ୍ରତିଷ୍ଠାତ୍ରୀ। 'ଭଜିଭଜି ତୋ ନାମ', 'ବାଲିରେଣୁ ମହାବନ୍ଧ ସୁଜନେ ହୋ', 'ଦେଖ ଉଡୁଛି ବାନା', 'ଚଉରାରେ ଦେଲି ପାଣି ଲୋ' ଭଳି ଅନେକ ଲୋକପ୍ରିୟ ଭଜନ ସେ ଶ୍ରୋତାଙ୍କୁ ଭେଟି ଦେଇଛନ୍ତି। ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ଓଡ଼ିଶା ସଙ୍ଗୀତ ଏକାଡେମୀ ପକ୍ଷରୁ ୨୦୧୭ରେ ସମ୍ବର୍ଦ୍ଧିତ ହୋଇଥିଲେ। ଏଥିସହ ୨୦୨୩ରେ ଜୀବନବ୍ୟାପୀ ସାଧନା ପୁରସ୍କାର ପାଇଥିଲେ।

# ସୁଆଣ୍ଡୋ ଗ୍ରାମ ପରିଦର୍ଶନ କଲେ ପାଣ୍ଡିଆନ




**ଭୁବନେଶ୍ୱର, ୧।୪(ସୁନିତ୍ ମିଶ୍ର)**

ପବିତ୍ର ଓଡ଼ିଶା ଦିବସ ଅବସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୋମବାର ଓଡ଼ିଆ ଜାତିର ପୁଣ୍ୟ ଓ ସମର୍ପଣର ପୀଠ ସତ୍ୟବାଦୀ ବ୍ଲକ ସ୍ଥିତ ଗୋପବନ୍ଧୁଙ୍କ ଅନ୍ତୁଡ଼ିଶାଳ ସୁଆଣ୍ଡୋ ଗ୍ରାମ ପରିଦର୍ଶନ କରିଛନ୍ତି। ସୁଆଣ୍ଡୋରେ ପହଞ୍ଚିବା ପରେ ପାଣ୍ଡିଆନ ପ୍ରଥମେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଯେଉଁ ମହାନ୍ ଯୁଗପୁରୁଷମାନଙ୍କ ତ୍ୟାଗ ଓ ତିତୀକ୍ଷା ଫଳରେ ବର୍ତ୍ତମାନ ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା ସେହି ମହା ମନୀଷୀମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେହି ମହାନ୍ ଯୁଗପୁରୁଷମାନେ ଦଶନ୍ଧି ଦଶନ୍ଧି ଧରି ଓଡ଼ିଆ ଜାତିକୁ ପ୍ରେରଣା ଦେଉଛନ୍ତି ବୋଲି ପାଣ୍ଡିଆନ ମତ ପ୍ରକାଶ କରିଛନ୍ତି।

ସୁଆଣ୍ଡୋରୁ ଫେରିବା ବାଟରେ ପାଣ୍ଡିଆନ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଷଠିଘର ପରିଦର୍ଶନ କରିବା ସହିତ ଗୋପବନ୍ଧୁଙ୍କ ସ୍ମୃତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଭିଳଷିତ ଓଡ଼ିଶା ଗଠନର ସଂକଳ୍ପ ପୂଜ୍ୟପୂଜା ସହିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନବଜାଗରଣ ପାଇଁ ପଣ୍ଡିତ ଗୋପବନ୍ଧୁଦାସଙ୍କର ଜନ୍ମ ଓ କର୍ମଭୂମି ସୁଆଣ୍ଡୋର ବିକାଶ ପାଇଁ ରାଜ୍ୟ ସରକାର ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଏ ଜାତି ପ୍ରତି ସମର୍ପଣ ଓ ଅସୀମ ତ୍ୟାଗକୁ ଆମର ଉତ୍ତର ପିଢ଼ି ପାଖରେ ପହଞ୍ଚାଇବା ପାଇଁ ସୁଆଣ୍ଡୋ ଗ୍ରାମର ସାମଗ୍ରିକ ବିକାଶ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଷଠିଘରର ସଂରକ୍ଷଣ, ଜୀବନ ବୃତ୍ତାନ୍ତକୁ ଅତ୍ୟନ୍ତ ନିଖୁଣ ଭାବରେ ପ୍ରତିପାଦିତ କରାଯାଇପାରିଛି । ପାଣ୍ଡିଆନ ତାଙ୍କ ଗସ୍ତ ସମୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଣନାତି ଧୀରେନ୍ଦ୍ର ନାଥ ଦାସ ଓ ରବୀନ୍ଦ୍ରନାଥ ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସୁଆଣ୍ଡୋ ଗ୍ରାମର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ସୁଆଣ୍ଡୋ ଗ୍ରାମରେ ପ୍ରଭୁ ଲୋକେଶ୍ୱରଙ୍କ ମନ୍ଦିର ବେଢ଼ାରେ ରୋଷଘର, ବଳପୁରଠାରେ ପ୍ରଭୁ ବାବା ବାଲୁଙ୍କେଶ୍ୱର ପୀଠର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ୫-ଟି ଅଧ୍ୟକ୍ଷଙ୍କୁ ଅନୁରୋଧ କରିଛନ୍ତି। ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ହେବାର ବର୍ତ୍ତମାନ ଏହି ପୁଣ୍ୟ ତିଥିରେ ମହାନ୍ ଯୁଗ ପୁରୁଷଙ୍କ ପ୍ରତି ସଞ୍ଜୟ ଦାସବର୍ମା ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଯୁବପିଢ଼ି ସେହି ମହାନ ସମାଜ ସଂସ୍କାରକମାନଙ୍କ ପ୍ରଦର୍ଶିତ ମାର୍ଗରେ ପ୍ରେରିତ ହେବା ପାଇଁ ଆଜିର ଦିନରେ ସଂକଳ୍ପ ନେବା ଲାଗି ଆହ୍ୱାନ ଦେଇଛନ୍ତି।

**ଆଜିଠୁ ସକାଳୁଆ ସ୍କୁଲ**

ଭୁବନେଶ୍ୱର,(ଅସମାପିକା ସାହୁ): ରାଜ୍ୟରେ ମଙ୍ଗଳବାରଠାରୁ ସକାଳୁଆ ସ୍କୁଲ ଆରମ୍ଭ ହେବ। ବଢ଼ୁଥିବା ଖରାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତ ସପ୍ତାହରେ ଏନେଇ ଘୋଷଣା କରିଥିଲେ। ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ଯାଏ ସ୍କୁଲ ଚାଲିବ। ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଘରୋଇ ସ୍କୁଲ ଏହାକୁ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ କର୍ତ୍ତୃପକ୍ଷ ସ୍କୁଲରେ ପିଇବା ପାଣି, ଓଆର୍ଏସ୍ ପ୍ୟାକେଟ ଏବଂ ଅନ୍ୟାନ୍ୟ ଜରୁରୀ ବ୍ୟବସ୍ଥା ରଖିବାକୁ କୁହାଯାଇଛି।




# 'ଉତ୍କୃଷ୍ଟ ସେବା ପାଇଁ ଉତ୍ସର୍ଗୀକୃତ ମନୋଭାବ ଲୋଡ଼ା'

## ୮୯ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ

କଟକ,୧।୪ (କାର୍ତ୍ତିକ ସାହୁ)

ଓଡ଼ିଶା ପୋଲିସର ୮୯ତମ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ କଟକସ୍ଥିତ ଷଷ୍ଠ ବାଟାଲିୟନ ପରିସରରେ ସୋମବାର ପାଳିତ ହୋଇଯାଇଛି। ଡିଜିପି ଅରୁଣ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଡିଜିପି ପ୍ରଥମେ ଶହୀଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ପରିବାରବର୍ଗଙ୍କୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିଥିଲେ।

ଏ ନେଇ ଡିଜିପି କହିଛନ୍ତି, ଜନସାଧାରଣଙ୍କୁ ଉତ୍କୃଷ୍ଟ ସେବା ଯୋଗାଇ ଦେବାକୁ ଉତ୍ସର୍ଗୀକୃତ ମନୋଭାବ ଲୋଡ଼ା। ୧୯୩୬ ଏପ୍ରିଲ ୧ରେ ଓଡ଼ିଶା ପୋଲିସ ପ୍ରତିଷ୍ଠା ହୋଇଥିଲା। ଏହି ଦୀର୍ଘବର୍ଷର ଯାତ୍ରାପଥ ଏକ ବହୁତ ବଡ଼ ତପସ୍ୟା। ମାଓବାଦୀ ଦମନ ଓ ମୁକାବିଲା କ୍ଷେତ୍ରରେ ଗତ ଦଶନ୍ଧି ମଧ୍ୟରେ ଓଡ଼ିଶା ପୋଲିସ ଉଚ୍ଚକୋଟୀର ଦକ୍ଷତା ପ୍ରଦର୍ଶନ କରିଛି। ରାଜ୍ୟ ପୋଲିସ ବିଭାଗରେ ଏସ୍ଆଇ, ଏଏସ୍ଆଇ ଏବଂ କନ୍‌ଷ୍ଟେବଲ୍ ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ନିଯୁକ୍ତି ପ୍ରକ୍ରିୟାକୁ ଆଗାମୀ ଦିନରେ ତ୍ୱରାନ୍ୱିତ କରାଯିବ। ସାଇବର ଓ ଅର୍ଥନୈତିକ ଅପରାଧ ଭଳି ଅନେକ ନୂଆ ସମସ୍ୟା ପୋଲିସ ପାଇଁ ଆହ୍ୱାନ ସୃଷ୍ଟି କରୁଥିଲେ ମଧ୍ୟ ଏହାକୁ ରୋକିବାରେ ରାଜ୍ୟ ପୋଲିସ ସଫଳ ହୋଇଛି ବୋଲି ସେ କହିଥିଲେ। ବିଭିନ୍ନ ସମୟରେ ରାଜ୍ୟରେ ଆଇନଶୃଙ୍ଖଳା ରକ୍ଷାରେ ପୋଲିସ ବାହିନୀ ଦାୟିତ୍ୱର ସହ କର୍ତ୍ତବ୍ୟ ସମ୍ପାଦନ କରୁଥିବାରୁ ଡିଜିପି ସାଧୁବାଦ ଜଣାଇଥିଲେ। ଏହି ଉପଲକ୍ଷେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆର୍. କେ. ଶର୍ମା ପାଠ କରିଥିଲେ। ଆଇଜି (କାର୍ମିକ) ଏସ୍. ପ୍ରବୀଣ କୁମାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


କଟକସ୍ଥିତ ଓଏସ୍ଏପି ଷଷ୍ଠ ବାଟାଲିୟନ ପଡିଆରେ ଅନୁଷ୍ଠିତ ପରେଡ୍‌ରେ ଡିଜିପି ଅରୁଣ ଷଡ଼ଙ୍ଗୀ ଅଭିବାଦନ ଗ୍ରହଣ କରୁଛନ୍ତି।

ଏହି ଅବସରରେ ଉଲ୍ଲେଖନୀୟ ପୋଲିସ ସେବା ପାଇଁ ପୋଲିସ ଅଧିକାରୀଙ୍କୁ ଡିଜିପି ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଇନ୍ସପେକ୍ଟର ସତ୍ୟଜିତ୍ କଣ୍ଡନକେଲ, ଶ୍ରେଷ୍ଠ ଇନ୍ସପେକ୍ଟର (ଅପରାଧ ଶାଖା) ଅବନ୍ତୀମଣି ନାୟକ, ଶ୍ରେଷ୍ଠ ଇନ୍ସପେକ୍ଟର ସ୍ପେଶାଲବ୍ରାଞ୍ଚ (ଏସ୍ଆଇଡବ୍ଲ୍ୟୁ) ଏ. ଶ୍ରୀନିବାସ ଦୋରା, ଶ୍ରେଷ୍ଠ ସବ୍ ଇନ୍ସପେକ୍ଟର ଧର୍ମେନ୍ଦ୍ର ସିଆଳ, ଏସ୍ଓଜିର ଶ୍ରେଷ୍ଠ ଟିମ୍ ଲିଡର ଏସ୍ଆଇ (ଆର୍ମଡ) ମାନସ ରଞ୍ଜନ ତ୍ରିପାଠୀ, ଶ୍ରେଷ୍ଠ ଏଏସ୍ଆଇ ଅମୂଲ୍ୟରତ୍ନ ବିରୋ, ଶ୍ରେଷ୍ଠ ହାବିଲଦାର କନ୍ଦର୍ପ ପାତ୍ର, ଶ୍ରେଷ୍ଠ ଓଆର୍ କନ୍‌ଷ୍ଟେବଲ୍ ଦେବେନ୍ଦ୍ର କୁମାର ରାଉତ, ଶ୍ରେଷ୍ଠ ଏପିଆର୍ କନ୍‌ଷ୍ଟେବଲ୍ ଅଜିତ କୁମାର ଗିରି, ଶ୍ରେଷ୍ଠ ଟ୍ରାଫିକ କନ୍‌ଷ୍ଟେବଲ୍ ମାନସ ରଞ୍ଜନ ବେହେରା, ଶ୍ରେଷ୍ଠ ଇନ୍ସପେକ୍ଟର (ଆର୍ମଡ) ପ୍ରତାପ କୁମାର ଦାସ, ଶ୍ରେଷ୍ଠ ଏସ୍ଆଇ (ଆର୍ମଡ) ସାଗର ଥାପ୍ପା, ଶ୍ରେଷ୍ଠ ଏଏସ୍ଆଇ (ଆର୍ମଡ) ବିଷ୍ଣୁ କୁମାର ବୁରା, ଶ୍ରେଷ୍ଠ ହାବିଲଦାର (ଆର୍ମଡ) ପ୍ରାଣକୃଷ୍ଣ ଲେଙ୍କା, ଶ୍ରେଷ୍ଠ ସିପାହି ବିଶ୍ୱକର୍ମା ମୁଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ସ୍ୱର୍ଗତ ଭ୍ରମରବର ସାହୁ ଓ ସ୍ୱର୍ଗତ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। କନ୍‌ଷ୍ଟେବଲ୍ ଘନଶ୍ୟାମ ସାହୁ, ଓଏପିଏଫ୍ ରଜନୀକାନ୍ତ ପ୍ରଧାନ, ଓଏପିଏଫ୍ ବିବଛ ପ୍ରଧାନ, ହାବିଲ୍‌ଦାର ପ୍ରକାଶ ସାଗରଙ୍କୁ ସ୍ୱର୍ଗତ ଭ୍ରମରବର ସାହୁ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ହାବିଲ୍‌ଦାର ଗାଗାରିନ ଦଳାଇ ଓ ମଦନ ମୋହନ ପ୍ରଧାନଙ୍କୁ ସ୍ୱର୍ଗତ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମାରକୀ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବୌଦ୍ଧ ପଞ୍ଚମ ଆଇଆର ବାଟାଲିୟନକୁ ଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଚଳିତବର୍ଷ ପାଇଁ ୧୦୭ ଜଣ ଏବଂ ୨୦୨୩ ମସିହା ନିମନ୍ତେ ଜଣେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ ପ୍ରଦାନ କରାଯାଇଥିଲା।

# ବଣିକ କୋଚିଂ ସେଣ୍ଟର, ଯଯାତି ହୋଟେଲରେ ଆଇଟି ଚଢ଼ାଉ

■ ମ୍ୟାନେଜରଙ୍କ ଘରେ ବି ଯାଞ୍ଚ, ବହୁ ଲୋକଙ୍କୁ ପଚରାଉଚରା

■ ୨୦୨୩ରେ କୋଚିଂ ସେଣ୍ଟରରେ ହୋଇଥିଲା ଜିଏସ୍‌ଟି ରେଡ୍

ଭୁବନେଶ୍ୱର,୧।୪ (ସତ୍ୟଜିତ୍ ରାଉତ)

ବିଜେଡି ନେତା ସୁବ୍ରତ ଛାଟୋଇଙ୍କ ମାଲିକାନାରେ ଥିବା ବଣିକ୍ କୋଚିଂ ସେଣ୍ଟର, ବ୍ୟବସାୟିକ ପ୍ରତିଷ୍ଠାନ ଓ ତାଙ୍କ ବାସଭବନରେ ଆୟକର ବିଭାଗ ପକ୍ଷରୁ ସୋମବାର ଚଢ଼ାଉ ହୋଇଛି। ଚଢ଼ାଉ ହେଉଥିବା ସ୍ଥାନ ମଧ୍ୟରେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ବଣିକ ଶାଖା, ସୁବ୍ରତଙ୍କ ନୟାପଲ୍ଲୀସ୍ଥିତ ବାସଭବନ, ଯାଜପୁର ରୋଡସ୍ଥିତ ହୋଟେଲ 'ଯଯାତି କୋର୍ଟୟାର୍ଡ' ରହିଛି। ସେହିପରି ଯଯାତି ହୋଟେଲର ପରିଚାଳନା ମୁଖ୍ୟ ଦିବ୍ୟରଞ୍ଜନ ନାୟକଙ୍କ ଯାଜପୁର ସଦର ଥାନା ଅନ୍ତର୍ଗତ ମଲ୍ଲିକାପୁରସ୍ଥିତ ଘରେ ମଧ୍ୟ ଆୟକର ବିଭାଗର ଅଧିକାରୀମାନେ ଯାଞ୍ଚ ଜାରି ରଖିଛନ୍ତି। ଆୟକର ଫାଙ୍କି ଅଭିଯୋଗରେ ଆୟକର ବିଭାଗର ୪ଟି ଟିମ୍ ଏସବୁ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଅଧିକାରୀମାନେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ କିଛି ଜବତ କରିଥିବା ସୂଚନା ମିଳିଛି। ଏଥିସହ ସୁବ୍ରତଙ୍କ କୋଚିଂ ସେଣ୍ଟର, ବ୍ୟବସାୟିକ ପ୍ରତିଷ୍ଠାନ ଓ କୋଚିଂ ସେଣ୍ଟର ସହ ଜଡ଼ିତ କେତେଜଣ ବରିଷ୍ଠ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଉଛି। ବଣିକ କୋଚିଂ ସେଣ୍ଟରରେ ଚଢ଼ାଉ ସହ ଯାଞ୍ଚ ପାଇଁ କୌଣସି ଛାତ୍ରୀଛାତ୍ରଙ୍କୁ ଭିତରକୁ ଛଡ଼ାଯାଇ ନ ଥିଲା। ତେବେ ଏ ସଂକ୍ରାନ୍ତରେ ସୁବ୍ରତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ଯାଜପୁର ରୋଡ୍‌ସ୍ଥିତ ଯଯାତି ହୋଟେଲ।

ଜିଏସ୍‌ଟି ଫାଙ୍କି ଅଭିଯୋଗରେ ଗତବର୍ଷ ଅର୍ଥାତ୍ ୨୦୨୩ ମାର୍ଚ୍ଚ ୨୮ରେ ମଧ୍ୟ ବଣିକ କୋଚିଂ ସେଣ୍ଟରରେ ଜିଏସ୍‌ଟି ରେଡ୍ ହୋଇଥିଲା। ଏହି ସମୟରେ ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ଜିଏସ୍‌ଟି ଇଣ୍ଟେଲିଜେନ୍ସ ପକ୍ଷରୁ ୧୮ ଘଣ୍ଟା ଧରି ଚଢ଼ାଉ ହୋଇଥିଲା। ତେବେ ବର୍ଷକ ପରେ ଆୟକର ବିଭାଗ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ଚର୍ଚ୍ଚା ଜାରି ରହିଛି।

ସୂଚନାଯୋଗ୍ୟ, ବଣିକ୍ ପକ୍ଷରୁ ବ୍ୟାଙ୍କିଂ, ରେଲୱେ, ବି.ଏଡ୍. ଓ ଏସ୍ଏସ୍‌ସି ଆଦି କୋଚିଂ ଦିଆଯାଇଥାଏ। ରାଜ୍ୟର ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ରାଉରକେଲା ଓ ପଶ୍ଚିମବଙ୍ଗର କୋଲ୍‌କାତାରେ କୋଚିଂ ସେଣ୍ଟରର ଶାଖା ରହିଛି। ଖବର ଲେଖାହେବା ପର୍ଯ୍ୟନ୍ତ ୧୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଯାଞ୍ଚ ଜାରି ରହିଥିଲା।

## ଦେଶୀ ବନ୍ଧୁକ ତିଆରି କାରଖାନା ଠାବ, ଅଭିଯୁକ୍ତ ଗିରଫ

ରାଇକିଆ,୧।୪ (ପ୍ରଦୀପ ବେହେରା)

କନ୍ଧମାଳ ଜିଲା ରାଇକିଆ ପୋଲିସ ଦେଶୀ ବନ୍ଧୁକ ତିଆରି କାରଖାନ ଠାବ କରିଛି। ଦେଶୀ ବନ୍ଧୁକ ତିଆରି କରିବା ଅଭିଯୋଗରେ ସୋମବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ରାଇକିଆ ଥାନା କତିଙ୍ଗିଆ ପଞ୍ଚାୟତର ରିଶିଗୁଡ଼ା ଗ୍ରାମର ମୁନିବର ମଲ୍ଲିକ। ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଏବଂ ବିଭିନ୍ନ ପ୍ରକାର ବନ୍ଧୁକ ପ୍ରସ୍ତୁତରେ ବ୍ୟବହୃତ ହେଉଥିବା ସାମଗ୍ରୀ ଜବତ କରିଛି। ଏ ନେଇ ରାଇକିଆ ଥାନାରେ ନଂ. ୪୧/୨୪ରେ ମାମଲା ରୁଜୁ ହୋଇଛି।

୨୦୧୯ରେ ମଧ୍ୟ ବେଆଇନ ବନ୍ଧୁକ ତିଆରି କରିବା ଅଭିଯୋଗରେ ମୁନିବରଙ୍କୁ ଗିରଫ କରାଯାଇଥିଲା। ସେ ଜେଲରୁ ଫେରିବା ପରେ ପୁଣି ବନ୍ଧୁକ ତିଆରି କରିବା ଅଭିଯୋଗରେ ଗିରଫ ହୋଇଥିବା ନେଇ ଜି. ଉଦୟଗିରି ଏସ୍‌ଡିପିଓ ବିଜୟ କୁମାର ବିଶି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଯେପରି ନ ଉପୁଜେ ସେ ନେଇ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଗତ ସପ୍ତାହରେ ରାଇକିଆ ଥାନା ରଣବା ପଞ୍ଚାୟତର କାନସୁର ଅଞ୍ଚଳରୁ ମଧ୍ୟ ଜଣେ ବ୍ୟକ୍ତିଙ୍କଠାରୁ ବନ୍ଧୁକ ଓ ଗୁଳି ଜବତ କରାଯାଇଥିଲା।

## ଯୁକ୍ତ୨ ପରୀକ୍ଷା: ଆଜି ସରିବ ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ

ଭୁବନେଶ୍ୱର, ୧।୪(ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ଖାତା ମୂଲ୍ୟାୟନ ପ୍ରକ୍ରିୟା ମଙ୍ଗଳବାର ଶେଷ ହେବ। ଖାତା ଦେଖିବାକୁ ମୋଟ ୬,୫୦୦ ଶିକ୍ଷକ ନିୟୋଜିତ ହୋଇଛନ୍ତି। ଅନ୍‌ଲାଇନରେ ୨,୮୦୦ ଶିକ୍ଷକ ଖାତା ଦେଖୁଥିବାବେଳେ ଅଫ୍‌ଲାଇନରେ ୩,୭୦୦ଜଣ ଦେଖୁଛନ୍ତି। ସେପଟେ ଆସନ୍ତା ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ହେବ। ଏଥିରେ ପ୍ରାୟ ୪ହଜାର ଶିକ୍ଷକ ଖାତାଦେଖା ପାଇଁ ନିୟୋଜିତ ହେବେ।

ଚଳିତବର୍ଷ ୩ଲକ୍ଷ ୮୬ହଜାର ୨୫୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ତେବେ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଖାତା ଅନ୍‌ଲାଇନରେ ଏବଂ କଳା ଓ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନ୍‌ରେ ହେଉଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ମୂଲ୍ୟାୟନ ପ୍ରକ୍ରିୟା ଶେଷ କରି ମେ' ୧୫ ମଧ୍ୟରେ ଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଚଳିତବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ପୂର୍ବରୁ ସୂଚନା ଦିଆଯାଇଛି।

## ଡାକ୍ତରଖାନାରୁ ଚିକିତ୍ସାଧୀନ କଏଦୀ ଫେରାର

ସୁନ୍ଦରଗଡ଼,୧।୪ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରୁ ଚିକିତ୍ସାଧୀନ ଅବସ୍ଥାରେ ଜଣେ କଏଦୀ ରବିବାର ବିଳମ୍ବିତ ରାତିରେ ଚମ୍ପଟ ମାରିଛନ୍ତି। ସେ ହେଲେ ଅର୍ଜୁନ ମୁଣ୍ଡା। ଭଷ୍ମା ଥାନା ଅଞ୍ଚଳର ଏକ ହତ୍ୟା ମାମଲାରେ ଗିରଫ ହୋଇ ଅର୍ଜୁନ ସୁନ୍ଦରଗଡ଼ ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ଥିଲେ। ଗତ ୨୯ତାରିଖରେ ସେ ଓ ଅନ୍ୟ ଜଣେ କଏଦୀଙ୍କୁ ଅପରେଶନ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରେଶନ ପରେ ସେମାନଙ୍କୁ ସର୍ଜରି ୱାର୍ଡରେ ଚିକିତ୍ସା କରାଯାଉଥିଲା। ହେଲେ ଅର୍ଜୁନ ରବିବାର ବିଳମ୍ବିତ ରାତିରେ ପାଇଖାନା ଯିବା ବାହାନାରେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଜେଲ କର୍ତ୍ତୃପକ୍ଷଙ୍କ ରିପୋର୍ଟ ପରେ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଫେରାର କଏଦୀଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଟାଉନ ଥାନାରେ ଏକ ମାମଲା (ନଂ. ୧୨୨/୨୪) ରୁଜୁ ହୋଇଛି।

# ଜଳିଗଲା ପିଆଜ ବୋଝେଇ ଟ୍ରକ୍

ବାରିପଦା,୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବିଶୋଇ (ଅମିତ ଦାସ)

ମୟୂରଭଞ୍ଜ ଜିଲା ୪୯ନଂ. ଜାତୀୟ ରାଜପଥ ଦ୍ୱାରଶୁଣି ଘାଟି ଦେଇ ଯାଇଥିବା ରାସ୍ତାରେ ସୋମବାର ଏକ ପିଆଜ ବୋଝେଇ ଟ୍ରକ୍ ଜଳିଯାଇଛି। ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିବା ପରେ ସେଥିରେ ନିଆଁ ଲାଗିଯାଇଥିଲା। ଡ୍ରାଇଭରଙ୍କ ସନ୍ଧାନ ମିଳୁ ନ ଥିବାରୁ ଟ୍ରକ୍ ମଧ୍ୟରେ ସେ ଜୀବନ୍ତ ଦଗ୍ଧ ହୋଇଥିବା ନେଇ ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୦ଟା ସମୟରେ ବିଶୋଇରୁ କୋଲକାତା ଅଭିମୁଖେ ଏକ ପ୍ଲାଷ୍ଟିକ ଓ ପିଆଜ ବୋଝେଇ ଟ୍ରକ୍ ଯାଉଥିଲା। ବିଶୋଇ ଥାନା ଅନ୍ତର୍ଗତ ରାଜାବସା ନିକଟବର୍ତ୍ତୀ ଦ୍ୱାରଶୁଣି ଘାଟି ରାସ୍ତାରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ ପଥରରେ ପିଟିହୋଇ ଓଲଟି ପଡ଼ିଥିଲା। ଫଳରେ ସେଥିରେ ନିଆଁ ଲାଗି ଯାଇଥିଲା। ଖବରପାଇ ବିଶୋଇ, ବିଜାତଳା ଓ ବାଙ୍ଗିରିପୋଷି ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁଙ୍କ ସମେତ ବିଶୋଇ ଥାନା ଅଧିକାରୀ ମିନି ଭୋଇ,ଏସ୍ଆଇ ଘନଶ୍ୟାମ ମଲ୍ଲିକ ଓ ପୋଲିସ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପରଙ୍କ ସନ୍ଧାନ ମିଳୁ ନ ଥିବା ବେଳେ ଟ୍ରକ୍ ଭିତରେ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଥିବା ନେଇ ପାରିପାର୍ଶ୍ୱିକ ସ୍ଥିତିରୁ ସନ୍ଦେହ କରାଯାଉଛି। ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ପରେ ଉକ୍ତ ଘଟଣାରେ କେହି ମୃତାହତ ହୋଇଛନ୍ତି କି ନାହିଁ ଜଣାପଡ଼ିବ ବୋଲି ପୋଲିସ କହିଛି। ଟ୍ରକ୍‌ଟି ପୋଡ଼ି ପାଉଁଶ ହୋଇ ଯାଇଥିବାରୁ ତାହାର ନମ୍ବର ପ୍ଲେଟ ମଧ୍ୟ ମିଳି ପାରିନାହିଁ। ଖବର ଲେଖା ହେବା ସୁଦ୍ଧା ମୃତାହତଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରି ନାହିଁ।


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

## ପାରଳା ଗଜପତି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି

ଭୁବନେଶ୍ୱର, ୧।୪ (ବନ୍ଦନା ସେଠୀ)

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୮ତମ ବର୍ଷ ପୂର୍ତ୍ତି ଅବସରରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପାରଳା ଗଜପତି ବିକାଶ ମଞ୍ଚ ତରଫରୁ ଭୁବନେଶ୍ୱର ଏଜି ଛକସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା। ମଞ୍ଚର ସମସ୍ତ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ମଞ୍ଚର ଭାରପ୍ରାପ୍ତ ସଭାପତି ଦିଗ୍‌ବିଜୟ ନାଥ ପାଢ଼ୀ ମହାରାଜାଙ୍କ ସ୍ମୃତିଚାରଣ କରି କହିଲେ, ମହାରାଜା ସମଗ୍ର ଓଡ଼ିଆ ଜାତି ପାଇଁ ଏକ ପ୍ରେରଣା ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ଥିଲେ। ମହାରାଜାଙ୍କ ବିନା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କେବେବି ସମ୍ଭବପର ହୋଇ ନ ଥାନ୍ତା। ମାତ୍ର ପାରଳା ତଥା ଗଜପତି ଜିଲାବାସୀ ଆଜି ଉପେକ୍ଷିତ ହୋଇ ରହିଥିବା ଅନେକ ଘଟଣାବଳୀରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି। ଆଗାମୀ ପିଢ଼ି ପାଇଁ ବିଦ୍ୟାଳୟ ପାଠ୍ୟକ୍ରମରେ ମହାରାଜାଙ୍କ ଜୀବନୀକୁ ସ୍ଥାନିତ କରାଗଲେ ଭବିଷ୍ୟତ ବଂଶଧର ପ୍ରେରିତ ହୋଇପାରିବେ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ପାରଳା ଗଜପତି ବିକାଶ ମଞ୍ଚର ସମ୍ପାଦକ ରାଜକିଶୋର ପାଣିଗ୍ରାହୀ, ଯୁଗ୍ମସମ୍ପାଦକ ଉମାକାନ୍ତ ପାତ୍ର, କୋଷାଧ୍ୟକ୍ଷ ରୁଦ୍ରପ୍ରସାଦ ନାୟକ, ପ୍ରଫେସର ରାମଚନ୍ଦ୍ର ମିଶ୍ର, ପ୍ରଶାନ୍ତ ପାଢ଼ୀ, କୈଳାସ ପାଣିଗ୍ରାହୀ, ସୁରେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।


ଏଜି ଛକସ୍ଥିତ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଉଛି।

# ବାଇକ୍ ଚୋରି ର‍୍ୟାକେଟ୍‌ରେ ଇଞ୍ଜିନିୟରିଂ ଛାତ୍ର

**୫ ଚୋରା ବାଇକ୍ ଜବତ**

କେନ୍ଦୁଝର,୧।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ପୋଲିସ ଏକ ବାଇକ ଚୋରି ର‍୍ୟାକେଟ ଠାବ କରିଛି। ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୫ ବାଇକ୍ ଜବତ କରିବା ସହ ୨ ଛାତ୍ରଙ୍କୁ ଗିରଫ କରିଛି। ଗିରଫ ଛାତ୍ର ଯୋଡ଼ା ପୌରପାଳିକା ଅନ୍ତର୍ଗତ ଆଜାଦବସ୍ତୀର ଦୀପଙ୍କର ଗୋଚ୍ଛାୟତ(୧୯)। ସେ କେନ୍ଦୁଝର ସହର ଉପକଣ୍ଠରେ ଥିବା ଘରୋଇ ଇଞ୍ଜିନିୟରିଂ କଲେଜରେ ମାଇନିଂ ଡିପ୍ଲୋମାରେ ଦ୍ୱିତୀୟ ବର୍ଷରେ ପାଠ ପଢୁଥିଲେ। ଅନ୍ୟ ଜଣଙ୍କ ହେଲେ ବଡ଼ବିଲ ଥାନା ଅନ୍ତର୍ଗତ ଉଲିବୁର ଅଞ୍ଚଳର ରାଜୀବ ଗୋପ(୨୧)। ସେ ବଡ଼ବିଲରେ ଯୁକ୍ତ ୩ ବାଣିଜ୍ୟରେ ପାଠ ପଢୁଛନ୍ତି। ଉଭୟ ଡିମ୍ପୋରେ ଏକ ଘରୋଇ ଛାତ୍ରାବାସରେ ରହୁଥିଲେ।

ସୂଚନା ମୁତାବକ, ୨୦୨୩ ଡିସେମ୍ବର ୨୬ ରାତିରେ ନରଣପୁରର ଯଶୋବନ୍ତ ବେହେରାଙ୍କ ବାଇକ୍ (ନଂ. ଓଡି୦୯ଡି -୧୨୭୦) ଚୋରି ହୋଇଥିଲା। ଏ ନେଇ ଯଶୋବନ୍ତ ଟାଉନ ଥାନାରେ ଡିସେମ୍ବର ୨୭ରେ ରିପୋର୍ଟ କରିଥିଲେ। ପୋଲିସ ମାମଲା (ନଂ. ୪୭୦/୨୩) ରୁଜୁ କରିଥିଲା। ତଦନ୍ତ ବେଳେ ଟାଉନ ପୋଲିସ ୨ ଛାତ୍ର ରହୁଥିବା ଡିମ୍ପୋସ୍ଥିତ ଭଡ଼ା ଘରୁ ଏହି ଗାଡି ଜବତ୍ କରିବା ପରେ ସମ୍ପୂର୍ଣ୍ଣ ଘଟଣା ଲୋକଲୋଚନକୁ ଆସିଥିଲା। ଏହି ଗାଡ଼ିର ନମ୍ବର ପ୍ଲେଟ୍ ପରିବର୍ତ୍ତନ କରି ସେମାନେ ବ୍ୟବହାର କରୁଥିଲେ। ସେମାନଙ୍କୁ ପଚରାଉଚୁରା ବେଳେ ୩୦ ମାର୍ଚ୍ଚ ୨୦୨୪ରେ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ବରାଳ ଲଜ୍ ଗଳିରେ ରହୁଥିବା ସତ୍ୟାନନ୍ଦ ନାଏକଙ୍କ ଘର ସମ୍ମୁଖରୁ ବାଇକ୍( ନଂ. ଓଡି୦୯କ୍ୟୁ-୩୨୦୦) ଚୋରି କରିଥିବା ସ୍ୱୀକାର କରିଥିଲେ। ଉକ୍ତ ଗାଡ଼ିକୁ ମଧ୍ୟ ପୋଲିସ ବାରିଆ ଥାନା ଅଞ୍ଚଳରୁ ଜବତ୍ କରିଛି। ଗତ ୩୧ ତାରିଖ ଦିନ ଟାଉନ ଥାନା ଅନ୍ତର୍ଗତ ରଘୁନାଥ ହୋଟେଲ ନିକଟ ମୋଚିବନ୍ଧ ସାହିରେ ରହୁଥିବା ପୋଲିସ ସବ୍‌ଇନ୍ସପେକ୍ଟର ଅଯୋଧ୍ୟା ମାଟିଆଙ୍କ ବାଇକ୍( ନ°.ଓଆ।ର୦୯-ଏମ-୪୨୦୨)ଘର ଅଗଣାରୁ ଚୋରି ହୋଇଥିଲା। ଏହି ମାମଲାରେ ମଧ୍ୟ ପୋଲିସ ଉକ୍ତ ଚୋରି ଗାଡି ସମେତ ଅନ୍ୟ ୨ ଗାଡ଼ି ସେମାନଙ୍କଠାରୁ ଜବତ୍ କରିଛି। ଟାଉନ ପୋଲିସ ପୃଥକ ମାମଲା(ନଂ.୨୦୪/୨୦୨୪ ଏବଂ ୨୦୦/୨୦୨୪ )ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି। ର‍୍ୟାକେଟର ମୁଖ୍ୟ ଅଭିଯୁକ୍ତ ଫେରାରଥିବାରୁ ତାଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଟାଉନ ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି।



ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ

-ତାରାତାରିଣୀ ଯାତ୍ରା ଓ ଶରଣ ଆରମ୍ଭ



# କଂକ୍ରିଟ ରୋକୁଛି ଜଳ

ନିକଟରେ ବାଲେଶ୍ୱର ଜିଲା ଔପଦା ବ୍ଲକ ସୁନ୍ଦରପଦା ପଞ୍ଚାୟତର ଗାଇସମ୍ଭାଳ ଗ୍ରାମବାସୀ ଓ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରଘୁଆବୋଲ ଗାଁର ଅଧିବାସୀ ପାନୀୟ ଜଳସଙ୍କଟ ଦୂର ନ ହେଲେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ। ମାର୍ଚ୍ଚ ୩୧ରେ ଗଞ୍ଜାମର ଗୟାଗଣ୍ଡ ଓ କେନ୍ଦ୍ରାପଡ଼ାର ଚଣ୍ଡିଆପାଲି ଗ୍ରାମବାସୀ ମଧ୍ୟ ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅତୀତରେ ରାସ୍ତାଘାଟ, ଜଳସେଚନ, ସ୍ୱାସ୍ଥ୍ୟସୁବିଧାର ଅଭାବକୁ ଦର୍ଶାଇ ଲୋକେ ଭୋଟବର୍ଜନ କରିଥିବା ଦେଖାଯାଇଛି। ଏବେ ପାନୀୟ ଜଳ ଅଭାବକୁ ନେଇ ଗ୍ରାମବାସୀଙ୍କ ଏପରି ଆହ୍ୱାନ ନିଶ୍ଚିତ ଭାବେ ଚିନ୍ତାର ବିଷୟ। ସମୟ ଥିଲା ଉପାନ୍ତ ଅଞ୍ଚଳରେ ଲୋକଙ୍କ ଜଳ ଚାହିଦା ମେଣ୍ଟିପାରୁ ନ ଥିବା ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲା। ଏବେ ଉପକୂଳ ଅଞ୍ଚଳରେ ଏହି ସମସ୍ୟା ଉତ୍କଟ ହେବାରେ ଲାଗିଛି।

ଅତୀତର ଦୃଷ୍ଟାନ୍ତକୁ ଦେଖିଲେ, ପାନୀୟ ଜଳ ସଙ୍କଟ ପ୍ରତିବର୍ଷ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସାମ୍ନାକୁ ଆସିଲେ ପ୍ରଶାସନ ପକ୍ଷରୁ ତତ୍କ୍ଷଣାତ୍ କିଛି ପ୍ରତିକାର ବ୍ୟବସ୍ଥା କରାଯାଏ। କିନ୍ତୁ କୌଣସି ଦୀର୍ଘମିଆଦୀ ସମାଧାନ ସମ୍ପର୍କରେ କିଛି ଚିନ୍ତା କରାଯାଉ ନ ଥିବାରୁ ପରେ ଯେଉଁ କଥାକୁ ସେହି କଥା। ଏବେ ମଧ୍ୟ ଅଧିକାଂଶ ପଞ୍ଚାୟତରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇପ୍ ବିଛାଇବା ଓ ପାଣିଟାଙ୍କି ନିର୍ମାଣରେ ଅଟକି ରହିଛି। ଆଗକୁ ଭୋଟ ଆସୁଥିବାରୁ ଉପରଲିଖିତ ଗ୍ରାମର ଜଳସଙ୍କଟ ଦୂର କରିବା ଉପରେ ତତ୍ପରତା ପ୍ରକାଶ ପାଇପାରେ। ହୁଏତ ଟ୍ୟୁବୱେଲ ମରାମତି ହେବା ସହ ଟ୍ୟାଙ୍କର ରାସ୍ତାରେ ଗଡ଼ିପାରେ। କିନ୍ତୁ ଜଳସଙ୍କଟ ଟାଳିବା ଲାଗି ଏକ ଦୀର୍ଘସ୍ଥାୟୀ ପଦକ୍ଷେପ ନିଆଯାଉ ନ ଥିବାରୁ ବାରମ୍ବାର ଏଭଳି ସମସ୍ୟା ଉପୁଜୁଛି। କେବଳ ସେତିକି ନୁହେଁ, ଏବର ସ୍ଥିତି ଦେଖିଲେ ଗଞ୍ଜାମ ଜିଲାର ଜୀବନରେଖା କୁହାଯାଉଥିବା ଋଷିକୁଲ୍ୟା ଭଳି ନଦୀ ଶୁଖିଯାଇଥିବା ଖବର ପ୍ରକାଶ ପାଇଛି। ଏପରିକି ଓଡ଼ିଶାର ପ୍ରମୁଖ ନଦୀ ଯଥା ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀର ଜଳଧାରଣ କ୍ଷମତା କମିବାରେ ଲାଗିଛି। ଚାଇନା ଓ ଭାରତ(ଆସାମ) ଦେଇ ବାଂଲାଦେଶରେ ପ୍ରବାହିତ ବ୍ରହ୍ମପୁତ୍ର ଏବଂ ପଶ୍ଚିମଘାଟ ପର୍ବତମାଳାରୁ ବାହାରି ମହାରାଷ୍ଟ୍ର, କର୍ନାଟକ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଦେଇ ପ୍ରବାହିତ କୃଷ୍ଣା ନଦୀ ମଧ୍ୟ ଅନୁରୂପ ସମସ୍ୟା ଦେଇ ଗତି କରୁଛନ୍ତି। ୨୦୨୩ ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଆଗାମୀ ୨୦ ବର୍ଷ ମଧ୍ୟରେ ଭାରତର ନଦୀଗୁଡ଼ିକର ଜଳପ୍ରବାହ ହ୍ରାସ ପାଇବା ସଂକ୍ରାନ୍ତ ପ୍ରକାଶିତ ରିପୋର୍ଟର ପ୍ରମାଣ ଯଥେଷ୍ଟ ପୂର୍ବରୁ ଅନୁଭୂତ ହେଲାଣି।

> ସହରର ରାସ୍ତାଘାଟ, ସର୍ବସାଧାରଣ ସ୍ଥାନ ସବୁ କଂକ୍ରିଟମୟ କରିଦିଆଯାଉଛି, ଯାହା ପାଇଁ ବର୍ଷା ଜଳ ସଞ୍ଚିତ ହେବା କିମ୍ବା ମାଟିରେ ଭେଦିବାର ସମ୍ଭାବନା କମିଯାଉଛି। ଏଥିସହିତ ଭାରତୀୟମାନଙ୍କର ସାଧାରଣ ଚରିତ୍ରକୁ ମଧ୍ୟ ଦୋଷ ଦେବାକୁ ହେବ।

କର୍ନାଟକର ବେଙ୍ଗାଲୁରୁ ହେଉ ବା ତାମିଲନାଡୁର ଚେନ୍ନାଇ କିଭଳି ତୀବ୍ର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି, ତାହା ଏ ବର୍ଷ ସମସ୍ତେ ଦେଖୁଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ବେଙ୍ଗାଲୁରୁର ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଯୋଗୁ ଏଭଳି ଘଟିଥିବା କୁହାଯାଇଛି। ମନେରଖିବାକୁ ହେବ ଯେ, କେବଳ ବେଙ୍ଗାଲୁରୁ ନୁହେଁ, ଭାରତର ବହୁ ସହର ଓ ଗ୍ରାମାଞ୍ଚଳରେ ଏଭଳି ସ୍ଥିତି ପାଇଁ କମ୍ ବର୍ଷାକୁ ଦାୟୀ କରାଯାଉଛି। ଦେଖିବାକୁ ଗଲେ ଏହା ପଛରେ ଜଳବାୟୁ ପରିବର୍ତ୍ତନ ଓ ମନୁଷ୍ୟକୃତ କାରଣ ରହିଛି। ସାଧାରଣତଃ ସହରର ରାସ୍ତାଘାଟ, ସର୍ବସାଧାରଣ ସ୍ଥାନ ସବୁ କଂକ୍ରିଟମୟ କରିଦିଆଯାଉଛି, ଯାହା ପାଇଁ ବର୍ଷା ଜଳ ସଞ୍ଚିତ ହେବା କିମ୍ବା ମାଟିରେ ଭେଦିବାର ସମ୍ଭାବନା କମିଯାଉଛି। ଏଥିସହିତ ଭାରତୀୟମାନଙ୍କର ସାଧାରଣ ଚରିତ୍ରକୁ ମଧ୍ୟ ଦୋଷ ଦେବାକୁ ହେବ। ଦେଶବ୍ୟାପୀ ସବୁଆଡ଼େ ଛୋଟବଡ଼ ପୋଖରୀ, ଝରଣା ଏବଂ ହ୍ରଦ ଭଳି ଜଳାଶୟକୁ ଦୂଷିତ କରିବା ସହିତ ପୋତିଦିଆଯାଉଛି। ଏହାକୁ ସରକାର ନୁହେଁ, ସାଧାରଣ ଲୋକ କରୁଛନ୍ତି। ବର୍ଷାଜଳକୁ ସୁରକ୍ଷିତ ରଖିବାର କୌଣସି ଉଦ୍ୟମ ଆରମ୍ଭ ହେଉ ନ ଥିବାରୁ ତାହା ସମ୍ପୂର୍ଣ୍ଣ ଭାବେ ବୋହିଯାଇ ନଷ୍ଟ ହୋଇଯାଉଛି। ଚାରିଆଡ଼େ ବିଛାଯାଉଥିବା ପେଭର ବ୍ଲକର ଡିଜାଇନ ଦେଖିଲେ ତା' ଫାଙ୍କରେ କିଛି ମାତ୍ରାରେ ବର୍ଷାଜଳ ମାଟିକୁ ଯିବାର ସମ୍ଭାବନା ରହିଛି। ହେଲେ ଅନେକେ ଏହାକୁ ବ୍ୟବହାର କରିବା ବେଳେ ଉକ୍ତ ଫାଙ୍କକୁ ମଧ୍ୟ ସିମେଣ୍ଟ ଦେଇ ବୁଜି ଦେଉଛନ୍ତି। ଗୋଟେ କଂକ୍ରିଟମୟ ଜୀବନ ବିତାଇବାକୁ ଚାହୁଁଥିବା ନାଗରିକଙ୍କର ଜଳାଭାବ ସମ୍ପର୍କରେ ସ୍ୱର ଉତ୍ତୋଳନ କରିବାର କୌଣସି ଅଧିକାର ରହୁନାହିଁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 4 | | | 1 | | | | |
| | 3 | | | 6 | | | | |
| | 2 | 9 | | | | 4 | | 7 |
| 9 | | | | | | | | |
| | | | 4 | | | 9 | | 2 |
| | | 6 | | | | | 5 | 3 |
| | | | | 2 | 8 | | 3 | |
| | | | 1 | | | | | |
| 7 | 5 | | | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 7 | 2 | 1 | 5 | 8 | 3 | 6 |
| 3 | 8 | 1 | 4 | 7 | 6 | 5 | 2 | 9 |
| 6 | 2 | 5 | 3 | 9 | 8 | 7 | 1 | 4 |
| 7 | 1 | 9 | 5 | 4 | 2 | 3 | 6 | 8 |
| 2 | 6 | 3 | 7 | 8 | 9 | 4 | 5 | 1 |
| 4 | 5 | 8 | 6 | 3 | 1 | 2 | 9 | 7 |
| 1 | 7 | 4 | 9 | 5 | 3 | 6 | 8 | 2 |
| 8 | 3 | 2 | 1 | 6 | 4 | 9 | 7 | 5 |
| 5 | 9 | 6 | 8 | 2 | 7 | 1 | 4 | 3 |

ଗତକାଲିର ଉତ୍ତର


# ପରୀକ୍ଷାର ପରୀକ୍ଷାନିରୀକ୍ଷା



ଅକ୍ଷୟ କୁମାର ମିଶ୍ର

ଆପଣମାନେ ସମସ୍ତେ ଜାଣନ୍ତି ମାଟ୍ରିକ୍ ପରୀକ୍ଷା ସରିଲା। ସାଢ଼େ ପାଞ୍ଚ ଲକ୍ଷରୁ ଅଧିକ ପିଲା ଏହି ପରୀକ୍ଷା ଦେଲେ । ବିଜ୍ଞାନ, ବାଣିଜ୍ୟ, କଳା ତଥା ଅନ୍ୟାନ୍ୟ ଧନ୍ଦାମୂଳକ ଶିକ୍ଷା ପାଇଁ ଏଣିକି ପଥ ଉନ୍ମୁକ୍ତ ହୋଇଗଲା। ବୋଧହୁଏ ଏହି କଥାଟିକୁ ଜାଣି ଆମ ମାଧ୍ୟମିକ ଶିକ୍ଷା ପରିଷଦ ଯତ୍ପରୋନାସ୍ତି ଉଦ୍ୟମ କରିଥିଲା ପରୀକ୍ଷାଟିକୁ ସ୍ୱଚ୍ଛ କରିବା ପାଇଁ। ପିଲାମାନେ କେମିତି ଚାପଶୂନ୍ୟ ହୋଇ ପରୀକ୍ଷା ଦେବେ, ପରୀକ୍ଷାରେ କୌଣସି ତ୍ରୁଟି ବିଚ୍ୟୁତି ହେବ ନାହିଁ, ପ୍ରଶ୍ନପତ୍ର ଯେମିତି ପ୍ରଘଟ ହେବ ନାହିଁ, କୌଣସି ପରୀକ୍ଷାର୍ଥୀ ଯେମିତି ଅସାଧୁ ଉପାୟ ଅବଲମ୍ବନ ନ କରନ୍ତି, ଶିକ୍ଷକମାନେ ଯେମିତି ଅନୁକମ୍ପା ପ୍ରଦର୍ଶନ ନ କରନ୍ତି ଏସବୁ ପାଇଁ ବୋର୍ଡ଼ ବେଶ୍ କିଛି ପଦକ୍ଷେପ ଗ୍ରହଣ କରିଥିଲା। ଏଥିପାଇଁ ହବ୍ ସେଣ୍ଟର ହୋଇଥିଲା। ଏହି ନୋଡାଲ୍ ସେଣ୍ଟରରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ଯାଉଥିଲା। ଯେଉଁଦିନ ଯେଉଁ ବିଷୟ ଥିଲା, ସେହିଦିନ ସେହି ବିଷୟର ପ୍ରଶ୍ନ ପ୍ୟାକେଟ୍ ପରୀକ୍ଷା ଆରମ୍ଭ ହେବାର ଘଣ୍ଟାଏ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚୁଥିଲା। ପ୍ରଶ୍ନପତ୍ରଗୁଡ଼ିକ ଚାରୋଟି ଆବରଣ ମଧ୍ୟରେ ରଖାଯାଇଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ। ପ୍ରଶ୍ନପତ୍ରର ଭାଇରାଲ ରୋକିବା ପାଇଁ ପ୍ରଥମ କରି ପରୀକ୍ଷା ଆରମ୍ଭ ହେବାର ଦେଢ଼ଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବାକୁ ନିର୍ଦ୍ଦେଶ ହୋଇଥିଲା। ସମସ୍ତ ପରୀକ୍ଷା କେନ୍ଦ୍ରରେ ଜଣେ ଅବ୍ଜରଭରଙ୍କୁ ନିଯୁକ୍ତ କରାଯାଇଥିଲା। ତିନିସ୍ତରୀୟ ସ୍କ୍ୱାଡ୍ ନିଯୁକ୍ତି ହୋଇଥିଲେ। ବହୁ ପରୀକ୍ଷା କେନ୍ଦ୍ରରେ ଅତ୍ୟାଧୁନିକ ଏ.ଆଇ. କ୍ୟାମେରା ମଧ୍ୟ ଲାଗିଥିଲା। ପରୀକ୍ଷାରେ କପି ରୋକିବା ପାଇଁ ଯଦି ଏ ସମସ୍ତ ପଦକ୍ଷେପ ବୋର୍ଡ଼ ଗ୍ରହଣ କରିଥାଏ, ତେବେ ଏହାକୁ ଯେକେହି ସଚେତନ ନାଗରିକ ନିଶ୍ଚୟ ସ୍ୱାଗତ କରିବେ। ଏହାପରେ ଯେ କପି ହୋଇ ନାହିଁ କିମ୍ବା କପି ହେବ ନାହିଁ ଏକଥା କୁହାଯାଇ ପାରିବ ନାହିଁ। କିନ୍ତୁ ଯଦି କେଉଁଠି ସମୂହ କପି ହୋଇଥାଏ, ତେବେ ଏଥିପାଇଁ କାହାକୁ ଦାୟୀ କରିବା ? କେବଳ ଏତିକି ନୁହେଁ, ଆହୁରି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଉଠିଲା। ଏତେ ନିରାପତ୍ତା ସତ୍ତ୍ୱେ ପରୀକ୍ଷା ଆରମ୍ଭ ପୂର୍ବରୁ ପ୍ରଶ୍ନପତ୍ର ମୋବାଇଲ୍‌କୁ ଆସୁଥିଲା ବୋଲି ଅଭିଯୋଗ ହେଲା। ଏହାର ସତ୍ୟାସତ୍ୟ ସମ୍ପର୍କରେ ଆଦୌ ଅନୁଧ୍ୟାନ ନ କରି, କୌଣସି ତଦନ୍ତ ନ କରି ବୋର୍ଡ଼ କର୍ତ୍ତୃପକ୍ଷ ଏହି ଅଭିଯୋଗ ଏକ ଗୁଜବ ବୋଲି କହି ସିଧାସଳଖ ପ୍ରତ୍ୟାଖ୍ୟାନ କରିଦେଲେ।

ଏବର ଆଉ ଏକ ଘଟଣା ଏହି ଅଭିଯୋଗକୁ ଆହୁରି ଘନୀଭୂତ କରିବାରେ ଲାଗିଛି। ନବମ ଶ୍ରେଣୀର ପରୀକ୍ଷାକୁ ନେଇ ବୋର୍ଡ଼ର ଦୋମୁହାଁ ନୀତି ସ୍ପଷ୍ଟ ହୋଇଛି। ପୂର୍ବରୁ ନବମ ଶ୍ରେଣୀର ଷାଣ୍ମାସିକ ହେଉ ବା ବାର୍ଷିକ ପରୀକ୍ଷା ନିମନ୍ତେ ଆବଶ୍ୟକ ପ୍ରଶ୍ନପତ୍ର ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନେ ପ୍ରସ୍ତୁତ କରୁଥିଲେ, ନହେଲେ ଶିକ୍ଷକ ସଂଘ ପ୍ରସ୍ତୁତ କରୁଥିବା ପ୍ରଶ୍ନପତ୍ର ମଗାଇ ସେଥିରେ ପରୀକ୍ଷା କରୁଥିଲେ। ସତୁରି ପ୍ରତିଶତରୁ ଅଧିକ ବିଦ୍ୟାଳୟ ରାଜ୍ୟରେ ଥିବା ସର୍ବପୁରାତନ ଶିକ୍ଷକ ସଂଗଠନ 'ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)'ରୁ ନେଉଥିଲେ। ସେମିତି ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ହେଉଥିବା ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ପ୍ରାଥମିକ ତଥା ନିମ୍ନ ପ୍ରାଥମିକ ଭଳି କିଛି ପ୍ରତିଷ୍ଠିତ ଶିକ୍ଷକ ସଂଘ ଯୋଗାଉଥିଲେ। ପରୀକ୍ଷା ଶୃଙ୍ଖଳିତ ଢଙ୍ଗରେ ହେଉଥିଲା। ପିଲାମାନଙ୍କର ମେଧାଶକ୍ତିକୁ କଳନା କରାଯାଇ ପାରୁଥିଲା। ପାଶ୍ ଫେଲ ବ୍ୟବସ୍ଥା ଥିଲା। ପରୀକ୍ଷାରେ ପାଶ୍ କରୁଥିବା ପିଲାଟି ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଉଥିଲା। ପରୀକ୍ଷାରେ ଯିଏ ଉତ୍ତମ ପ୍ରଦର୍ଶନ କରିପାରୁନଥିଲା, ସେ ସେହି ଶ୍ରେଣୀରେ ରହି ପୁନର୍ବାର ପଢୁଥିଲା। ସର୍ବଶିକ୍ଷା ଅଭିଯାନ ଆସିବା ପରେ ପ୍ରଥମେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବ୍ୟବସ୍ଥା ଉଠିଗଲା। କେହି ପିଲା ଫେଲ୍ ହେବେ ନାହିଁ ବୋଲି ନିର୍ଦ୍ଦେଶ ଆସିଲା। ଶ୍ରେଣୀଗତ ଦକ୍ଷତା ଥାଉ ବା ନ ଥାଉ ମିଶାଣ, ଫେଡ଼ାଣ, ଗୁଣନ, ହରଣ କରିପାରୁ ବା ନ ପାରୁ, ଲେଖିପଢ଼ି ଜାଣୁ ବା ନ ଜାଣୁ, ଏପରିକି ବିଦ୍ୟାଳୟକୁ ଆଦୌ ନ ଆସିଲେ ମଧ୍ୟ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ଥୟ। ତା'ପରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ଯୋଗାଇବା ଦାୟିତ୍ୱ ନେଇଗଲା ସର୍ବଶିକ୍ଷା ଅଭିଯାନ। ଏହି ପ୍ରଶ୍ନପତ୍ରଗୁଡ଼ିକର ଗୋପନୀୟତା ରହିଲା ନାହିଁ। ପରୀକ୍ଷା ହେବାର ବହୁ ପୂର୍ବରୁ ପ୍ରଶ୍ନପତ୍ର ସବୁଠି ମିଳିଲା। ଏହି ଦୁଇଟି କଥା ପରୀକ୍ଷାର ଗୁରୁତ୍ୱକୁ ସମୂଳେ ଧ୍ୱଂସ କରିଦେଲା।



ନବମ ଶ୍ରେଣୀରେ ଏହି ବ୍ୟବସ୍ଥାଟି ନଥିଲା। ଏବେ ନବମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଏକା ପିଞ୍ଜରାର ସାରୀ କରିଦେବା ପାଇଁ ବ୍ୟବସ୍ଥା ଆରମ୍ଭ ହୋଇଛି। ପରୀକ୍ଷାରେ ସଂସ୍କାର ନାମରେ ମାଧ୍ୟମିକ ଶିକ୍ଷା ପରିଷଦ ଯେଉଁ ପରୀକ୍ଷାନିରୀକ୍ଷା ଚଳାଇଛି ତାହା ଥମିବାର ନାଁ ଧରୁ ନାହିଁ । ସେହି ସଂସ୍କାର ନାମରେ ପ୍ରଥମେ ଗୋଟିଏ ବର୍ଷରେ ଚାରୋଟି ଫରମେଟିଭ୍ ଓ ଦୁଇଟି ସମେଟିଭ୍ ଆସେସ୍‌ମେଣ୍ଟ ପରୀକ୍ଷା କରିବାକୁ ବୋର୍ଡ଼ ନିଷ୍ପତ୍ତି ନେଲେ। ଯେତେବେଳେ କରୋନା ଆକ୍ରମଣରେ ସମଗ୍ର ମାନବ ଜାତି ଆତଙ୍କିତ ଏବଂ ଭୀତତ୍ରସ୍ତ, ସେତେବେଳେ ଏହି ଫରମେଟିଭ୍ ଆସେସ୍‌ମେଣ୍ଟ ପାଇଁ ଯେଉଁ ପ୍ରଶ୍ନପତ୍ରର ଆବଶ୍ୟକତା ଥିଲା ତାକୁ ବୋର୍ଡ଼ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଠିକ୍ ତା' ପରବର୍ଷ ବୋର୍ଡ଼ ନିଷ୍ପତ୍ତି କଲା ଫରମେଟିଭ୍ ଆସେସ୍‌ମେଣ୍ଟ ପାଇଁ ଯେଉଁ ପ୍ରଶ୍ନ ଦରକାର, ତାହା ଶିକ୍ଷକମାନେ କରିବେ; କିନ୍ତୁ ଦୁଇଟି ସମେଟିଭ୍ ଆସେସ୍‌ମେଣ୍ଟର ପ୍ରଶ୍ନପତ୍ର ବୋର୍ଡ଼ ତରଫରୁ ଯୋଗାଇ ଦିଆଯିବ ଏବଂ ଉତ୍ତର ଖାତାର ମୂଲ୍ୟାୟନ ନିଜ ବିଦ୍ୟାଳୟର ଶିକ୍ଷକମାନେ ନ କରି ଅନ୍ୟ ବିଦ୍ୟାଳୟର ଶିକ୍ଷକଙ୍କୁ ଦାୟିତ୍ୱ ଦିଆଗଲା। ଏଥିସହିତ ଦଶମ ଶ୍ରେଣୀରେ ଦୁଇ ଦୁଇଥର ବୋର୍ଡ଼ ପରୀକ୍ଷା ଅନୁଷ୍ଠିତ ହେଲା। ଅର୍ଥାତ୍ ବର୍ଷରେ ଦୁଇଥର ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଦେବା ପାଇଁ ଅନ୍ୟ ବିଦ୍ୟାଳୟକୁ ଯିବାକୁ ପଡ଼ିଲା। ପୁଣି ତା' ପରବର୍ଷ ଏ ନିୟମ ବଦଳିଗଲା। କୁହାଗଲା, ଆଉ ସମେଟିଭ ଆସେସ୍‌ମେଣ୍ଟ ନୁହେଁ, ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ନାମରେ ଦୁଇଟି ପରୀକ୍ଷା ହେବ। ଦଶମ ଶ୍ରେଣୀର ଷାଣ୍ମାସିକ ପରୀକ୍ଷା ନିଜ ବିଦ୍ୟାଳୟରେ ହେବ, କିନ୍ତୁ ବୋର୍ଡ଼ ତରଫରୁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ। ପରୀକ୍ଷାଖାତାର ମୂଲ୍ୟାୟନ ନିଜ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ କରି ଛାତ୍ରୀଛାତ୍ରଙ୍କ ପ୍ରାପ୍ତ ନମ୍ବର ପ୍ରଧାନଶିକ୍ଷକ ବୋର୍ଡ଼କୁ ପ୍ରେରଣ କରିବେ, ବାର୍ଷିକ ପରୀକ୍ଷାର ପରିଚାଳନା, ମୂଲ୍ୟାୟନ ପୂର୍ବବତ୍ ବୋର୍ଡ଼ କରିବ। ନବମ ଶ୍ରେଣୀର ଷାଣ୍ମାସିକ ପରୀକ୍ଷା ପାଇଁ ଆବଶ୍ୟକ ପ୍ରଶ୍ନପତ୍ର ବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ହେବ, କିନ୍ତୁ ବାର୍ଷିକ ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଯୋଗାଇ ଦିଆଯିବ। ଏହି ନିଷ୍ପତ୍ତି ପୁଣି ପରବର୍ତ୍ତୀ ବର୍ଷ ପରିବର୍ତ୍ତନ ହେଲା। ଦଶମ ଶ୍ରେଣୀର ଷାଣ୍ମାସିକ ପରୀକ୍ଷା ପାଇଁ ଲୋଡ଼ା ପ୍ରଶ୍ନପତ୍ର ବୋର୍ଡ଼ ଦେବ ନାହିଁ ବୋଲି କହିଲା। ମାତ୍ର ନବମ ଶ୍ରେଣୀର ବାର୍ଷିକ ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ବୋର୍ଡ଼ ତରଫରୁ ପୂର୍ବଭଳି ଦିଆଯିବ ବୋଲି କୁହାଗଲା।

ଦିଆଗଲା, କିନ୍ତୁ ବିଚିତ୍ର ପଦ୍ଧତିରେ। ପ୍ରଶ୍ନପତ୍ରର ପ୍ୟାକେଟ୍ ଦିଆନଯାଇ ପ୍ରଶ୍ନପତ୍ରର ଏକ ସଫ୍ଟ କପି ପ୍ରଧାନଶିକ୍ଷକଙ୍କ ମେଲ୍‌କୁ ପଠାଗଲା ଏବଂ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଗଲା, ପ୍ରତ୍ୟେକ ଦିନ ପରୀକ୍ଷା ହେବାକୁ ଥିବା ବିଷୟର ପ୍ରଶ୍ନ ଡାଉନଲୋଡ୍ କରି ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ। ରାଜା ଅନ୍ଧ ନିଆଁ ଅନ୍ଧ ଭଳି ବୋର୍ଡ଼ କର୍ତ୍ତୃପକ୍ଷ ଭାବିଲେ ନାହିଁ ଏହା କେତେଦୂର ଯଥାର୍ଥ। ଏଥିପାଇଁ ଯେଉଁ କମ୍ପ୍ୟୁଟର, ଜେରକ୍ସ ମେଶିନ୍, ନେଟ୍‌ୱର୍କ ଏବଂ ସର୍ବୋପରି ବିଦ୍ୟୁତ୍ ସମସ୍ତ ବିଦ୍ୟାଳୟରେ ଉପଲବ୍ଧ ଅଛି ନା ନାହିଁ। ଫଳରେ ଏହି ଆନୁଷଙ୍ଗିକ ବ୍ୟବସ୍ଥା ନଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ଘରୋଇ କମ୍ପ୍ୟୁଟର ଲ୍ୟାବ୍‌ର ସାହାଯ୍ୟ ନେଲେ ଏବଂ ବାହାରେ କୌଣସି ଏକ ଦୋକାନକୁ ଯାଇ ଜେରକ୍ସ କଲେ। ଏଥିରେ ପିଲା ପିଛା ଶହେ ଟଙ୍କାରୁ ଅଧିକ ଖର୍ଚ୍ଚ ହେଲା। ପ୍ରଧାନଶିକ୍ଷକଙ୍କ ଉପରେ ଚଡ଼କ ପଡ଼ିଲା, ଏ ଅର୍ଥ ଦେବ କିଏ ? ଏହି ବ୍ୟବସ୍ଥା ଫଳରେ ପ୍ରଶ୍ନପତ୍ରର ଗୋପନୀୟତା ସମ୍ପୂର୍ଣ୍ଣ ନଷ୍ଟ ହେଲା। ପରୀକ୍ଷା ହେବାର ପୂର୍ବଦିନ ସାମାଜିକ ଗଣମାଧ୍ୟମରେ, ଦୋକାନ ବଜାରରେ ପ୍ରଶ୍ନପତ୍ର ସହିତ ଉତ୍ତର ମଧ୍ୟ ପରୀକ୍ଷାର୍ଥୀଙ୍କ ନିକଟରେ ପହଞ୍ଚିଗଲା। ଏହାପରେ ପରୀକ୍ଷା କେମିତି ହୋଇଥିବ, ଅଧ୍ୟୟନ ପ୍ରତି ଥିବା ଆଗ୍ରହ ଉପରେ କେତେ ଆଘାତ ଲାଗିଥିବ, ମେଧାବୀ ଛାତ୍ରୀଛାତ୍ରଙ୍କୁ କେତେ ମାନସିକ ଯନ୍ତ୍ରଣା ଦେଇଥିବ ତାହା ହିଁ ବିଚାର୍ଯ୍ୟ। ପରୀକ୍ଷା ପ୍ରତି ଏତେ ଖାମଖିଆଲ ହେବା ଆଦୌ ଗ୍ରହଣୀୟ ନୁହେଁ । ବରଂ ମୂଲ୍ୟବୋଧବିହୀନ ପରୀକ୍ଷା ଆଦୌ ନ ହେବା ଉଚିତ।

ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ପରୀକ୍ଷାକୁ କପି କରିବାର ପ୍ରଶିକ୍ଷଣ କେନ୍ଦ୍ରରେ ପରିଣତ କରିସାରିବା ପରେ ଦଶମ ଶ୍ରେଣୀର ମାଟ୍ରିକ୍ ପରୀକ୍ଷାରେ କପି ରୋକିବାକୁ ପଦକ୍ଷେପ ନେବା ବିଷବୃକ୍ଷରେ ଅମୃତ ଫଳ ଫଳେଇବାକୁ ଚେଷ୍ଟା। କୌଣସି ନୂତନ ନୀତି ଆପଣେଇବା ପୂର୍ବରୁ ପୁଙ୍ଖାନୁପୁଙ୍ଖ ତର୍ଜମା ନହେଲେ, ସମଦୃଷ୍ଟି ସହିତ ଦୂରଦୃଷ୍ଟି ନ ରହିଲେ, ସମ୍ପୃକ୍ତ ଲୋକମାନଙ୍କର ମତାମତ ପ୍ରତି ଗୁରୁତ୍ୱ ନଦେଲେ ଯାହା ହେବା କଥା ତାହା ହିଁ ହେଉଛି । ସର୍ବଶିକ୍ଷା ହେଉ କିମ୍ବା ମାଧ୍ୟମିକ ଶିକ୍ଷା ପରିଷଦ ହେଉ, ଯଦି ସେମାନେ ପ୍ରଶ୍ନପତ୍ର ଯୋଗାଇବାକୁ ଚାହୁଁଛନ୍ତି, ତେବେ କେମିତି ଏହା ପ୍ରଘଟ ନହେବ ସେ ଦିଗରେ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ।

ସଭାପତି, ଓଷ୍ଟା
ମୋ : ୯୯୩୮୭୬୩୨୩୭

# ଏହି ଦେଶରେ



ଅନୀତା ପଟ୍ଟନାୟକ

ଥରେ ଦୁଇବନ୍ଧୁ ଭାରତ ଭ୍ରମଣରେ ବାହାରିଲେ। ଜଣକର ନାମ ବିଭୁଦ ଓ ଅନ୍ୟ ଜଣଙ୍କର ନାମ ଦେବୀଦ। ସେମାନେ ସ୍ଥିର କଲେ ଯେ ଭାରତ ଭ୍ରମଣ ସାରି ପୁରୀରେ ଏକାଠି ହେବେ ଏବଂ ଦିଅଁଙ୍କ ଦର୍ଶନ ସରିବା ପରେ ଲକ୍ଷ୍ମୀ ମନ୍ଦିରରେ ବିଶ୍ରାମ ନେବା ସମୟରେ ଦୁଇ ଜଣଙ୍କର ଅଭିଜ୍ଞତା ପରସ୍ପର ସହିତ ବାଣ୍ଟିବେ।

ଉଭୟ ବହୁଦିନ ପରେ ମିଳିତ ହୋଇଥିବାରୁ କୋଳାକୋଳି ହେଇ ଲକ୍ଷ୍ମୀ ମନ୍ଦିର ପାହାଚର ଏକ କୋଣରେ ବସିପଡ଼ିଲେ ; ଯେପରି ଅନ୍ୟ ଯାତ୍ରୀମାନଙ୍କର ଯିବା ଆସିବାରେ କୌଣସି ଅସୁବିଧା ନ ହୁଏ। ପ୍ରଭୁଦ କହିଲା ଭାରତ ଭ୍ରମଣରେ ଏକ ଆଶ୍ଚର୍ଯ୍ୟ ଜିନିଷ ଦେଖିଲି। ଯୋଗୀ ଋଷିମାନଙ୍କର ଜୀବନୀ ରାସ୍ତାରେ ପଢ଼ିଲି। ଅନେକଙ୍କ ସହ ଆଲୋଚନା କଲି। ସମସ୍ତେ କହିଲେ ପିତୃଭକ୍ତିକୁ ଯଦି ତୁଳନା କରାଯାଏ ଭୀଷ୍ମ ରାମଚନ୍ଦ୍ରଙ୍କଠାରୁ ନିଶ୍ଚିତ ଭାବେ ଅଧିକ ହେବେ। ସମସ୍ତେ ମତ ଦେଲେ ଭୀଷ୍ମ ଏକ ପ୍ରେରଣାର ଉତ୍ସବ ଭାବେ ମହାଭାରତରେ ବର୍ଣ୍ଣିତ ହୋଇଛନ୍ତି ତେଣୁ ସେ ଗୃହୀତ ଓ ପୂଜିତ ହେବା ଉଚିତ। ବୃଦ୍ଧ ପିତାଙ୍କର କାମ ଭାବକୁ ତୃପ୍ତ କରିବାକୁ ଯାଇ ଖୁବ୍ ଆନନ୍ଦ ଓ ଉତ୍ସାହର ସହିତ ସ୍ୱତଃସ୍ଫୂର୍ତ୍ତ ଭାବେ ବିନା ଆପତ୍ତିରେ ସାରା ଜୀବନ ପାଇଁ ନିଜର ଦାମ୍ପତ୍ୟ ଜୀବନ ତଥା ରାଜପଦରୁ ସେ ନିଜକୁ ବଞ୍ଚିତ କରିଥିଲେ। ସେ ନିଜର ପିତାଙ୍କର କାମଭାବକୁ ଅସଙ୍ଗତ କହି ନିଶ୍ଚିତ ଭାବରେ ଟାଳି ଦେଇପାରିଥାନ୍ତେ ଓ ଏଥିପାଇଁ ଇତିହାସ କେବେ ବି ତାଙ୍କୁ ଦୋଷ ଦେଇ ପାରି ନ ଥାନ୍ତା। କିନ୍ତୁ ଏ କ'ଣ ? ସେ ବେଦବାଣୀକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ ଓ ସେ ବେଦ ବାଣୀଟି ଥିଲା 'ପିତୃ ଦେବୋ ଭବ'।

ଆଶ୍ଚର୍ଯ୍ୟର କଥା ଓଡ଼ିଶାରେ କିମ୍ବା ଅଯୋଧ୍ୟାରେ ବା ଅନ୍ୟାନ୍ୟ ସ୍ଥାନରେ ମୁଁ ଯେଉଁ ସ୍ଥାନକୁ ବୁଲିଗଲି କୌଣସିଠାରେ ଭୀଷ୍ମଙ୍କର ମନ୍ଦିର ଦେଖିଲି ନାହିଁ। ଚାରିଆଡ଼େ ରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କର ମନ୍ଦିର ଦେଖିଲି। ଏହା ସତ୍ୟ ଯେ ରାମ ଜଣେ ପିତୃଭକ୍ତ ଥିଲେ ଓ ଲଙ୍କା ବିଜୟ ପରେ ଲକ୍ଷ୍ମଣ ଯେତେବେଳେ ସ୍ୱର୍ଣ୍ଣଲଙ୍କା ତ୍ୟାଗ କରିବାକୁ ରାଜି ହୋଇ ନ ଥିଲେ ସେ ତାଙ୍କୁ ବୁଝାଇ କହିଥିଲେ 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ' ଓ 'ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା'। ରାମ ସଦ୍‌ଗୁଣର ଆଧାର ଥିଲେ ଓ ଅଭ୍ୟାସ ବଳରେ ଜଣେ ଆଦର୍ଶ ପ୍ରଭୁ, ସ୍ୱାମୀ, ଭ୍ରାତା, ବନ୍ଧୁ ଏପରି କି ଜଣେ ଆଦର୍ଶ ଶତ୍ରୁ ହୋଇପାରିଥିଲେ। ଏଥର ବିଭୁଦ କହିଲା ଆନନ୍ଦ ପାଇବା ପାଇଁ ସମସ୍ତଙ୍କର ଇଚ୍ଛା ସମସ୍ତେ ଫମ୍ପା ଆମୋଦ ପ୍ରମୋଦରେ ମାତିଛନ୍ତି। ଆନନ୍ଦ ନିଜ ଭିତରେ ନ ଖୋଜି ବାହାରେ ଖୋଜୁଛନ୍ତି। ମୁଁ ମଧ୍ୟ ତୁମପରି ଭ୍ରମଣ ସମୟରେ ଶାସ୍ତ୍ରଗୁଡ଼ିକର ଜୀବନ ଶିକ୍ଷାକୁ ଅଧ୍ୟୟନ କରୁଥିଲି ଓ ଲୋକଙ୍କ ସହ ଆଲୋଚନା କରୁଥିଲି। ସମସ୍ତଙ୍କର ମତ ଏକ ଥିଲା ଯେ ତିତୀକ୍ଷା, ଅସୀମତା, ବନ୍ଧନରୁ ମୁକ୍ତି, ପରମ ଓ ବିଶ୍ୱାତ୍ମକକୁ ଉପଲବ୍ଧି କଲେ ହିଁ କାମନାର ସନ୍ତୁଷ୍ଟି ହୋଇଥାଏ। ଦେଖିଲି ନୂତନ ବର୍ଷ ବିଭିନ୍ନ ରାଜ୍ୟରେ ପାଳନ କରାଯାଉଛି। ଆଲୋଚନା କରି ଜାଣିଲି ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ସମୟର ଦୈର୍ଘ୍ୟକୁ ବୁଝାଯାଏ। ସେକେଣ୍ଡ କହିଲେ ତା'ର ମୌଳିକ ପରିମାପକକୁ ବୁଝାଯାଏ। ଷାଠିଏଟି ସେକେଣ୍ଡରେ ଗୋଟିଏ ମିନିଟ ହୁଏ। ମିନିଟରୁ ଷାଠିଏ ମିଶିଲେ ଗୋଟିଏ ଘଣ୍ଟା ହୁଏ। ଚବିଶ ଘଣ୍ଟା ମିଶି ଗୋଟିଏ ଦିନ ଓ ତିରିଶଟି ଦିନରେ ଗୋଟିଏ ମାସ ଓ ମାସ ମାସ ହୋଇ ବାରମାସ ଚାଲିଗଲେ ମନୁଷ୍ୟ ବର୍ଷ ଚାଲିଗଲା ବୋଲି କୁହେ। ବାରମାସ ସରିଗଲେ ଆମେ ନୂତନ ବର୍ଷର ପ୍ରଥମ ମାସର ପ୍ରଥମ ଦିନକୁ ଆସୁ ଓ ଏହାକୁ ଅବସର ଦିବସ ଭାବେ ପାଳନ କରୁ। ପ୍ରକୃତରେ ନୂତନ ବର୍ଷରେ, କିଛି ନୂଆ ହୁଏ ନାହିଁ। ଯଦି ଗୋଟିଏ ନୂତନ ସମୟ ପାଳନ କରିବା କଥା ତେବେ ମିନିଟ, ଘଣ୍ଟା, ଦିନ ମାସ ଓ ବର୍ଷକୁ ଅପେକ୍ଷା କରିବା କ'ଣ ଦରକାର। ପ୍ରତି ସେକେଣ୍ଡକୁ କେହି ଆନନ୍ଦ ଲାଭ ପାଇଁ ପାଳନ କରୁନାହିଁ।



ମନ, ବୁଦ୍ଧି, ସ୍ମୃତିଶକ୍ତି, ବାକ୍‌ଶକ୍ତି, ସାହସ ଓ ବିବେକର ସହ ସଜ୍ଜିତ ହୋଇ ଆସିଥିବା ମଣିଷ କ୍ଷଣିକ ସୁଖ ପଛରେ ଧାଉଁଛି। ସୂର୍ଯ୍ୟ, ଚନ୍ଦ୍ରର ଉଜ୍ଜ୍ୱଳତାକୁ ଲୁଚାଇ ଦେଇ ଯେପରି ଅସ୍ଥାୟୀ ଛାୟା ସୃଷ୍ଟି କରନ୍ତି ମନୁଷ୍ୟ ମଧ୍ୟ କ୍ଷଣିକ ସୁଖ ପଛରେ ଧାଇଁ ବୁଲୁଛି। ମୁଁ ମଧ୍ୟ ଦେଖିଲି ପୁଅମାନେ ବାପ ସମ୍ପତ୍ତିରୁ ଭାଗ ଚାହୁଁଛନ୍ତି ଓ ତାଙ୍କ ଦୁଃଖରେ ଭାଗୀ ହେବାକୁ ଚାହୁଁନାହାନ୍ତି। ବାପା ମାଆଙ୍କର ଯାହା ଆବଶ୍ୟକ ସେହି ଉପଦେଶକୁ ମାନୁ ନାହାନ୍ତି। ଯେଉଁ ପିତାମାତା ଆମକୁ ଶରୀର ପ୍ରଦାନ କରିଛନ୍ତି କଥା, କର୍ମ ଓ ବ୍ୟବହାର ଦ୍ୱାରା ଆମେ ତାଙ୍କୁ ସମ୍ମାନିତ କରିବା ଉଚିତ। ଆମେ ଯେତେବେଳେ ଜାଗତିକ ପିତାଙ୍କ କଥା ଶୁଣୁ ନାହୁଁ ପରମପିତା ଆମର ପ୍ରାର୍ଥନା ଶୁଣିବେ କେମିତି ?

ଆଉ ଏକ ଆଶ୍ଚର୍ଯ୍ୟଜନକ ଜିନିଷ ଭାରତ ଭ୍ରମଣ ସମୟରେ ଦେଖିଲି ମୃତ୍ୟୁକୁ ଭୟଙ୍କର ଦେବତା ଭାବେ ଚିତ୍ରଣ କରାଯାଇଛି। ଗୋଟିଏ ଅସୁର ମଇଁଷି ଚଢ଼ି ଫାଶ ଧରି ହଠାତ ମଣିଷ ପାଖରେ ପହଞ୍ଚି ଯାଆନ୍ତି। ଆଲୋଚନାରୁ ଜାଣିଲି ଏ ଫାଶ ମଣିଷର କୃତକର୍ମ। ସେ ହଠାତ୍ ପହଞ୍ଚି ନ ଥାଏ। ପୂର୍ବରୁ ସୂଚନା ଦିଅନ୍ତି ଯଥା ବାଳ ପାଚିବା, ଦାନ୍ତ ପଡ଼ିବା, ନ ଦିଶିବା, ଶୁଣା ନ ଯିବା, ଚର୍ମ ଲୋଳିତ ହେବା ଇତ୍ୟାଦି। ସେ କୌଣସି ପଶୁ ବାହନ ରୂପେ ବ୍ୟବହାର କରନ୍ତି ନାହିଁ। ତାଙ୍କର ଅନ୍ୟ ନାମ କାଳ। କାଳ ସ୍ଥିର ଗତିରେ ଆମ ଆଡ଼କୁ ମାଡ଼ି ଆସୁଛି। ଜୀବନର ସୂତ୍ରକୁ କାଟୁଛି। କର୍ମାନୁଯାୟୀ ଫଳ। ସେ ଫଳକୁ ପାଇବା ପାଇଁ ନିଜକୁ ଅଧିକ ବନ୍ଧନରେ ବାନ୍ଧିବା ଉଚିତ ନୁହେଁ। ଈଶ୍ୱରଙ୍କ ପାଦପଦ୍ମରେ ସମର୍ପଣ କଲେ ଯଥେଷ୍ଟ। ହେଲେ ଭାଇ ଶନି ମନ୍ଦିର ଦେଖିଲି ସିନା ଯମ ମନ୍ଦିର କେଉଁଠାରେ ଦେଖିଲି ନାହିଁ। ଏଥର ଦୁଇ ବନ୍ଧୁ ଉଠି ଆନନ୍ଦ ବଜାରକୁ ଗଲେ ପ୍ରସାଦ ସେବନ କରିବା ପାଇଁ।

ଅବସରପ୍ରାପ୍ତ ଅଧ୍ୟାପିକା, ସିଡିଏ, କଟକ,
ମୋ : ୯୬୯୨୯୮୦୦୨୬

## ଏଇ ଭାରତରେ

ପାଠ ପଢ଼ିବା ପାଇଁ ସମସ୍ତ ସୁବିଧାସୁଯୋଗ ଥାଇ ମଧ୍ୟ ଅନେକେ ପାଠରେ ମନ ଦେଇପାରନ୍ତି ନାହିଁ କିମ୍ବା ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସକ୍ଷମ ହୋଇପାରନ୍ତି ନାହିଁ। ମାତ୍ର ଆଗ୍ରହ ଥିଲେ ପିଲାମାନେ ଯେକୌଣସି ସ୍ଥାନରେ ବି ପାଠ ପଢ଼ି ସଫଳତାର ଶିଖରରେ ପହଞ୍ଚିପାରିବେ। ଏହାର ଏକ ଉଦାହରଣ ଏବେ ଦେଖିବାକୁ ମିଳିଛି ସୋସିଆଲ ମିଡିଆରେ। ଜୋମାଟୋର ଜଣେ ଡେଲିଭରି ଏଜେଣ୍ଟ ଏକ ଟ୍ରାଫିକ ପୋଷ୍ଟରେ ଜାମ୍ ଯୋଗୁ କିଛି ସମୟ ଅଟକି ଯାଇଥିବାରୁ ସେହିଠାରେ ହିଁ ପାଠ ପଢୁଛନ୍ତି। ଅବଶ୍ୟ ଆଜିକାଲି ଅନେକ ସହରରେ ଟ୍ରାଫିକ ପୋଷ୍ଟରେ ଖୁବ୍ ସମୟ ଅପେକ୍ଷା କରିବାକୁ ପଡୁଛି। ବୋଧହୁଏ ସେମିତି ଏକ ସ୍ଥାନରେ ସମୟର ସଦୁପଯୋଗ କରିବା ନିମନ୍ତେ ସେହି ଏଜେଣ୍ଟ ଜଣକ ନିଜ ଫୋନ୍ ବାହାର କରି ପାଠ ପଢୁଛନ୍ତି। ଅଳ୍ପ ସମୟ ହେଲେ ବି ପାଠପଢ଼ା ପ୍ରତି ତାଙ୍କର ସ୍ୱତନ୍ତ୍ର ଆଗ୍ରହ ରହିଥିବା ସ୍ପଷ୍ଟ ହୋଇଛି। ସୋସିଆଲ ମିଡିଆର ପୋଷ୍ଟ ଅନୁସାରେ ସେହି ବ୍ୟକ୍ତିଜଣକ ୟୁପିଏସ୍‌ସି ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେଉଛନ୍ତି। ଜୋମାଟୋର ଡେଲିଭରି ଏଜେଣ୍ଟ ହୋଇଥିବାରୁ ସେ ଦୀର୍ଘ ସମୟ ଧରି କାମ କରୁଛନ୍ତି। ତେଣୁ ତାଙ୍କ ପାଖରେ ପାଠ ପଢ଼ିବା ପାଇଁ ଖୁବ୍ କମ୍ ସମୟ ମିଳୁଛି। ତେଣୁ ସେ କେବଳ ଟ୍ରାଫିକ ପୋଷ୍ଟ ନୁହେଁ, ବରଂ ସମୟ ପାଇବା ମାତ୍ରକେ ଯେକୌଣସି ସ୍ଥାନରେ କିଛି ସମୟ ପଢିବାର ସୁଯୋଗ ହରାଇବାକୁ ଚାହୁଁ ନାହାନ୍ତି। ସମ୍ପୃକ୍ତ ଏଜେଣ୍ଟଙ୍କର ଏଭଳି ଏକ ପ୍ରୟାସ ନିଶ୍ଚିତଭାବେ ପ୍ରଶଂସାଯୋଗ୍ୟ। ମାତ୍ର ଏଭଳିଭାବେ ହୁଏତ ଅନ୍ୟମନସ୍କ ହେବାର ଆଶଙ୍କା ସୃଷ୍ଟି ହୋଇପାରେ ବୋଲି କେତେକ ସୋସିଆଲ ମିଡିଆରେ ମତ ଦେଇଛନ୍ତି। ଏହା ନିଶ୍ଚିତ ଯେ,କଠିନ ପରିଶ୍ରମ କଲେ ସଫଳତା ସହଜରେ ମିଳିପାରିବ। ତେଣୁ ସେହି ଜୋମାଟୋ ଏଜେଣ୍ଟଙ୍କୁ ପାଠ ପଢିବା ନିମନ୍ତେ ପ୍ରେରଣା ଦେବା ଦରକାର।

## ଚିରନ୍ତନୀ

ତା' ଲାଗି ଅଙ୍ଗେ ଭସ୍ମ ବହିଲି ଶିରରେ ଜଟା
ଚିର ଗଇରିକ ରଙ୍ଗ ଧରିଲା ପରାଣ ଗୋଟା
ଅନ୍ତର ତଳୁଁ ଝରିପଡ଼େସଦା ବେଦନା-ମସୀ
ଏ ଦେହ ପରାଣ ଘେନି ସେ ନାଗରୀ ଖେଳଇ ହଟା।
-(ମାନସୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିମାନବନ୍ଦର କରାଯାଉ

ମହାଶୟ,

ସର୍ବପୁରାତନ କଟକ ସହରରେ ଏକ ବିମାନବନ୍ଦର ନିର୍ମାଣ କରାଯାଉ। ଅନ୍ୟ ରାଜ୍ୟର ପ୍ରମୁଖ ସହର ତଥା ବିଦେଶକୁ ଯାତ୍ରା ପାଇଁ ସିଧାସଳଖ ବ୍ୟବସ୍ଥା ନାହିଁ। ଏଥିପ୍ରତି କେନ୍ଦ୍ର, ରାଜ୍ୟ ତଥା ବିମାନବନ୍ଦର କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ଆବଶ୍ୟକ। ସେହିପରି ବିଦେଶରୁ ପର୍ଯ୍ୟଟକମାନେ କଟକ ସହରରେ ନ ପହଞ୍ଚି ଭୁବନେଶ୍ୱର ବିମାନବନ୍ଦର ଉପରେ ନିର୍ଭର କରୁଛନ୍ତି। କ୍ରିକେଟ୍ ଖେଳାଳି କିମ୍ବା ଅନ୍ୟ ଦେଶରୁ ଆସୁଥିବା ଖେଳାଳିମାନେ ମଧ୍ୟ ସହରକୁ ଆସିବାକୁ କୌଣସି ସୁବିଧା କରାଯାଉନାହିଁ। ତା' ଛଡ଼ା ସହରରେ ଇଞ୍ଜିନିୟରିଂ କଲେଜ ସରକାରୀ ଭାବେ ପ୍ରତିଷ୍ଠା ହୋଇନାହିଁ। ମହିଳା ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଦୃଷ୍ଟିରୁ ଆଦୌ ବିଚାରକୁ ନିଆଯାଇନାହିଁ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନିଜ ଘରେ ନିଆଁ ଲଗାଇ ଯୁବକ ଅଟକ

ସିମୁଳିଆ,(ସନ୍ତୋଷ ନାୟକ)-ସିମୁଳିଆ ଥାନା ମଇତାପୁର-ଖଳଦା ଅଞ୍ଚଳର ସାଉଣ୍ଟା ପଣ୍ଡା ନାମକ ଯୁବକ ନିଶାସକ୍ତ ଅବସ୍ଥାରେ ରବିବାର ନିଜ ଘରେ ନିଆଁ ଲଗାଇ ଦେଇଛନ୍ତି । ଏ ସମ୍ପର୍କରେ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ଥାନାରେ ଅଭିଯୋଗ ପରେ ପୋଲିସ ତାଙ୍କୁ ଅଟକ ରଖିଛି। ଅଗ୍ନିକାଣ୍ଡରେ ଦୁଇ ବଖରା ଘର ସମେତ ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ପାରିବାରିକ କଳହ ଯୋଗୁ ଉଭୟ ଦମ୍ପତି ଅଲଗା ହୋଇ ଚଳୁଥିବା ଜଣାଯାଇଛି।

# ବାଲିଆପାଳରେ ଆଧାର ସେବା କେନ୍ଦ୍ର ବାଟବଣା

**ବାଲିଆପାଳ, ୧।୪(ଅମୂଲ୍ୟ କୁମାର ଦାସ)**

ସାଧାରଣ ନାଗରିକଙ୍କ ପାଇଁ ଆଧାର କାର୍ଡ଼ ଏବେ ଜରୁରୀ ହୋଇପଡ଼ିଛି। ବିଦ୍ୟାଳୟରେ ନାମ ଲେଖା, ରାଶନ କାର୍ଡ଼, ପାନକାର୍ଡ଼, ସ୍ୱାସ୍ଥ୍ୟ କାର୍ଡ଼, କାଳିଆ ଓ ପିଏମ୍ କିଶାନ୍ ଭଳି ବିଭିନ୍ନ ସରକାରୀ ଯୋଜନାରେ ସାମିଲ ପାଇଁ ଆଧାର କାର୍ଡ଼କୁ ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବ୍ଲକ ଅଫିସ୍, ବ୍ୟାଙ୍କ, ପୋଷ୍ଟ ଅଫିସ ଭଳି ବିଭିନ୍ନ ସରକାରୀ ଅଫିସ ଭିତରେ ସାଧାରଣ ନାଗରିକଙ୍କ ପାଇଁ ଆଧାର କାର୍ଡ଼ ପଞ୍ଜିକରଣ ଓ ସଂଶୋଧନ ପାଇଁ ସେବାକେନ୍ଦ୍ର ବ୍ୟବସ୍ଥା କରାଯାଇଛି। ମାତ୍ର ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସରକାରଙ୍କ କାଗଜ କଲମରେ ବାଲିଆପାଳ ଓ ଲଙ୍ଗଳେଶ୍ୱର ପୋଷ୍ଟ ଅଫିସରେ ଆଧାର ସୁବିଧା କେନ୍ଦ୍ର ଥିବା ବେଳେ ବାସ୍ତବରେ ସ୍ୱତନ୍ତ୍ର ଆଧାର ଅପରେଟର ନାହାନ୍ତି। କେତେବେଳେ ଆଧାର ହେଉନାହିଁ ବୋଲି ସାଧାରଣ ଲୋକଙ୍କୁ କହି ଫେରାଉଥିବା ବେଳେ ପୁଣି କେତେବେଳେ ମାସେ ପରେ ଆସି ଦେଖା କରିବା ପାଇଁ ମଧ୍ୟ କହୁଛନ୍ତି। ଠିକ୍ ସେହିପରି ବାଲିଆପାଳ ବ୍ଲକ ପରିସରରେ ଥିବା ଆଧାର ସେବା କେନ୍ଦ୍ର ମଧ୍ୟ ୩/୪ ମାସ ହେଲା ବନ୍ଦ ପଡିଛି। ଫଳରେ ନୂତନ ଆଧାର ପଞ୍ଜିକରଣ ଓ ବାୟୋମେଟ୍ରିକ ଅପଡେଟ ପାଇଁ ଜନସାଧାରଣଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିବା ସହିତ ଅଧିକ ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡୁଛି। ଆଧାର ସଂଶୋଧନ ଓ ମୋବାଇଲ ଲିଙ୍କ ପାଇଁ ସରକାରଙ୍କ ନିୟମ ଅନୁସାରେ ୫୦ଟଙ୍କା ଫି' ଥିବାବେଳେ କିଛି ଗ୍ରାମ୍ୟ ପୋଷ୍ଟ ଅଫିସ ଓ ଜନସେବା କେନ୍ଦ୍ର ସାଧାରଣ ନାଗରିକଠୁ ୧୦୦ରୁ ୨୦୦ ଟଙ୍କା ଦାବି କରୁଛନ୍ତି। ଭାରତ ସରକାରଙ୍କ ୟୁଆଇଡ଼ି ନିୟମ ଅନୁସାରେ ଆଧାର ପଞ୍ଜିକରଣ ସମ୍ପୂର୍ଣ୍ଣ ମାଗଣା ଥିବାବେଳେ ବାଲିଆପାଳ ଅଞ୍ଚଳରେ ସରକାରୀ ସୁବିଧା ନ ଥିବା ହେତୁ ଅନ୍ୟ ବ୍ଲକରୁ କିଛି ଆଧାର ଅପରେଟର ବେନିୟମ ଭାବେ ବାଲିଆପାଳ ଅଞ୍ଚଳର ବିଭିନ୍ନ ଅନଲାଇନ ଦୋକାନରେ ବସି ପଞ୍ଜିକରଣ ପାଇଁ ୨୦୦ ଓ ବାୟୋମେଟ୍ରିକ ଅପଡେଟ ପାଇଁ ୨୫୦ ଟଙ୍କା ମଧ୍ୟ ଦାବି କରୁଛନ୍ତି। ଯାହା ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ବାଲିକୁଟୀ ଗ୍ରାମର ଅଜିତ ପାତ୍ର ଏବଂ ଶଙ୍ଖୁଆ ଗ୍ରାମର ଅରୁଣ ଜେନା ତାଙ୍କର ଛୋଟ ପିଲାର ଆଧାର ଫଟୋ ଉଠାଇବା ପାଇଁ ବ୍ଲକ ଅଫିସ ଓ ପୋଷ୍ଟ ଅଫିସ ବାରମ୍ବାର ଯାଇ ଫେରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସେହିପରି ଲଙ୍ଗଳେଶ୍ୱର ଗ୍ରାମର ଫଗୁ ହେମ୍ବ୍ରମ ଓ କେଶୁଡ଼ିହା ଗ୍ରାମର ସଞ୍ଜୟ ସିଂ ତାଙ୍କ ପିଲାର ଆଧାର ପଞ୍ଜିକରଣ ପାଇଁ ଏକ ଅନ୍‌ଲାଇନ ଦୋକାନରେ ୨୦୦ ଟଙ୍କା ଦେବା ସହିତ କୌଣସି ପଞ୍ଜିକରଣ ରସିଦ୍ ପାଇନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ତେବେ ସରକାରଙ୍କ ତରଫରୁ ଏହି ଆଧାର କାର୍ଯ୍ୟକୁ ସରକାରୀ ଅଫିସରେ ସ୍ୱଚ୍ଛତାର ସହିତ ପଞ୍ଚାୟତସ୍ତରରେ କାର୍ଯ୍ୟକ୍ଷମ କରିବା ପାଇଁ ଜନସାଧାରଣରେ ଦାବି ହୋଇଛି।

## ଓଡ଼ିଶା ଦିବସରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ସାଧାରଣ ସଭାରେ ଉପସ୍ଥିତ ଅଧିକାରୀଗଣ।

**ବାଲେଶ୍ୱର,୧।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଓଡ଼ିଶା ଦିବସ ସୋମବାର ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଆଶିଷ ଠାକ୍‌ରେ, ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା ଓ ଅତିରିକ୍ତ ଉପଜିଲାପାଳ ଶୁଭଶ୍ରୀ ରଥ ପ୍ରମୁଖ ବାଲେଶ୍ୱର ସହରସ୍ଥିତ ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସଦ୍‌ଭାବନା ସଭାଗୃହଠାରେ ଜିଲାର ସମସ୍ତ ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ସାଧାରଣ ସଭା ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବା ପାଇଁ ସଂଗ୍ରାମ କରିଥିବା ମହାପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ସେମାନଙ୍କ ଅବଦାନକୁ ସ୍ମରଣ କରି କୃତଜ୍ଞତାର ଶ୍ରଦ୍ଧାଞ୍ଜଳି ଦେବା ପରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ଏକକାଳୀନ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଲାଗୁ କରାଯାଇଥିବା ଆଦର୍ଶ ଆଚରଣ ବିଧି ପାଳନ କରିବା ସହ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ପୁରୁଷୋତ୍ତମ ସେଠୀ, ରାହୁଲ ସିଂ, ସତ୍ୟସାଗର ମଣ୍ଡଳ, କାର୍ତ୍ତିକ ବେହେରା, ମାଳତୀ କିସ୍କୁ ଓ ସୁଚିସ୍ମିତା ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### କଂଗ୍ରେସର ମିଶ୍ରଣ ପର୍ବ

ରୂପସା, ୧।୪(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ମୁକୁଳିସ ପଞ୍ଚାୟତରେ କଂଗ୍ରେସ ଦଳର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କଂଗ୍ରେସ ସଭାପତି ପିତାମ୍ବର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବରଡ଼ା ଗ୍ରାମର ନନ୍ଦ ଭବନରେ ଆୟୋଜିତ ସଭାରେ ବରିଷ୍ଠ ନେତା ବରେନ୍ଦ୍ର ପରିଡ଼ା ସଭାପତିତ୍ୱ କରିଥିଲେ। ବସ୍ତା କଂଗ୍ରେସ ନେତା ବିଜନ ନାୟକ, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ମୁକୁଳିସି ପଞ୍ଚାୟତ ସରପଞ୍ଚ ତଥା ଜିଲା କଂଗ୍ରେସ ସମ୍ପାଦକ ଅମିତ ବିଶ୍ୱାଳ ପ୍ରମୁଖ ଅନ୍ୟ ଦଳରୁ ଆସିଥିବା ସମସ୍ତ ନବାଗତଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ କିଶାନ ସଭାପତି ନରେନ୍ଦ୍ର ଦାସ, ବରିଷ୍ଠ କଂଗ୍ରେସ ନେତା ଅରୁଣ ମଣ୍ଡଳ, ଲମ୍ବୋଦର ପ୍ରଧାନ, ବ୍ଲକ କଂଗ୍ରେସ ସମ୍ପାଦକ ବିଜୟ ସାହୁ, ମହିଳା କଂଗ୍ରେସ ନେତ୍ରୀ ରଞ୍ଜିତା ପରିଡ଼ା, ସୁଦର୍ଶନ ପ୍ରଧାନ ଭାଗବତ ପ୍ରଧାନ, ସୁବାସ ପ୍ରଧାନ, ରମେଶ ରାଉଳଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

### ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖେ ମହୋତ୍ସବ

କାଳିପଦା,୧।୪(ରାଜଶ୍ରୀ ପାଣିଗ୍ରାହୀ)- ବାଲିଆପାଳ ବ୍ଲକ ଅଧୀନ ଦେଉଳା ପଞ୍ଚାୟତ ବାସୁଦେବପୁରଠାରେ ସୁବର୍ଣ୍ଣରେଖା ଦୋଳ ମହୋତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଆସୁଛି। ଚତୁର୍ଥ ସାଂସ୍କୃତିକ ସନ୍ଧ୍ୟାରେ ଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା, ବାଲେଶ୍ୱର ଭଦ୍ରକ ସମବାୟ ସମିତିର ସଭାପତି ଅଜୟ ସାମଲ, ୨୧ନଂ. ଜୋନ୍‌ର ଜିଲା ପରିଷଦ ନିଶାକର ସେଠୀ, ଅଧୀର କୁମାର ପାତ୍ର, ଗୋପାଳ ଭୂୟାଁ, ଶ୍ରୀକାନ୍ତ ନାଥ, ପୂର୍ଣ୍ଣଚନ୍ଦ୍ର ବାରିକ, କମଳାକାନ୍ତ ବାରିକ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାସୁଦେବପୁର ଗ୍ରାମବାସୀ ଏବଂ ଅଭୟ ନାଥ, ଦିପକ ନାଥ, ମାନଗୋବିନ୍ଦ ବାରିକ୍, ଚନ୍ଦନ ବାରିକ, ଗୋପାଳ ଚନ୍ଦ୍ର ସାହୁ, ଶ୍ରୀକାନ୍ତ ଯାଦବ ପ୍ରମୁଖ ସହଯୋଗ କରିଥିଲେ।

### ଦୀପ ଜାଳି ବିଜୟ ଲାଗି ସଂକଳ୍ପ କଲେ ସୁବାସିନୀ

ବାଲିଆପାଳ, ୧।୪(ଅମୂଲ୍ୟ କୁମାର ଦାସ)-ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସୁବାସିନୀ ଜେନାଙ୍କ ନାମ ଘୋଷଣା କରିଛନ୍ତି। ଓଡ଼ିଶା ଦିବସ ପରିପ୍ରେକ୍ଷୀରେ ଜମ୍ବିରାଇ ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ଶାନ୍ତିଧାମ ପରିସରରେ ଶିବ ମନ୍ଦିରରେ ସୁବାସିନୀ ଜେନାଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରାଯାଇଛି। ଆଗାମୀ ନିର୍ବାଚନରେ ବିଜୟୀ କରିବା ପାଇଁ ସୁବାସିନୀ ଦୀପ ଜାଳି ଠାକୁରଙ୍କ ଆଶୀର୍ବାଦ କାମନା କରିଥିଲେ। ପଞ୍ଚାୟତର ବିଜେଡି ସଭାପତି ରତ୍ନାକର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଅମରେଶ ମିଶ୍ର, ସମିତିସଭ୍ୟ ସୁଦର୍ଶନ ପଣ୍ଡିତ, ପ୍ରଦୀପ ଜେନା, ସୁଶାନ୍ତ ସେନାପତି, ଗୁରୁପଦ ଦାସ, ନୀଳକଣ୍ଠ ଗିରି ପ୍ରମୁଖ ବିଜୟ ଲାଗି ସଙ୍କଳ୍ପ ନେଇଥିଲେ।

## ଓଡ଼ିଶାର ଅସ୍ମିତାକୁ ନେଇ ପରିଚିତ ହେବାକୁ ଆହ୍ୱାନ



ମଞ୍ଚରେ ଅତିଥିଙ୍କ ସହ ସମ୍ମାନିତ ଓ ପୁରସ୍କୃତ ପ୍ରତିଭାଗଣ।

**ବାଲେଶ୍ୱର, ୧।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସୋମବାର ୮୯ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଓଡ଼ିଆ ଜାତିକୁ ସମ୍ମାନ ଦେବା ସହ ଓଡ଼ିଆ ହେବା ନେଇ ଗର୍ବ ଅନୁଭବ କରିବା ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଉତ୍କଳ ମାତୃକାର ଜନ୍ମତିଥିକୁ ଆଜୀବନ ପାଳନ କରିବାର ବ୍ରତ ଗ୍ରହଣ କରିବା ନେଇ ସୂଚୀତ କରିଥିଲେ ଓ ଏଥିସହ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ନିଜର ମାତୃଭୂମି ଭାବରେ ଆପଣାଇବା ଉଲ୍ଲେଖ କରିଥିଲେ।

ମୁଖ୍ୟବକ୍ତା ଭାବେ ଡ. ବ୍ରଜମୋହନ ମିଶ୍ର ଯୋଗଦେଇ ନିଜ ହୃଦୟରେ ଓଡ଼ିଶାର ଅସ୍ମିତାକୁ ନେଇ ପରିଚିତ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ କାର୍ଯ୍ୟକ୍ରମର ସମ୍ମାନିତ ଅତିଥି ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଇତିହାସ ବର୍ଣ୍ଣନା କରି ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମୀନା ଦାସ ଓ ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ଡ. ସବ୍ୟସାଚୀ ପଟ୍ଟନାୟକ ଉପସ୍ଥିତ ହୋଇ ଉତ୍କଳ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଦୃଷ୍ଟିପାତ କରିଥିଲେ। ଏହି ଅବସରରେ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ଓ ଡ. ବ୍ରଜମୋହନ ମିଶ୍ରଙ୍କୁ କୁଳପତି ପ୍ରଫେସର ତ୍ରିପାଠୀ ସମ୍ମାନିତ କରିଥିଲେ। ଏଥିସହ ଚିତ୍ରାଙ୍କନ, ବକ୍ତୃତା, ରଙ୍ଗ-ମୁରୁଜ ଝୋଟି ଆଦି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ସଞ୍ଚାଳନ ପ୍ରଫେସର ଡ. ଦେବାଶିଷ ପାତ୍ର କରିଥିଲେ ଓ ଡ. ଶିଖାଶ୍ରୀ ରାୟ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ। ବିଶ୍ୱବିଦ୍ୟାଳୟର ବିଭାଗ ମୁଖ୍ୟ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହିଥିଲେ। ଡ. ଅସୀମ ଅମିତାଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବରପୁତ୍ରଙ୍କ ବେକରେ ବାସି ଫୁଲମାଳ



**ଖଇରା, ୧।୪(ଉତ୍କଳବନ୍ଧୁ ପଣ୍ଡା)**

ସୋମବାର ଓଡ଼ିଶା ଦିବସ ପାଳନ ହେଉଥିବା ବେଳେ ଖଇରାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଖଇରା ବ୍ଲକ ଅଫିସ ପରିସରରେ ଥିବା ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଳ ପିନ୍ଧାଇବାକୁ ପ୍ରଶାସନ ଭୁଲିଯାଇଛି। ୬ମାସ ତଳର ବାସି ଫୁଲମାଳ ବେକରେ ଝୁଲୁଛି। ସେହିଭଳି ଖଇରା ବଜାରସ୍ଥିତ ଦୁର୍ଗାମଣ୍ଡପଠାରେ ଥିବା ବିଜୁ ପଟ୍ଟନାୟକ, ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିଙ୍କୁ ମଧ୍ୟ ବିନା ଫୁଲମାଳରେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ବିଭିନ୍ନ ସ୍ଥାନରେ ଓଡ଼ିଆଙ୍କ ସ୍ୱାଭିମାନ କଥା ଉଠୁଥିବା ବେଳେ ବୀର ପୁରୁଷଙ୍କୁ ସମ୍ମାନ ଦେବାକୁ ଖଇରା ମାଟିର ନେତାଙ୍କଠୁ ଆରମ୍ଭ କରି ବ୍ଲକର ଉଚ୍ଚସ୍ତରୀୟ କର୍ମଚାରୀଙ୍କ ପର୍ଯ୍ୟନ୍ତ ଭୁଲିଯିବା ବିଡମ୍ବନାର ବିଷୟ । ଏନେଇ ଖଇରା ବିଡ଼ିଓ ଅନନ୍ତ କୁମାର ହାଁସଦାଙ୍କୁ ପଚାରିବାରୁ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସେ ଦିଗରେ ଦୃଷ୍ଟି ଦେଇ ପାରି ନ ଥିବା କହିଛନ୍ତି।

## ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସ

**ବାଲିଆପାଳ, ୧।୪(ଗୋପାଳ ଚନ୍ଦ୍ର ସାହୁ)**



ମଞ୍ଚାସୀନ ଅତିଥିଙ୍କ ସହିତ ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ।

ଓଡ଼ିଶା ଦିବସ ଅବସରରେ ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧୀନ ସୁନାରୁଇ ଗଦାଧର ଗିରି ଉଚ୍ଚ ବିଦ୍ୟାପୀଠ ପରିସର ସୋମବାର ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତିର ତ୍ରୟୋଦଶ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଦିବସକୁ ଗଦାଧର ଗିରି ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ ଉଦ୍‌ଘାଟନ କରିଥିଲେ। ସମନ୍ୱୟ ସମିତି ସଭାପତି ମନ୍ମଥ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା ଯୋଗଦେଇ ବିଭିନ୍ନ କମିଟି ନିଜ ଆଦର୍ଶରେ ପରିଚାଳିତ ହେଉ କିନ୍ତୁ ଆବଶ୍ୟକ ସମୟରେ ହକ୍ ପାଇଁ ଏକାଠି ହୋଇ ଲଢେଇ କରନ୍ତୁ। ମୁଖ୍ୟବକ୍ତା ଭାବେ ଜଗାଇ ପିପିଲି କୃଷ୍ଣଚନ୍ଦ୍ର ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଦୟାନିଧି ସାହୁ ଯୋଗଦେଇ ସମସ୍ତେ ନିଜ ସ୍ମୃତିକୁ ମନେପକାଇ ନିଜ କାର୍ଯ୍ୟର ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ଆବାହକ ପୂର୍ଣ୍ଣେନ୍ଦୁ ଦାସ, ଶିକ୍ଷକ ସଂଘ ନେତା ପ୍ରଭାତ ରଞ୍ଜନ ସାହୁ, ବିଶ୍ୱମ୍ଭର ପାତ୍ର, ସୁବାସ ଚନ୍ଦ୍ର ଗିରି, ପ୍ୟାରୀମୋହନ ବିଶ୍ୱାଳ, ନିତାଇ ରାଉତ, ଧନଞ୍ଜୟ ଦେ, ନିତାଇ ଚାରଣ ରାଉଳ, ଦେବେନ୍ଦ୍ର ଗିରି, ପ୍ରଦୀପ୍ତ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ସମନ୍ୱୟ ସମିତି ସମ୍ପାଦକ ଆଦିତ୍ୟ କୁମାର ରାଉତ ସମିତିର ବାର୍ଷିକ ବିବରଣୀ ପଠ, ପ୍ରାଥମିକ ଶିକ୍ଷକ ସଂଘ ନେତା ସୁଶାନ୍ତ ଗିରି ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ବ୍ୟୋମକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ଶିକ୍ଷା ବର୍ଷରେ ଶିକ୍ଷକତାରୁ ଅବସରଗ୍ରହଣ କରିଥିବା ୩୫ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ

**ନୀଳଗିରି, ୧।୪(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ଉପଖଣ୍ଡ ସଦର ମହକୁମାଠାରେ ଓଡ଼ିଶା ଦିବସ ପାଳିତ ହୋଇଛି। ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ମନ୍ଦରଧର ମହାଳିକ ନିଜ କାର୍ଯ୍ୟାଳୟ ପରିସରରେ ଥିବା ଓଡ଼ିଶା ଗଠନର ପୁରୋଧା, ମହାମନିଷୀମାନଙ୍କଠାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନୀଳଗିରିର କୈଳାସ ଚନ୍ଦ୍ର ହାଇସ୍କୁଲ ଯାଇ ବିଦ୍ୟାଳୟ ପରିସରରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଉପଜିଲାପାଳ ମନ୍ଦରଧର ମହାଳିକ, ପ୍ରକଳ୍ପ ପ୍ରଶାସକ କାରୁ ସୋରେନ୍, ସହକାରୀ ଜିଲାପାଳ ଭାସ୍କର ଚନ୍ଦ୍ର ରଣା ପ୍ରମୁଖ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଉପାନ୍ତରେ ମା, ମାଟି, ମାତୃଭାଷା ପାଇଁ ସୁରକ୍ଷା ଲୋଡ଼ା




ଓଡ଼ିଶା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

**ଭୋଗରାଇ, ୧।୪( ପ୍ରଦୀପ ଦାସ)**

କଳାର ଉତ୍କର୍ଷ ଉତ୍କଳ। ଏହି ଉତ୍କଳୀୟ ଗୌରବମୟ ଇତିହାସ ସଙ୍କଟମୟ ମଧ୍ୟରେ ଗତି କରୁଛି। ଓଡ଼ିଆଙ୍କ ହୀନମନ୍ୟତା, ସଂକୀର୍ଣ୍ଣତା ପାଇଁ ଆମେ ସମସ୍ତେ ଦାୟୀ ବୋଲି ଓଡିଶା ଦିବସରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଭାଷା, ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ଉପରେ ବହୁ ବିଶିଷ୍ଟ ବ୍ୟକ୍ତି ଅଭିବ୍ୟକ୍ତ ପ୍ରଦାନ କରିଛନ୍ତି। ଦେଉଳା ହାଟ ଉତ୍କଳ ଦିବସ ପାଳନ କମିଟି ପକ୍ଷରୁ ସୋମବାର ସନ୍ଧ୍ୟାରେ ବର୍ଣ୍ଣାଢ୍ୟ ଉତ୍ସବ ଆରମ୍ଭ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ ପରେ ଲକ୍ଷ୍ୟ ସମ୍ପର୍କରେ କମିଟିର ସାଧାରଣ ସମ୍ପାଦକ ସୁକୁମାର ଜେନା କହିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ସମ୍ମିଳନୀର ଅଦ୍ୱୈତ୍ୟ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଭାରତଜ୍ୟୋତି ପୁରସ୍କାର ପ୍ରାପ୍ତ ଶ୍ରୀଶ କୁମାର ଦାଶ, ମୁଖ୍ୟବକ୍ତା ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସମ୍ମାନିତ ବକ୍ତା ଭାବେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ପ୍ରମୁଖ ମା', ମାଟି ମାତୃଭାଷାର ସୁରକ୍ଷା ନିମନ୍ତେ ସୀମାନ୍ତବାସୀ ଜାଗ୍ରତପ୍ରହରୀ ଭାବେ ଉଭା ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସେଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ଉନ୍ମୋଚକ ବିଶିଷ୍ଟ ସାମାଜିକ କର୍ମୀ ନବଜ୍ୟୋତି ପଟ୍ଟନାୟକ, ଉତ୍ସବ କମିଟି ସଭାପତି ପ୍ରମଥ କୁମାର ଗିରି ଉତ୍କଳଗୌରବ ପ୍ରତିମୂର୍ତ୍ତି ଉନ୍ମୋଚନ ଉପାନ୍ତବାସୀଙ୍କୁ ଓଡ଼ିଆ ଜାତିର ଅସ୍ମିତାକୁ ଗୌରବାନ୍ୱିତ କରିଛି ବୋଲି ମତ ପ୍ରକାଶ କରିଥିଲେ। ଅପରାହ୍ନରେ ଆମେ ଉତ୍କଳୀୟ ଶୀର୍ଷକ କବିତା ଆସର ହୋଇଥିଲା ବେଳେ କବିତା ଆସରକୁ ସଂଯୋଜିତ କରିଥିଲେ ବ୍ୟଙ୍ଗକବି ଡ଼ଃ ଶ୍ରୀକୁମାର ଘୋଷ । ସମ୍ବର୍ଦ୍ଧିତ ପ୍ରତିଭା ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବବ୍ରତ ଦେ, ଯୁବ ଉଦ୍ୟୋଗୀ ସୁବ୍ରତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସମ୍ପାଦକ ପ୍ରଶାନ୍ତ କୁମାର ଗିରି ଧନ୍ୟବାଦ ଦେଇଥିଲେ।

# ବନ୍ୟା ଆଶଙ୍କାରେ ଖଇରା ବଜାରବାସୀ

**ଖଇରା, ୧।୪(ଉତ୍କଳବନ୍ଧୁ ପଣ୍ଡା)**

### ବିଦ୍ୟୁତ୍ କମ୍ପାନୀର ଅସହଯୋଗରୁ ଉଠିପାରିଲାନି ଖୁଣ୍ଟ



ବିଦ୍ୟୁତ୍ ଖୁଣ୍ଟ ଅପସାରଣ ନ ହୋଇ ପାରିବାରୁ ଅଧାପନ୍ତରିଆ ରହିଥିବା ଡ୍ରେନ।

ଖଇରା ବଜାରରେ ଡ୍ରେନ ସମସ୍ୟା ଯୋଗୁ ପ୍ରତ୍ୟେକ ବର୍ଷ ବର୍ଷାଋତୁ ଆସିଲେ କୃତ୍ରିମ ବନ୍ୟା ପାଣି ମାଡି ଆସି କ୍ଷୟକ୍ଷତି ଘଟାଇବା ଖଇରାବଜାର ବାସିନ୍ଦା ତଥା ବ୍ୟବସାୟୀଙ୍କ ପାଇଁ ଚିର ସହଚର ଘଟଣା। ଏହି ବନ୍ୟାରେ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହେଉଥିଲେ ହେଁ କୌଣସି ସମୟରେ ଟଙ୍କାଟିଏ ବି କ୍ଷତିପୂରଣ ମିଳେ ନାହିଁ । ହେଲେ ଏବେ ବିଦ୍ୟୁତ୍ କମ୍ପାନୀ ଅଧିକାରୀଙ୍କ ଅସହଯୋଗ ମନୋଭାବ କାରଣରୁ ଡ୍ରେନ ସଂଲଗ୍ନ ଟ୍ରାନ୍ସଫର୍ମର ଓ ବିଦ୍ୟୁତଖୁଣ୍ଟ ଉଠା ଯାଇପାରୁ ନ ଥିବା ଅଭିଯୋଗ ହୋଇଛି। ଏଣୁ ବଜାରବାସୀ ପୁଣିଥରେ ଆଗାମୀ ବର୍ଷାଋତୁରେ ବନ୍ୟା ବିଭୀଷିକାର ସମ୍ମୁଖୀନ ହେବେ। ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଖଇରା ବାରମ୍ବାର ଦାବି ପରେ ଡ୍ରେନ ବ୍ୟବସ୍ଥାରେ ସୁଧାର ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପାଖାପାଖି ୫ କୋଟି ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୨୦୨୩ ମସିହା ଅକ୍ଟୋବର ୧୧ତାରିଖରେ ସ୍ଥାନୀୟ ବିଧାୟକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାମ ଆରମ୍ଭ ସାଙ୍ଗକୁ ପ୍ରସ୍ତାବିତ ଡ୍ରେନ ଉପରେ ଥିବା ଟ୍ରାନ୍ସଫର୍ମର ଓ ବିଦ୍ୟୁତଖୁଣ୍ଟ ଉଠାଇବାକୁ ଟାଟା ପାୱାର ଅଧିକାରୀଙ୍କ ପୂର୍ତ୍ତ ବିଭାଗ ତରଫରୁ ଚିଠି କରାଯାଇଥିଲା । ହେଲେ ଅଧିକାରୀମାନେ ଉଠା ଖର୍ଚ୍ଚ ଏଷ୍ଟିମେଟ ଦେବା ନାମରେ ଅଯଥାରେ ସମୟ ଗଡାଇ ଚାଲିଲେ। ଉଭୟ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ବାରମ୍ବାର ଅବଗତ ସତ୍ତ୍ୱେ ଏହା ପ୍ରଦାନ କରାଗଲା ନାହିଁ। ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ମାତ୍ର ଅଳ୍ପଦିନ ପୂର୍ବରୁ ୧କୋଟି ୭୨ଲକ୍ଷ ଟଙ୍କାର ଏକ ଲମ୍ବା ଚିଠା ପ୍ରଦାନ କରାଗଲା । ହେଲେ ପୂର୍ତ୍ତ ବିଭାଗ ତରଫରୁ ଖୁଣ୍ଟ ଅପସାରଣ ପାଇଁ ମାତ୍ର ୫୦ଲକ୍ଷ ଟଙ୍କାର ପ୍ରୋଭିଜନ ରଖାଯାଇଥିଲା । ଯେଉଁଥିପାଇଁ ଡ୍ରେନ ଏଷ୍ଟିମେଟର ପରିବର୍ତ୍ତନ ପାଇଁ ମୁଖ୍ୟଯନ୍ତ୍ରୀଙ୍କ ଅନୁମୋଦନର ଆବଶ୍ୟକତା ପଡିଲା । ସେପଟେ ନିର୍ବାଚନ ଆଚରଣ ବିଧି ଘୋଷଣା ଅନୁମୋଦନରେ ଅନ୍ତରାୟ ସୃଷ୍ଟି କଲା। ଗୋଟିଏପଟେ ତ୍ରୁଟିପୂର୍ଣ୍ଣ ସାମାନ୍ୟ କିଛି ବିଲ୍ ପାଇଁ ଗ୍ରାହକଙ୍କ ବିଦ୍ୟୁତ ସଂଯୋଗ କାଟିବାରେ ଅବହେଳା କରୁ ନ ଥିବା ଟାଟା କମ୍ପାନୀର ଏଭଳି ଆଚରଣରେ ଖଇରାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଟାଟା ପାୱାରର ଖଇରା ସହକାରୀ ଯନ୍ତ୍ରୀ ପ୍ରଭାତ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରେ ଏଭଳି ବିଳମ୍ବକୁ ଅସ୍ୱୀକାର କରିବା ସହ ଜଏଣ୍ଟ ସର୍ଭେ ମାଧ୍ୟମରେ ଏହି ଏଷ୍ଟିମେଟ ପ୍ରସ୍ତୁତ କରାଯାଇ ନିର୍ଦ୍ଧାରିତ ସମୟରେ ଏହା ପ୍ରଦାନ କରାଯାଇଥିବା କହିଛନ୍ତି।

## 'ଓଡ଼ିଶା ଓ ଓଡ଼ିଆ' ଶୀର୍ଷକ ଆଲୋଚନାଚକ୍ର

ଜଳେଶ୍ୱର, ୧।୪(ନବୀନ ସାହୁ)- ଶ୍ରୀନାଥ ଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ସଂସଦର କାର୍ଯ୍ୟକାରୀ ସଭାପତିଙ୍କ ପୌରୋହିତ୍ୟରେ ସୋମବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କୋଷାଧ୍ୟକ୍ଷ ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିବା ସହିତ ସମ୍ପାଦକ ଅକ୍ଷୟ କୁମାର ମିଶ୍ର 'ଓଡ଼ିଶା ଓ ଓଡ଼ିଆ' ଶୀର୍ଷକ ଆଲୋଚନାଚକ୍ରର ଭିତ୍ତିଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ଉପସ୍ଥିତ ସଦସ୍ୟାସଦସ୍ୟଙ୍କ ମଧ୍ୟରୁ କାଳିଚରଣ ପୁଷ୍ଟି, ମନୋଜ କୁମାର ମହାନ୍ତି, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଜଳଧର ଭଞ୍ଜ, ଅକ୍ଷୟ କୁମାର ମିଶ୍ର କବିତା ପାଠ କରିବା ସହିତ ସୀତାଂଶୁ ସେନାପତି, ଦିଲୀପ କୁମାର ଗିରି, ମନୋରଞ୍ଜନ ଦାସ, ଭାସ୍କର ଚନ୍ଦ୍ର ମିଶ୍ର, ସୁଶାନ୍ତ କୁମାର ଦାସ, ପ୍ରଫୁଲ୍ଲ କୁମାର ମହାନ୍ତି, ରବୀନ୍ଦ୍ର ସେନାପତି, ଅଜିତ କୁମାର ଦାସ, ରବୀନ୍ଦ୍ର କୁମାର ବାରିକ, ହେମନ୍ତ କୁମାର ଦାସ, ହରେକୃଷ୍ଣ ଜେନା ଓ ଦିପ୍ତୀମାନ ଆଚାର୍ଯ୍ୟ ଯୋଗ ଦେଇଥିଲେ।

## ଓଡ଼ିଶା ଦିବସକୁ ପର୍ବ ଭଳି ପାଳନ କରିବାକୁ ଆହ୍ୱାନ

**ସୋର, ୧।୪(ଜନ୍ମେଜୟ ମିଶ୍ର)**

ଉତ୍କଳ ସମ୍ମିଳନୀ ସୋର ଶାଖା ତରଫରୁ ଅବସରପ୍ରାପ୍ତ କର୍ମଚାରୀ ସଂଘ ବିଶ୍ରାମାଗୃହରେ ପାଳନ କରାଯାଇଛି। ଶାଖା ସଭାପତି ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସୋର ଅବସରପ୍ରାପ୍ତ କର୍ମଚାରୀ ଭବନରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ସଦସ୍ୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ ଯୋଗଦେଇ ଓଡ଼ିଆ ଭାଷା ଓ ଓଡ଼ିଶା ଭୂଖଣ୍ଡର ସ୍ୱାଭିମାନକୁ ସ୍ୱତନ୍ତ୍ର ଭାବେ ପ୍ରତ୍ୟେକ ଓଡିଶାବାସୀ ସମ୍ମାନ ଦେବା ସହ ଆଜିର ଦିନକୁ ଘରେ ଘରେ ପର୍ବ ପର୍ବାଣି ଭଳି ପାଳନ କରିବା ପାଇଁ ଅନୁରୋଧ କରିଥିଲେ। ଭାଷା ଭିତ୍ତିକ ରାଜ୍ୟ ଗଠନରେ ମଧୁସୂଦନ ଦାସଙ୍କ ତ୍ୟାଗ ଅତୁଳନୀୟ ବୋଲି ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି ନବକିଶୋର ଦାସ, ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ, ଗୋଶାଳାର ସଭାପତି ପଦ୍ମଲୋଚନ ଦ୍ୱିବେଦୀ, ପୂର୍ବାସା ମହାନ୍ତି, ଚକ୍ରଧର ପାଢୀ, ଗଙ୍ଗାଧର ପାଢୀ, ମୀନତି କର, ଉଦ୍ଧବ ଚରଣ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସମ୍ପାଦକ କୃତିବାସ ବେଜ ସମ୍ପାଦକୀୟ ବିବରଣୀ ଉପସ୍ଥାପନ ଓ ଦାମୋଦର ଦାଶମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ମାୟାଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମେ ସକାଳେ ଉତ୍କଳ ସମ୍ମିଳନୀର ପତାକା ଉତ୍ତୋଳନ ପରେ ସ୍ୱତନ୍ତ୍ର ଉତ୍କଳ ଗଠନର କର୍ଣ୍ଣଧାର ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ କବିବର ରାଧାନାଥଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲ। ସଭାରେ ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ନାୟକ, ନିତ୍ୟାନନ୍ଦ ପାଣିଗ୍ରାହୀ, ଅନାମ ପ୍ରସାଦ ବାରିକ, ରାକେଶ ମଲ୍ଲିକ, ସୁରେନ୍ଦ୍ର ପ୍ରସାଦ ବେହେରା, ଖଗେନ୍ଦ୍ର ପ୍ରଧାନ, ଶ୍ରୀଧର ପତ୍ରି, ପଦ୍ମଲୋଚନ ସାହୁ, କଟଚନ୍ଦ୍ର ବେହେରା, ରବୀନ୍ଦ୍ର କୁମାର ଦାସ, ପ୍ରଫୁଲ୍ଲ ଚନ୍ଦ୍ର ଷଡ଼ଙ୍ଗୀ, ଅଚ୍ୟୁତ କୁମାର ପଣ୍ଡା, ବାସୁକୃଷ୍ଣ ମହାପାତ୍ର, ଆରତୀ ଦାଶମହାପାତ୍ର, ପୂର୍ଣ୍ଣିମା ସି, ସନ୍ଧ୍ୟାରାଣୀ ବେହେରା, ଅନ୍ନପୂର୍ଣ୍ଣା ପ୍ରଧାନ, ବିଦ୍ୟୁତଲତା ମଲ୍ଲିକ, ଜୟନ୍ତୀ ପତି, ବିପିନ ବିହାରୀ ବାରିକ, ଶ୍ରୀଧର ପ୍ରସାଦ ବେହେରା ଓ ପ୍ରଶାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ।

# ରାସ୍ତା ପ୍ରଶସ୍ତୀକରଣ ନାଁରେ ଗଛ କାଟିଦେଲେ

## ଖରାରେ ଡହଳବିକଳ ହେଉଛନ୍ତି ପଥଚାରୀ

ଅସୁରାଳି,୧।୪(ସନ୍ତୋଷ ପ୍ରଧାନ)



ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ ପାର୍ଶ୍ୱ ଖୋଳାଯାଇଛି।

ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ ପ୍ରମୁଖ ବ୍ୟସ୍ତ ବହୁଳ ସଡ଼କ ପଥ। ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଏହି ରାସ୍ତା ଦେଇ ଆଖଣ୍ଡଳମଣି ପୀଠକୁ ଆସିଥାନ୍ତି। ଜିଲା ସଦର ମହକୁମା ସହ ସିଧାସଳଖ ଯୋଡ଼ି ହୋଇଥିବାରୁ ଏହି ମୁଖ୍ୟରାସ୍ତା ଉପରେ ଯାତାୟତ ପାଇଁ ନିର୍ଭର କରନ୍ତି। କିନ୍ତୁ ଏବେ ଉକ୍ତ ରାସ୍ତା ମରଣଯନ୍ତା ପାଲଟିଥିବା ଅଭିଯୋଗ ଆଣି ଜନଅସନ୍ତୋଷ ଦେଖାଦେଇଛି।

ପ୍ରଶସ୍ତୀକରଣ ପାଇଁ ରାସ୍ତାର ଦୁଇପାର୍ଶ୍ୱରେ ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା ଶତାଧିକ ମୂଲ୍ୟବାନ ଗଛକୁ ଭିତ୍ତିପ୍ରସ୍ତର ସ୍ଥାପନ ପରେ ତରବରିଆ ଭାବେ ଦୁଇବର୍ଷ ତଳେ ବନ ବିଭାଗ ଓ ତହସିଲଦାରଙ୍କ ଉପସ୍ଥିତିରେ କାଟି ଦିଆଯାଇଥିଲା। ଯେଉଁଥିପାଇଁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ପଥଚାରୀମାନଙ୍କୁ ଆଶ୍ରୟ ଦେବା ସହ ବାତ୍ୟା, ବନ୍ୟା ବେଳେ ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେଉଥିବା ଗଛଗୁଡ଼ିକୁ କାଟି ଦିଆଗଲା। କିନ୍ତୁ ଏପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ରାସ୍ତା କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ବେଳେ ନିର୍ମାଣ କେବେ ଶେଷ ହେବ ତା'ର କୌଣସି ସୂଚନା ଫଳକ ନାହିଁ। ପ୍ରମୁଖ ରାସ୍ତାଟି ବଡ଼ ବଡ଼ ଖାଲଖମାରେ ପରିପୂର୍ଣ୍ଣ ହୋଇଥିବା ବେଳେ ପ୍ରତ୍ୟେହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏବେ ଗ୍ରୀଷ୍ମ ପ୍ରବାହ ସମୟରେ ରାସ୍ତାକଡ଼ରେ ଆଶ୍ରୟ ନେବା ପାଇଁ ଗଛଟିଏ ନ ଥିବାରୁ ଯାତ୍ରୀମାନେ ଡହଳ ବିକଳ ହେଉଛନ୍ତି। ସେହିପରି ଆରଡ଼ି ଛକଠାରୁ ସାମରାଇପୁର ଶେଷ ପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥାରେ ତ୍ରୁଟି ପାଇଁ ଅସରାଏ ବର୍ଷାରେ ରାସ୍ତା ଉପରେ ପାଣି ଜମି ରହୁଛି। ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେବା ସହ ମନ୍ଥର ଗତିରେ ଚାଲିଛି। ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରା ନ ଗଲେ କଂଗ୍ରେସ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଧାମନଗର ବ୍ଲକ ସଭାପତି ରମେଶ ଚନ୍ଦ୍ର ବେହେରା କହିଛନ୍ତି। ପିସିସି ସଭ୍ୟ ନାରାୟଣ ଚନ୍ଦ୍ର ପାଢ଼ୀ, ଯୁବନେତା ରଞ୍ଜନ କୁମାର ବେହେରା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ନରେନ୍ଦ୍ର ମଲ୍ଲିକ, ପୂର୍ବତନ ସରପଞ୍ଚ ଅରବିନ୍ଦ ନାୟକ, ଯୁବ କଂଗ୍ରେସ ସଭାପତି ଆଲୋକ ସ୍ୱାଇଁ, ଯୁବନେତା ପ୍ରଭାତ କୁମାର ପଣ୍ଡା, ସଞ୍ଜୟ ମିଶ୍ର ପ୍ରମୁଖଙ୍କ ସମେତ ବିଭିନ୍ନ ସାମାଜିକ ସଙ୍ଗଠନ ଓ ବୁଦ୍ଧିଜୀବୀ ରାସ୍ତା ଅବରୋଧ କରି ଧାରଣା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏନେଇ ଭଦ୍ରକ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦୀପକ ପାଣିଗ୍ରାହୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ତଦାରଖ କରାଯାଇ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ବ୍ଲକସ୍ତରୀୟ ସତ୍‌ସଙ୍ଗ

ବନ୍ତ,୧।୪(ହରି ନାରାରୟଣ ମହାନ୍ତି)

ବନ୍ତସ୍ଥିତ ସତ୍‌ସଙ୍ଗ ବିହାରଠାରେ ସୋମବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୨୫ତମ ବ୍ଲକସ୍ତରୀୟ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ସମବେତ ବିନତୀ ପ୍ରାର୍ଥନା, ସଦ୍‌ଗ୍ରନ୍ଥ ପାଠ ଏବଂ ସକାଳେ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରତିକୃତି ସହ ସଂକୀର୍ତ୍ତନ, ନଗର ପରିକ୍ରମା ହୋଇଥିଲା। ପୂର୍ବାହ୍ନ ୧୧ଟାରେ ସହ ପ୍ରତିଋତ୍ୱିକ ଗୋକୁଳାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସତ୍‌ସଙ୍ଗରେ ମୁଖ୍ୟବକ୍ତା ସହପ୍ରତିଋତ୍ୱିକ ଡ. ଅମରେନ୍ଦ୍ର ଲାଲ ଦତ୍ତ ଓ ରାମଚନ୍ଦ୍ର ଜେନା ଯୋଗଦେଇ ଠାକୁରଙ୍କ ଭାବାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଅଜୟ କୁମାର ପୃଷ୍ଟି ସତ୍ୟାନୁସରଣ ଓ ରମେଶ ଚନ୍ଦ୍ର ପ୍ରଧାନ ନାରୀର ନୀତି ପାଠ କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଦିଲୀପ କୁମାର ଜେନା। ବନ୍ତ, ହାଟଡିହୀ ଓ ଭଣ୍ଡାରିପୋଖରୀ ବ୍ଲକରୁ ଶତାଧିକ ଅନୁଗାମୀ ଏଥିରେ ଯୋଗ ଦେଇଥିଲେ। ଗୟାଧର ଓଝା, କାଳନ୍ଦୀ ସୂତାର, ନିରଞ୍ଜନ ସାମଲ, ଗଙ୍ଗାଧର ପୁହାଣ, ନାରାୟଣ ରାଉତ, ସୁଧାକର ଧଳ, ପ୍ରମୋଦ ବିଶ୍ୱାଳ, ରତ୍ନାକର ରାଉତ, ଅଖିଳ ସାହୁ, ସନ୍ତୋଷ ମଲ୍ଲିକ, ଭଗବାନ ସାହୁ, ନରୋତ୍ତମ ଦାସ ଓ ସନ୍ତୋଷ ପୁହାଣ ପରିଚାଳନାରେ ସହଯୋଗ କରିଥିଲେ।

# 'ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦେଶରେ ଅନନ୍ୟ'



ଓଡ଼ିଶା ଦିବସରେ ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ଅଧିକାରୀମାନେ।

ଭଦ୍ରକ,୧।୪ (ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଜିଲା ସଂସ୍କୃତି ଭବନରେ ସୋମବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନରେ ବିଶେଷ ଅବଦାନ ଥିବା ମହାପୁରୁଷମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆମ ଦେଶରେ ଅନନ୍ୟ ବୋଲି ଜିଲାପାଳ କହିଥିଲେ। ମୁଖ୍ୟବକ୍ତା ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ ଏବଂ ଅନ୍ୟତମ ଅତିଥି ଭାବେ ଉପଜିଲାପାଳ ମନୋଜ ପାତ୍ର ଯୋଗଦେଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଇତିହାସ, ଓଡ଼ିଆ ଭାଷାର ମହତ୍ୱ ଓ କଳା ସଂସ୍କୃତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଭା କାର୍ଯ୍ୟକ୍ରମର ପ୍ରାରମ୍ଭରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ କର୍ମଚାରୀ ମୀନାକ୍ଷୀ ଗରାବଡୁ, ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସକାଳେ ଭଦ୍ରକ ପୌରାଞ୍ଚଳରେ ଉତ୍କଳ ବନ୍ଦନା ଡାକବାଜି ଯନ୍ତ୍ର ଦ୍ୱାରା ପରିବେଷଣ ପୂର୍ବକ ପରିକ୍ରମା କରାଯାଇଥିଲା। ସହର ମୁଖ୍ୟ ରାସ୍ତା ପାର୍ଶ୍ୱରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି ଆଧାରରେ ସରକାରୀ ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଜେଡିରେ ସାମିଲ ହେଲେ ଭାଜପା, କଂଗ୍ରେସ କର୍ମୀ



ବିଜେଡିର ମିଶ୍ରଣ ପର୍ବରେ ବିଧାୟକ ଡ. ବ୍ୟୋମକେଶ ରାୟ ଓ ନୂତନ କର୍ମୀମାନେ।

ତିହିଡ଼ି,୧।୪(ସଞ୍ଜିତ ବଳ)

ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ପୀରହାଟ ବଜାରସ୍ଥିତ ବିଜେଡି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ୧୫ରୁ ଉର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ବିଷ୍ଣୁମୋହନ ମଲିକ, ନରେନ୍ଦ୍ର ମଲିକ, ଧୁମାଳି ମଲିକ, ପ୍ରକାଶ ମଲିକ, ଘନଶ୍ୟାମ ମଲିକ, ଗୋବିନ୍ଦ ମଲିକ, ଇନ୍ଦ୍ରମଣି ମଲିକ, ପ୍ରହ୍ଲାଦ ମଲିକ, କପିଳେନ୍ଦ୍ର ମଲିକ, କିଶୋର ମାଝୀ, ଆନନ୍ଦ ନାୟକ ପ୍ରମୁଖଙ୍କୁ ବିଧାୟକ ଡ. ବ୍ୟୋମକେଶ ରାୟ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଶାସନ ଓ ବିଧାୟକ ରାୟଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ମିଶିଥିବା ନୂତନ କର୍ମୀମାନେ କହିଥିଲେ। ଜିଲା ପରିଷଦ ସଭ୍ୟ ଅମୂଲ୍ୟ କୁମାର ମାଝୀ, ବିଧାୟକଙ୍କ ପ୍ରତିନିଧି ମାନସ ରଞ୍ଜନ ସାହୁ, ପଞ୍ଚାୟତ ସଭାପତି ମାନସ କୁମାର ନାୟକ, ସରପଞ୍ଚ ପ୍ରଭାତ ମିଶ୍ର, ପ୍ରଶାନ୍ତ ବିଶ୍ୱାଳ, ପୂର୍ବତନ ସରପଞ୍ଚ ବଳଭଦ୍ର ମାଠ, ଅମର ଦାସ, ବରିଷ୍ଠ ନେତା ବିପିନ ରାଉତ, ଆନନ୍ଦ ପାଣିଗ୍ରାହୀ, ହିମାଦ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସମର୍ପିତ ମନୋଭାବ ରଖି ସେବା କରିବାକୁ ଆହ୍ୱାନ

## ପୋଲିସ ପ୍ରତିଷ୍ଠା ଦିବସ

ଭଦ୍ରକ,୧।୪(ସନାତନ ରାଉତ)



ଏସ୍‌ପି ବରୁଣ ଗୁଣ୍ଟୁପାଲି ସବ୍‌ଇନ୍ସପେକ୍ଟର ଦେବରାଜ ଜେନାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭଦ୍ରକ ରିଜର୍ଭ ପୋଲିସ ପଡ଼ିଆରେ ସୋମବାର ୮୯ତମ ପୋଲିସ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଏସ୍‌ପି ବରୁଣ ଗୁଣ୍ଟୁପାଲି ଯୋଗଦେଇ ଆୟୋଜିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ ସବୁବେଳେ ସାଧାରଣ ଲୋକଙ୍କ ପାଇଁ ସମର୍ପିତ ଓ ସେବା ମନୋଭାବ ରଖି କାର୍ଯ୍ୟ କରିବାକୁ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏସ୍‌ପି ପରାମର୍ଶ ଦେଇଥିଲେ। ଏହି ଅବସରରେ ବାଂଶଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ସବ୍‌ଇନ୍ସପେକ୍ଟର ଦେବରାଜ ଜେନା, ନାୟକାଣିଡିହୀ ଏଏସ୍‌ଆଇ ସୁନୀତା ହେମ୍ବ୍ରମ, ଭଦ୍ରକ ରିଜର୍ଭ ପୋଲିସ ହାବିଲଦାର ଚନ୍ଦ୍ରମଣି ଜେନା, ଡିଆଇବି କନଷ୍ଟେବଲ ପ୍ରମୋଦ କୁମାର ମହାନ୍ତି, ରିଜର୍ଭ କନଷ୍ଟେବଲ ରୂପରଞ୍ଜନ ସାହୁ ଓ ଟ୍ରାଫିକ କନଷ୍ଟେବଲ ଅନୁପ କୁମାର ନାୟକଙ୍କୁ ଉତ୍ତମ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟା, ବାମଦେବ ସିଂ, ଡିଆଇବି ଡିଏସ୍‌ପି ପ୍ରଭାତ ବିଶ୍ୱାଳଙ୍କ ସହ ବିଭିନ୍ନ ଥାନା ଅଧିକାରୀ ଉପସ୍ଥିତ ଥିଲେ।

# ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ବାସୁଦେବପୁର,୧।୪(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକା ପକ୍ଷରୁ ସୋମବାର ଓଡ଼ିଶା ଦିବସ ପାଳନ କରାଯାଇଛି। ପୌରପାଳିକା ପକ୍ଷରୁ ବାସୁଦେବପୁର ସହର ମଧ୍ୟରେ ଥିବା ମହାତ୍ମା ଗାନ୍ଧୀ, ସ୍ୱାଧୀନତା ସଂଗ୍ରାମୀ, ଜାତୀୟ କବି ବାଞ୍ଛାନିଧି ମହାନ୍ତି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୌରାଧ୍ୟକ୍ଷା ନିବେଦିତା ବେହେରା, ଭାଇସ୍ ଚେୟାରମ୍ୟାନ ଉତ୍ତମ ବାରିକ, କାଉନସିଲର ଗୌରୀ ବେହେରା, ସାମାଜିକ କର୍ମୀ ତ୍ରୈଲୋଚନ ଜେନା, ପୂର୍ବତନ କାଉନସିଲର ମାନସ ସାହୁ, କାଉନସିଲର ଜୟନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶହୀଦ ତୀର୍ଥଯାତ୍ରୀ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ, ସ୍ରଷ୍ଟା ଓ ସୃଷ୍ଟି, ବାଇଚଢ଼େଇ ଆଦି ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ପାଳନ କରାଯାଇଛି।



ପୌରପାଳିକା ପକ୍ଷରୁ କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# 'ପିଲାଙ୍କ ଜ୍ଞାନ ବୃଦ୍ଧିରେ ସହାୟକ ହୁଏ ପ୍ରକୃତିର ସୁଷମା'

ତିହିଡ଼ି,୧।୪ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୟାଧର ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ଡ.ଲକ୍ଷ୍ମୀଧର ତ୍ରିପାଠୀ ଉଦ୍‌ଘାଟନ କରି ମୋବାଇଲ ଅପେକ୍ଷା ପ୍ରକୃତିର ସୁଷମା ପିଲାଙ୍କ ଜ୍ଞାନ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥି ପ୍ରଦୀପ୍ତ କୁମାର ଦାଶ ମହାପାତ୍ର, ଅନ୍ୟତମ ଅତିଥି ଭାବେ ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ସଭାପତି ବିଜୟ ରାଉତ, ସଦସ୍ୟ ନରେନ୍ଦ୍ର ମିଶ୍ର ଓ ଲକ୍ଷ୍ମୀପ୍ରିୟା ଯତି ଯୋଗ ଦେଇଥିଲେ। ମୁଖ୍ୟଅତିଥି ଡ.ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଘୁନାଥ ଦାଶ ବେଦପାଠ ଓ ରମାକାନ୍ତ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଞ୍ଜୟ ମହାନ୍ତି ସ୍ୱାଗତ ଭାଷଣ ଓ ବିଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦୀପ ମହାନ୍ତି, ଦେବବ୍ରତ ନାୟକ, ଶରତ ଚନ୍ଦ୍ର ଦାସ, ନକୁଳ ମହାଳିକ, ଆଦିତ୍ୟ ନାରାୟଣ କର, ସ୍ୱରୂପାରାଣୀ ବାରିକ, ମନିଜା ବଳ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# 'ବିଜୟ ଲାଗି କାର୍ଯ୍ୟକର୍ତ୍ତା ଏକଜୁଟ ହୋଇ କାମ କର'



ଦେହୁଡି ଆନନ୍ଦପୁରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଏବଂ ଅନ୍ୟମାନେ।

ଧାମନଗର,୧।୪(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଲୋକ ସଭା ପାଇଁ ଭାଜପାର ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ନାମ ଘୋଷଣା ପରେ ତାଙ୍କୁ ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ମୁକୁନ୍ଦଦେବ ମଣ୍ଡଳ ପକ୍ଷରୁ ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସମ୍ବର୍ଦ୍ଧିତ କରାଯାଇଛି। ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ପ୍ରାର୍ଥୀ ସେଠୀ, ସରପଞ୍ଚ ଅଶୋକ ପୁହାଣ ଓ ପ୍ରିତମ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ନଗର ସଭାପତି କୈଳାସ ମହାପାତ୍ର, ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ, ବିଷ୍ଣୁମୋହନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ସମସ୍ତ କାର୍ଯ୍ୟକର୍ତ୍ତା ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଛି। ବୁଥ୍‌ସ୍ତରୀୟ ସାଙ୍ଗଠନିକ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ ସମ୍ପର୍କରେ ବିଧାୟକ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ମଣ୍ଡଳ ସଭାପତି ଅରବିନ୍ଦ ପତି ସଭା ସଞ୍ଚାଳନ କରିଥିଲେ।

# ପ୍ରତିଷ୍ଠା ଦିବସରେ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱ


ଧାମନଗର, ୧।୪ (ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ଧାମନଗର ପ୍ରେସ୍ କ୍ଲବର ୩୭ତମ ପ୍ରତିଷ୍ଠା ଦିବସ ସହ ଓଡ଼ିଶା ଦିବସ ସୋମବାର ପାଳନ କରାଯାଇଛି। ଅତିଥି ଭାବେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ପଧାନି ପଞ୍ଚାୟତ ସରପଞ୍ଚ ଅଶୋକ ପୁହାଣ ଯୋଗ ଦେଇଥିଲେ। ପ୍ରେସ୍ କ୍ଲବର ସଦସ୍ୟମାନେ ସବୁବେଳେ ନିରପେକ୍ଷ ଖବର ସଂଗ୍ରହ କରି ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାପତି ବୈକୁଣ୍ଠ ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବ୍‌ର ଅନ୍ୟତମ ପ୍ରତିଷ୍ଠାତା ତଥା ପୂର୍ବତନ ସଭାପତି ବାସୁଦେବ ତ୍ରିପାଠୀ କେକ୍ କାଟି ଉଦ୍‌ଘାଟନ କରିଥିଲେ। ଆନନ୍ଦପୁର ବ୍ଲକ ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି, ପ୍ରେସ୍ କ୍ଲବର ଉପଦେଷ୍ଟା ଅଭିମନ୍ୟୁ ମଲ୍ଲିକ, କୈଳାସ ଚନ୍ଦ୍ର ଗୁପ୍ତା, ଉପସଭାପତି ସୁଧାକର ଦାଶ, କୋଷାଧ୍ୟକ୍ଷ ଅନନ୍ତ ଜେନା, ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ସ୍ୱାଇଁ, ସୁଶାନ୍ତ ରାଉତ, ସରୋଜ ସେଠୀ, ଗୋଲାମ ଜିଲାନୀ ହବିବି, ସେକ୍ ଜାଫର ଅଲ୍ଲୀ, ବିଜୟ ରାମ, ସଞ୍ଜୀବ ମହାନ୍ତି ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁସ୍ଥ ସମାଜ ଗଠନର ବାର୍ତ୍ତା ଦିଏ ନାଟକ

ଭଣ୍ଡାରିପୋଖରୀ,୧।୪(ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରହଣିଆ ପଞ୍ଚାୟତର ସୁରୁବଣଠାରେ ସୁବର୍ଣ୍ଣେଶ୍ୱର ଯୁବ ନାଟ୍ୟ ପରିଷଦ ପକ୍ଷରୁ ଗ୍ରାମ୍ୟ କଳାକାରମାନଙ୍କ ଦ୍ୱାରା ଦୁଇଦିନ ଧରି ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଶ୍ରୀଧର ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାଜପା ନେତା ବଦ୍ରି ନାରାୟଣ ଧଳ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ନାଟକ ସୁସ୍ଥ ସମାଜ ଗଠନର ବାର୍ତ୍ତା ଦିଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ଭାଜପା ସଭାପତି ଅକ୍ଷୟ ସାହୁ, ମୁଖ୍ୟବକ୍ତା ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା, ସରପଞ୍ଚ ରଞ୍ଜନ ପରିଡ଼ା, ନିମନ୍ତ୍ରିତ ଅତିଥି ସାମାଜିକ କର୍ମୀ ଉତ୍କଳ ବିଶ୍ୱାଳ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ପ୍ରଶାନ୍ତ ରାଉତ ଯୋଗ ଦେଇଥିଲେ। ଗ୍ରାମ୍ୟ କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ ଭାଇଚାରାର ନିଦର୍ଶନ ବୋଲି ଅତିଥିମାନେ କହିଥିଲେ। ନରୋତ୍ତମ ରାଉତ, ସୁଧାଂଶୁ ବେହେରା, ସୁଧାକର ଜେନା, ସୁଶାନ୍ତ ସାହୁ, ଅଭୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ୟ ପରିଷଦ ସଭାପତି ନାରାୟଣ ଚନ୍ଦ୍ର ବେହେରା ଅତିଥିମାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ନାରାୟଣ ଚନ୍ଦ୍ର ପରିଡ଼ା ଓ ଜିତେନ୍ଦ୍ର ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ନାଟକ 'ଭାଙ୍ଗିଗଲା ବାଇ ଚଢ଼େଇ ବସା' ଓ 'ବନ୍ଧୁ ବାନ୍ଧିଛି ମୁଁ ଲୁହ ସାଥୀରେ' ପରିବେଷଣ ହୋଇଥିଲା। ସୁରେନ୍ଦ୍ର ରାଉତ, ବୈଦ୍ୟନାଥ ରାଉତ, କରୁଣାକର ଜେନା, କାଶୀନାଥ ପରିଡ଼ା, ଧନେଶ୍ୱର ମଲିକ, ଉପେନ୍ଦ୍ର ଜେନା, ଅରୁଣ ଦାସ, ପ୍ରକାଶ ରାଉତ, ପପି ସ୍ୱାଇଁ, ରଞ୍ଜନ ବେହେରା, ବଳରାମ ସେଠୀ ପ୍ରମୁଖ ଅଭିନୟ କରିଥିଲେ।



# ଏଜିଏଲ୍-୧୧ ଆନନ୍ଦପୁର ଚାମ୍ପିୟନ




ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଟିମ୍‌ର ଖେଳାଳି।

ବନ୍ତ,୧।୪(ହରିନାରାରୟଣ ମହାନ୍ତି)

## କ୍ରିକେଟ ଟୁର୍ନାମେଣ୍ଟ


ବନ୍ତ ବ୍ଲକ ଗିଲୋ ପଞ୍ଚାୟତ ଦେବତାଗଡିଆଠାରେ ଥାନପତି ୟୁଥ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୫ମ ବାର୍ଷିକ ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଭଦ୍ରକର ଏନ୍‌ସିସିଟି ଅରଞ୍ଜିକୁ ହରାଇ ଏଜିଏଲ୍-୧୧ ଆନନ୍ଦପୁର ଚାମ୍ପିୟନ ହୋଇଛି। ଦୁଇଦିନ ଧରି ଅନୁଷ୍ଠିତ ମ୍ୟାଚ୍‌ରେ ଜିଲା ଓ ଜିଲା ବାହାରୁ ୮ଟିମ୍ ଭାଗ ନେଇଥିଲେ। ଏନ୍‌ସିସିଟି ଅରଞ୍ଜି ଓ ଏଜିଏଲ୍-୧୧ ଆନନ୍ଦପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏନ୍‌ସିସିଟି ଅରଞ୍ଜି ନିର୍ଦ୍ଧାରିତ ୮ ଓଭରରେ ୨ ଉଇକେଟ ହରାଇ ୩୭ ରନ୍ କରିଥିଲା। ଜବାବରେ ଏଜିଏଲ୍-୧୧ ୫ ଓଭରରେ ୩ ଉଇକେଟ ହରାଇ ୪୧ ରନ୍ କରି ବିଜୟୀ ହୋଇଥିଲା। ଅମ୍ପାୟର ଭାବେ ରାଜେନ୍ଦ୍ର ଦାସ, ନିରାକର ସାହୁ ଓ ପ୍ରମୋଦ ପାତ୍ର ଦାୟିତ୍ୱ ତୁଲାଇଥିଲେ।

ଫାଇନାଲ ମ୍ୟାଚ୍ ଉଦ୍‌ଘାଟନ ବେଳେ ସାମାଜିକ କର୍ମୀ କମଳାକାନ୍ତ ସାହୁ, ସୁଧୀର କୁମାର ନାୟକ ଓ ଆଇନଜୀବୀ ମାଧବାନନ୍ଦ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ପୁରସ୍କାର ବିତରଣୀ ସଭାରେ ସମ୍ରାଟ ଗ୍ରାନାଇଟ ଟାଇଲ୍ସର ପ୍ରୋପାଇଟର ରମାକାନ୍ତ ଜେନା, ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାମଲ, ସାମାଜିକ କର୍ମୀ ଉତ୍କଳ କେଶରୀ ବିଶ୍ୱାଳ, ଗଣନାଥ ବେହେରା, ଉଚ୍ଛବ ଚରଣ ଜେନା, ଭାସ୍କର ଜେନା, ମନୋରଞ୍ଜନ ଦାସ, ସୀତା ଦାସ, ମାନସ ଜେନା ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ୧୧ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୟୁଥ୍ ଆସୋସିଏଶନର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଅଭିମନ୍ୟୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଚାନ୍ଦବାଲି,୧।୪(କିଷାନ ପାତ୍ର)

ଭଦ୍ରକ ଲୋକ ସଭା ଭାଜପା ପ୍ରାର୍ଥୀ ଅଭିମନ୍ୟୁ ସେଠୀ ସୋମବାର ଚାନ୍ଦବାଲି ଗସ୍ତରେ ଆସିଥିବା ବେଳେ ଦଳୀୟ କର୍ମୀମାନେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଚାନ୍ଦବାଲିର ମଧୁବାବୁ ଛକ ନିକଟରୁ ସ୍ୱାଗତ ଶୋଭାଯାତ୍ରାରେ ତାଙ୍କୁ ପାର୍ଟି କାର୍ଯ୍ୟାଳୟକୁ ପାଛୋଟି ନେବା ପରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଠାରେ ଦଳୀୟ କର୍ମୀଙ୍କ ସହ ସାଧାରଣ ନିର୍ବାଚନ ପାଇଁ ସାଙ୍ଗଠନିକ ଆଲୋଚନା କରି ରଣନୀତି ପ୍ରସ୍ତୁତି କରାଯାଇଥିଲା। ଭାଜପା ଜିଲା ଉପସଭାପତି କମଳା ସୂତାର, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ନଗର ସଭାପତି ସରୋଜ ବଳ, ପୂର୍ଣ୍ଣଚନ୍ଦ୍ର ପାଣି, ପ୍ରଫୁଲ୍ଲ ନାୟକ, ଭଗବାନ ବେହେରା, ଈଶ୍ୱର ବେହେରା ଓ ମୀନକେତନ ବିଶ୍ୱାଳଙ୍କ ସହ ଆଗଧାଡ଼ିର କର୍ମୀମାନେ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧନା ସଭାରେ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ଭାଜପା କର୍ମକର୍ତ୍ତା।

## ୮ ଫୁଟ୍‌ର ଅହିରାଜ ଉଦ୍ଧାର

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ତଣ୍ଡ ବିଟ୍ ଜମୁଲେଇବେଡ଼ା ଗ୍ରାମ ମୁଣ୍ଡରେ ଥିବା ଏକ ପୋଖରୀରୁ ସୋମବାର ୮ଫୁଟ ଲମ୍ବର ଏକ ଅହିରାଜ ବନ ବିଭାଗ ଉଦ୍ଧାର କରିଛି। ପୋଖରୀରେ ସାପ ଥିବା ଖବର ପାଇ ବନ ବିଭାଗ ତରଫରୁ ପାଟଣା ବନପାଳ ପିଅନ ନାଏକ, ସ୍ନେକ ରେସ୍କ୍ୟୁ ଟିମର ସଞ୍ଜୟ ମହାନ୍ତ, ଉତ୍ତମ ମହାନ୍ତ ପ୍ରମୁଖ ପହଞ୍ଚି ଉଦ୍ଧାର କରି ବୈତରଣୀ ନଦୀ କୂଳ ଅଟେଇ ସଂରକ୍ଷିତ ଜଙ୍ଗଲର ଭୀମ କୁଣ୍ଡ ନିକଟରେ ଛାଡ଼ି ଦେଇଛନ୍ତି।

### ସଂକ୍ଷେପରେ

## ୨ ଫେରାର ଅଭିଯୁକ୍ତ ଗିରଫ

ପାଟଣା,୧୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ସୋମବାର ଚେକ ବାଉଁଶ ମାମଲାରେ ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦ୍ୱୟ ହେଲେ ପାଟଣା ବ୍ଲକ୍ ଚେମେଣା ଗ୍ରାମର ନିଶାକର ମହାନ୍ତ (୫୦) ଓ କୋଇଣ୍ଡାର ବିକାଶ ଚନ୍ଦ୍ର ସାହୁ (୩୮)। ଉଭୟଙ୍କ ନାମରେ ପୃଥକ ଭାବେ କରଞ୍ଜିଆ ଏସ୍‌ଡିଜେଏମ କୋର୍ଟ ଓ କେନ୍ଦୁଝର ଜେଏମଏଫସି କୋର୍ଟରେ ୨୦୧୩, ୨୦୧୮ରେ ଚେକ ବାଉଁଶ ମାମଲା ଥିଲା।

## ଦୁଇ ଟ୍ରକ୍ ମୁହାଁମୁହିଁ

ରାମଚନ୍ଦ୍ରପୁର,୧୪ (ଗଣେଶ୍ୱର ସା) କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ୨୦ ନଂ ଜାତୀୟ ରାଜପଥ ବାରିଗାଁ ପେଟ୍ରୋଲ ପମ୍ପ ସମ୍ମୁଖରେ ସୋମବାର ୨ ଟ୍ରକ ଯାନ୍ତ୍ରିକ ତ୍ରୁଟି ଯୋଗ ମୁହାଁମୁହି ଧକ୍କା ହୋଇଛି। ଦୁର୍ଘଟଣାରେ ୨ ଗାଡ଼ି ଭାଙ୍ଗି ଯାଇଥିବା ବେଳେ ସଙ୍କଟପୂର୍ଣ୍ଣ ହୋଇଥିବା ବେଳେ ଅଳ୍ପକେ ଚାଳକ ରକ୍ଷା ପାଇଛନ୍ତି। ସ୍ଥାନୀୟ ଲୋକମାନେ ଦୁଇଟି ଗାଡିରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ବାହାରକୁ ବାହାର କରି ସେମାନଙ୍କ ପ୍ରାଥମିକ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଘସିପୁରା ପୋଲିସ ପହଞ୍ଚି ଗାଡି ଜବତ କରିଛି।

## ଛାତ ଉପରେ ପଡ଼ି ଶ୍ରମିକ ମୃତ

ଚମ୍ପୁଆ,୧୪(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଞ୍ଚଳରେ ଛାତ ଚଟାଣରେ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ସ୍ତ୍ରୀ ଗୀତା ତିର୍କି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା(ନଂ.୧୧/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ଅଞ୍ଚଳର ଆମକୁଲି ଗ୍ରାମର ଗୀତାଙ୍କ ସ୍ୱାମୀ ପିଟର ଟେଟେ ଗତ ୩୦ ତାରିଖ ଚମ୍ପୁଆକୁ କାମ କରିବାକୁ ଆସିଥିଲେ। ରବିବାର ରାତିରେ ଖାଇ ଛାତରେ ବୁଲୁଥିବା ବେଳେ ଚଟାଣରେ ପଡ଼ିଯାଇଥିଲେ। ସାଙ୍ଗମାନେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଅଭିଯୋଗ ପରେ ସବଇନ୍ସପେକ୍ଟର ବରଦା ପ୍ରଶନ୍ନ ସାହୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ଭାଗବତ ଟୁଙ୍ଗିରେ ଗୀତାଯଜ୍ଞ

ରାମଚନ୍ଦ୍ରପୁର,୧୪(ଗଣେଶ୍ୱର): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଭଣ୍ଡାରିଡ଼ିହାସ୍ଥିତ ପରମେଶ୍ୱର ଭାଗବତ ଟୁଙ୍ଗି ଆନୁକୂଲ୍ୟରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଭୋର ୫ ଘଟିକାଠାରୁ ଭଜନ କୀର୍ତ୍ତନ ଓ ଇସ୍କନ ରଥ ସହ ଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରା କରିଥିଲେ। ଭାଗବତ ଟୁଙ୍ଗୀର ସମ୍ପାଦକ ବିପିନ ବିହାରୀ ରାଉତ ଓ ସହ ଧର୍ମିଣୀ ଝରଣା ରାଉତ ମୁଖ୍ୟ ପୁରୋଧା ଭାବେ ଯଜ୍ଞ କର୍ମ ସମ୍ପାଦନ କରିଥିଲେ। ବ୍ରାହ୍ମଣ ରମେଶଚନ୍ଦ୍ର ଷଡ଼ଙ୍ଗୀ, ନିର ବାଶ, ଚଗଲା ଷଡ଼ଙ୍ଗୀ ଓ ଟୁଙ୍ଗୁର ବାବା ଗୀତାପାଠ ସହ ଯଜ୍ଞକର୍ମ ସମାପନ କରିଥିଲେ। ସଭାପତି ଜୟରାମ ରାଉତ, ବିଭୁତି ରାଉତ, ଚିନ୍ତାମଣି ରାଉତ, ଭୁବନେଶ୍ୱର ପୁହାଣ, ସ୍ନେହଲତା ରାଉତ, ପୁଷ୍ପଲତା ରାଉତ, ଶ୍ରୀମତୀ ନାୟକ, ପ୍ରଫୁଲ୍ଲ ନାୟକ, ରାମବିହାରୀ ରାଉତ ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

## ଝାଡ଼ଖଣ୍ଡରେ ଓଡ଼ିଶା ଦିବସ

କେନ୍ଦୁଝର,୧୪ (ନରେଶ ଚନ୍ଦ୍ର ପଟ୍ଟନାୟକ) : ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମି ଜିଲାରେ ଓଡ଼ିଆ ଅଧ୍ୟୁଷିତ ରାମତୀର୍ଥ ନିକଟବର୍ତ୍ତୀ ଦେଓଗାଁଠାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ 'ସର୍ବ ଭାରତୀୟ ଓଡ଼ିଆ ସମାଜ' ଦେଓଗାଁ ଶାଖାର ସଭାପତି ଡ. ସତ୍ୟଜିତ ପ୍ରଧାନଙ୍କ ସଭାପତିତ୍ୱରେ ସାମାଜିକ କର୍ମୀ ସୁଭାଷ ଚନ୍ଦ୍ର ବେହେରା ଯୋଗଦେଇ ଝାଡ଼ଖଣ୍ଡ ରାଜ୍ୟରେ ଓଡ଼ିଆ ଭାଷାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ପଢ଼ାଇବାକୁ ଆହ୍ୱାନ ଜଣାଇଥିଲେ। ସଭାରେ ଡ. ସତ୍ୟଜିତ ପ୍ରଧାନ ଜନଗଣନାରେ ମାତୃ ଭାଷା ସ୍ଥାନରେ ଓଡ଼ିଆ ଲେଖିବାକୁ ଆହ୍ୱାନ ଦେଇଥିଲେ। ସଭାରେ ଦୀପକ ପ୍ରଧାନ, ସାନ୍ତନୁ ପ୍ରଧାନ, ବିଜୟ ଗିରି, ସୁଶ୍ରୀ ଇପସିତ ପ୍ରଧାନ, କ୍ଷୀରୋଦ ମାଝୀ, ଅଂଶୁମାନ ପ୍ରଧାନ, ସୋନାଲୀ ପ୍ରଧାନ, ଅପେକ୍ଷା ରାଣୀ ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

# ଚୋରି ପରେ ବି ଚେତା ପଶୁନି

## ବଳଦେବଜୀଉଙ୍କ ମନ୍ଦିର ବେଢ଼ା ଉନ୍ମୁକ୍ତ

କେନ୍ଦୁଝର,୧୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରୁ ଗୁରୁବାର ରାତିରେ ଚୋରି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ। ତେବେ ଚୋରିର ୪ ଦିନ ପରେ ମଧ୍ୟ ଏହାର ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇନାହିଁ। ମନ୍ଦିର ବେଢ଼ା ଉନ୍ମୁକ୍ତ ହୋଇ ପଡ଼ିଥିବା ବେଳେ ସୁରକ୍ଷା ବ୍ୟବସ୍ଥା ପ୍ରତି କାହାର ନଜର ନାହିଁ। ଫଳରେ ପୁଣି ଚୋରି ହେବା ସମ୍ଭାବନା ରହୁଛି।

ପ୍ରକାଶ ଯେ, ଶ୍ରୀ ବଳଦେବଜୀଉ ମନ୍ଦିର ୧୬୭୧ରେ ପ୍ରତିଷ୍ଠା ହୋଇଥିବା ବେଳେ ୨ ଏକରରୁ ଅଧିକ ପରିମିତ ଅଞ୍ଚଳରେ ଏହାର ବେଢ଼ା ରହିଛି। ମନ୍ଦିରର ଉଚ୍ଚତା ୧୩୫ ଫୁଟ ରହିଥିବା ବେଳେ ଏଠାକାର ବିଶ୍ୱ ପ୍ରସିଦ୍ଧ ରଥର ଉଚ୍ଚତା ୭୨.୪ ଫୁଟ। ମନ୍ଦିର ବେଢ଼ାର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ପାଖାପାଖି ୨ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଚାରିପାଖରେ ଥିବା ମେଘନାଦ ପାଚେରି, ମନ୍ଦିରର ଉନ୍ନତୀକରଣ ଚାଲିଥିବାରୁ ଅନେକ ସ୍ଥାନରେ ବେଢ଼ା ଖୋଲା ରହିଛି। ଉନ୍ନତୀକରଣ କାମ କରୁଥିବା ବିଭାଗର ଖାମଖିଆଲ ମନଭାବ ଯୋଗୁ ବେଢ଼ା ଅସୁରକ୍ଷିତ ଅବସ୍ଥାରେ ରହିଛି। କେତେକ ସ୍ଥାନରେ ବାଉଁଶ ଭାଡ଼ି ଲଗାଯାଇଛି ତ କେଉଁଠି ସିଡ଼ି ଲାଗିଛି। ଯାହାକି ଚୋର ସହଜରେ ଉଠି ଭିତରକୁ ପ୍ରବେଶ କରିପାରିବ। ଦାୟିତ୍ୱରେ ଥିବା ଯନ୍ତ୍ରୀ ଆସୁ ନ ଥିବା କିମ୍ବା ଠିକ ତଦାରଖ କରୁ ନ ଥିବାରୁ କାମର ମାନ ଠିକ ହେଉନାହିଁ। ଉଭୟ ଦେବତୋର ଓ ପୂର୍ତ୍ତ ବିଭାଗର ଖାମଖିଆଲ ମନୋଭାବ ସ୍ପଷ୍ଟ ଜଣାପଡୁଛି। ଏହାପରେ ଚୋରି ହେଲେ ଉଭୟ ବିଭାଗ ଦାୟୀ ରହିବେ ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି। ମନ୍ଦିରର ସୁରକ୍ଷା ପାଇଁ ୪ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ସେମାନେ ପାଳି କରି ମନ୍ଦିର ସୁରକ୍ଷା କରୁଥିବା ବେଳେ ରାତିରେ ୨ ଜଣ ନିୟୋଜିତ ହୋଇଥାନ୍ତି। ସେହିପରି ସିସିଟିଭି ଲାଗିଥିବା ସତ୍ତ୍ୱେ ଚୋରମାନେ ପଶି ଚୋରି କରିନେବା ପରେ ମନ୍ଦିରର ସୁରକ୍ଷାକୁ ନେଇ ନା ନା ସନ୍ଦେହ ଉପୁଜିଛି। ଏ ନେଇ ଟାଉନ ଥାନା ଇନ୍ସପେକ୍ଟର ରମାକାନ୍ତ ସଏ କହିଛନ୍ତି, ହୁଣ୍ଡିରୁ ୨୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ କରାଯାଇଛି। ଘଟଣାରେ ଏକ ମାମଲା(ନଂ. ୧୯୬/୨୪) ରୁଜୁ ହୋଇଛି। ଚୋରକୁ ଧରିବାକୁ ଉଦ୍ୟମ ଜାରି ରହିଛି। ଉପ ଜିଲାପାଳ ତଥା ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ତ୍ରିଲୋଚନ ମହାନ୍ତି କହିଛନ୍ତି, ଚାରିପାଖରେ ମରାମତି ଓ ଉନ୍ନତୀକରଣ କାମ ଚାଲିଛି। ତେବେ ସେସବୁ ଉନ୍ମୁକ୍ତ ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ସଜାଡ଼ିବାକୁ କାମ କରୁଥିବା ସଂସ୍ଥାକୁ କହାଯାଇଛି।



## ଶହୀଦ ସୁଶାନ୍ତ ଖୁଣ୍ଟିଆ ଶିଶୁ ପାର୍କରେ ଭଙ୍ଗାରୁଜା



ଆନନ୍ଦପୁର,୧୪( ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ୩ ନଂ. ୱାର୍ଡର ବ୍ୟାରେଜ ନିକଟରେ ସହିଦ ସୁଶାନ୍ତ ଖୁଣ୍ଟିଆଙ୍କ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଫିଟନେସ ପାର୍କରେ ଦୁର୍ବୃତ୍ତ ଭାଙ୍ଗାରୁଜା କରିଛନ୍ତି। ସୋମବାର ସକାଳେ ପାର୍କ ଭିତରେ ଥିବା ବିଭିନ୍ନ ପଶୁ ପକ୍ଷୀ ଓ ଫିଟ୍‌ନେସ ନିମିତ୍ତ ଜିମ ଭାଙ୍ଗି ପଡ଼ିଥିବା ଲେକେ ଦେଖିବାକୁ ମିଳିଥିଲା। ଅନେକ କୋଟି ଟଙ୍କାରେ ପାର୍କ ନିର୍ମାଣ ହୋଇଥିଲେ ମଧ୍ୟ ଲାଇଟ୍ ଓ ସିସି କ୍ୟାମେରାର ବ୍ୟବସ୍ଥା ନ ଥିବାରୁ ଦୁର୍ବୃତ୍ତମାନେ ସନ୍ଧ୍ୟାରେ ପାର୍କରେ ଆଡ୍ଡା ଜମାଉଛନ୍ତି। ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ବୁଧବାର ଆନନ୍ଦପୁର ଥାନାରେ ଏକ ଲିଖିତ ଏତଲା ଦେବା ପାଇଁ ପ୍ରତିକ୍ରିୟା ଦେଇଥିଲେ।

## ବିଜେଡି ଆଶାୟୀ ଦୌଡ଼ରେ ଅଭିମନ୍ୟୁ

### ଆନନ୍ଦପୁର ନିର୍ବାଚନମଣ୍ଡଳୀ

ସୋସୋ(ସତ୍ୟବ୍ରତ ଜେନା)/ ହାଟଡିହୀ (ଶୁଭାକାନ୍ତ ନାୟକ),୧୪

ସାଧାରଣ ନିର୍ବାଚନର ବିଗୁଲ ବାଜିବା ପରେ କେନ୍ଦୁଝର ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ପାଣିପାଗ ଉଷ୍ମ ରହିଛି। ସବୁ ଦଳରେ ଆଶାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଛି। ଏହାରି ମଧ୍ୟରେ କେବଳ ଭାଜପା ଏମ୍‌ପି ପ୍ରାର୍ଥୀ ଓ ବିଜେଡି ଘସିପୁରା ଏବଂ ପାଟଣା ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସବୁ ଦଳରେ ମାଳମାଳ ଆଶାୟୀ ରହିଥିବାରୁ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବା ଆଲୋଚନା ହେଉଛି। ଏହାରି ମଧ୍ୟରେ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ମଧ୍ୟ ଆଶାୟୀଙ୍କ ଲମ୍ବା ଲାଇନ ଲାଗିଥିବା କୁହାଯାଉଛି। ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହୀ ବ୍ଲକ୍ ଇଞ୍ଚଳ ପଞ୍ଚାୟତର ସାମାଜିକ କର୍ମୀ ତଥା ଯୁବ ବିଜେଡି ନେତା ଅଭିମନ୍ୟୁ ସେଠୀ ବିଜେଡି ଆଶାୟୀଙ୍କ ଦୌଡ଼ରେ ରହିଛନ୍ତି। ଅଭିମନ୍ୟୁ ପୂର୍ବରୁ ଇଞ୍ଚଳ ସରପଞ୍ଚ ଭାବେ



ନିର୍ବାଚିତ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ସାବିତ୍ରୀ ସେଠୀ ହାଟଡିହୀ ବ୍ଲକ୍ ଅଧ୍ୟକ୍ଷା ରହିଛନ୍ତି। ହାଟଡ଼ିହୀ ବ୍ଲକ୍ ସମେତ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅସହାୟ ଗରିବ, ନିରୀହ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଗୋଚରକୁ ଆଣିବାରେ ମାଧ୍ୟମ ପାଲଟିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହେବା ପାଇଁ ଲବି କରିଥିଲେ ହେଁ ବିଫଳ ହୋଇଥିଲେ। ପୁଣି ଚଳିତ ବର୍ଷ ବିଜୁ ଜନତା ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ହେବାକୁ ଆଗ୍ରହୀ ଥିବା ଏନେଇ ଦଳର ସୁପ୍ରିମୋଙ୍କୁ ଜଣାଇଥିବା କହିଛନ୍ତି।

### ପୋଲିସ ପ୍ରତିଷ୍ଠା ଦିବସ

## ଉତ୍କୃଷ୍ଟ ସେବା ପାଇଁ କର୍ମଚାରୀ ସମ୍ମାନିତ



ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ପରେଡ୍।

କେନ୍ଦୁଝର,୧୪(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାସ୍ତରରେ ୮୯ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସ୍ଥାନୀୟ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏସ୍‌ପି ନୀତିନ କୁଶଲକର ଦାଗଡୁ ଯୋଗଦେଇ ସମ୍ମିଳିତ ପରେଡକୁ ଅଭିବାଦନ ଜଣାଇଥିଲେ। ଏହି ଅବସରରେ ଏସ୍‌ପି ପୋଲିସର ଉଲ୍ଲେଖନୀୟ କାର୍ଯ୍ୟକୁ ବର୍ଣ୍ଣନା କରିବା ସହ ପୋଲିସର କର୍ତ୍ତବ୍ୟ, ପରମ୍ପରା, ସେବା ମନୋଭାବ ସାମ୍ବିଧାନିକ ଦାୟିତ୍ୱ ବିଷୟରେ କହିଥିଲେ। ଏଥିସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଢ଼ିଥିଲେ। ଏହି ଅବସରରେ ଉତ୍କୃଷ୍ଟସେବା କରିଥିବା ପୋଲିସ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି, ଉପ ଜିଲାପାଳ ତ୍ରିଲୋଚନ ମହାନ୍ତି, ଅତିରିକ୍ତ ଏସ୍‌ପି ଦିଲୀପ ନାୟକ ସମେତ ବହୁ ବରିଷ୍ଠ ପୋଲିସ ପଦାଧିକାରୀ ଉପସ୍ଥିତ ଥିଲେ।

## ଜୁଭେନାଇଲ କୋର୍ଟ ଗଲେ ନାବାଳକ

### ନାବାଳିକାଙ୍କୁ ବଳାତ୍କାର ଘଟଣା

ଯୋଡ଼ା,୧୪(ମାନସ ମହାନ୍ତି) ; କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ବିଲେଇପଦା ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ପୋଲିସ ନାବାଳକଙ୍କୁ ଗିରଫ କରି ଜୁଭେନାଇଲ କୋର୍ଟକୁ ପଠାଇଛି। ନାବାଳିକାଙ୍କୁ ଜଣେ ନାବାଳକ ବଳାତ୍କାର କରିଥିବା ନେଇ ପରିବାର ପକ୍ଷରୁ ମାର୍ଚ୍ଚ ୪ରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା(ନଂ. ୧୧୬/୨୦୨୪)ରୁଜୁ କରିଥିଲା। ସୋମବାର ନାବାଳକଙ୍କୁ ଗିରଫ କରି କେନ୍ଦୁଝର କୋର୍ଟ ପଠାଇଥିଲା। ମାଜିଷ୍ଟ୍ରେଟ ୧୬୪ ଧାରାରେ ନାବାଳିକାଙ୍କ ବୟାନ ରେକର୍ଡ କରିବା ନାବାଳକଙ୍କୁ ରାଉରକେଲା ଜୁଭେନାଇଲ କୋର୍ଟକୁ ପଠାଯାଇଥିବା ବିଲେଇପଦା ଫାଣ୍ଡି ଅଧିକାରୀ ସୁରେଶ ସାହୁ ସୂଚନା ଦେଇଛନ୍ତି।

## ରାମନବମୀ ପୂର୍ବରୁ କେନ୍ଦୁଝର ଦେଇ ଅଯୋଧ୍ୟା ଟ୍ରେନ୍ ଚଳାଚଳ ଦାବି

କେନ୍ଦୁଝର,୧୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ପୁରୀରୁ କେନ୍ଦୁଝର ଦେଇ ଅଯୋଧ୍ୟାକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା ପାଇଁ ବହୁବାର ଦାବି ପରେ ରେଳ ମନ୍ତ୍ରଣାଳୟ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା ପାଇଁ ଅନୁମତି ପ୍ରଦାନ କରିଛି। ଗତ ମାସ ୭ ତାରିଖରେ ମଧ୍ୟ ପୂର୍ବତଟ ରେଳ ବିଭାଗ ପକ୍ଷରୁ ସମୟ ସାରଣୀ ମଧ ପ୍ରକାଶ ହୋଇଛି। ତେବେ ଅଦ୍ୟାବଧି ଟ୍ରେନ୍ ଚଳାଚଳ ହେଉନାହିଁ। ଏଣୁ ରାମ ନବମୀ ପୂର୍ବରୁ ରେଳ ଚଳାଇବାକୁ କେନ୍ଦୁଝରବାସୀଙ୍କ ତରଫରୁ ଯୁବ ଓ ଶ୍ରମ ବିକାଶ ମଞ୍ଚ ଦାବି କରିଛି। ସମୟ ସାରଣୀ ଅନୁଯାୟୀ, ଟ୍ରେନ ପୁରୀରୁ ଅପରାହ୍ନ ୨ ଟା ୩୩ ରେ ଛାଡ଼ିବା ସହିତ ସାକ୍ଷୀଗୋପାଳ, ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, କଟକ ଦେଇ ଯଖପୁରା, ହରିଚନ୍ଦନପୁର, କେନ୍ଦୁଝରଡ ଷ୍ଟେସନରେ ସନ୍ଧ୍ୟା ୭ ଟା ୫ ରେ ପହଞ୍ଚିବ ଏବଂ ଅଯୋଧ୍ୟା ଦର୍ଶନ ନଗରରେ ଅପରାହ୍ନ ୩ ଟା ୫୦ ସମୟରେ ପହଞ୍ଚିବ। ଅଯୋଧ୍ୟା ଦର୍ଶନନଗରରୁ ପୁଣି ଯାତ୍ରୀବାହୀ ଟ୍ରେନ ସନ୍ଧ୍ୟା ୬ ଟା ୫୦ ରେ ବାହାରି ପୂର୍ବାହ୍ନ ୯ଟା ୪୨ ସମୟରେ ପୁରୀରେ ପହଞ୍ଚିବ। କିନ୍ତୁ ଦୀର୍ଘ ଦିନ ଅପେକ୍ଷା ପରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବାରେ ବିଳମ୍ବ ଘଟୁଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀରାମ ନବମୀ ପୂର୍ବରୁ ପୁରୀରୁ କେନ୍ଦୁଝର ଦେଇ ଅଯୋଧ୍ୟା ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ ସଭାପତି ରଞ୍ଜନ ବେହେରା, ଉପ ସଭାପତି ଜୟକୃଷ୍ଣ ନାଏକ, ସହ ସମ୍ପାଦକ ପୁଷ୍ପାଞ୍ଜଳି ବେହେରା, ହାଡ଼ିବନ୍ଧୁ ନାଏକ, ସୁଜନ ଦେହୁରୀ, ଶମ୍ଭୁନାଥ ନାଏକ, ସରୋଜ ସାହୁ, ବିପିନ ବିହାରୀ ମିଶ୍ର ପ୍ରମୁଖ ଜିଲା ପ୍ରଶାସନ ଓ ରେଳ ମନ୍ତ୍ରଣାଳୟ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

## ଶାଳ ଗଣ୍ଡି ବୋଝେଇ ଟ୍ରାକ୍ଟର ଜବତ

ପାଟଣା,୧୪(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ମଲ୍ଲିପଶି ବିଟ ଡଳଙ୍ଗ ପାଣି ନିକଟରୁ ରବିବାର ରାତିରେ ଏକ ଶାଳ ଗଣ୍ଡି ବୋଝେଇ ଟ୍ରାକ୍ଟରକୁ ବନ ବିଭାଗ ଜବତ କରିଛି। ଟ୍ରାକ୍ଟରରେ ୫ ଖଣ୍ଡ ଶାଳ ଗଣ୍ଡି ଚାଲାଣ ହେଉଥିବା ଖବର ପାଇ ବନ ବିଭାଗ ଚଢ଼ାଉ କରିଥିଲା। ଟ୍ରାକ୍ଟର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଶାଳ ଗଛଟି ଉକ୍ତ ବିଟ ମୁଶାଖୋରୀ ଦିମାର୍କ ରେଡ୍ ପ୍ରଟେକ୍ଟ ଫରେଷ୍ଟରୁ କଟା ଯାଇଥିବା ରେଞ୍ଜର କହିଛନ୍ତି। ଜବତ ଶାଳ ଗଣ୍ଡିର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ରେଞ୍ଜର ବନ ବିହାରି ସର୍ଦ୍ଦାର କହିଛନ୍ତି।

## ସାମାଜିକ ଗଣମାଧ୍ୟମରେ ବ୍ଲକ୍ ଅଧ୍ୟକ୍ଷାଙ୍କ ବିପକ୍ଷରେ ପୋଷ୍ଟ

### ବଦନାମ କରିବାକୁ ଉଦ୍ୟମ କହିଲେ ଅଧ୍ୟକ୍ଷା

ହାଟଡ଼ିହୀ,୧୪(ପାର୍ଥ ସୌରଭ ସା)/ ସୋସୋ(ସତ୍ୟବ୍ରତ ଜେନା/ ଶୁଭାକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହୋଇଛି। ଏକ କୁଚକ୍ରି ଗୋଷ୍ଠୀ ୨୦୦୭ ର ଏକ ମିଥ୍ୟା ଅଭିଯୋଗକୁ ଯୋଡ଼ି ସାମାଜିଜ ଗଣମାଧ୍ୟମରେ ପ୍ରଚାର କରାଇବାରେ ଲାଗିଛନ୍ତି ବୋଲି ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ ପ୍ରକାଶ କରିଛନ୍ତି। ଏ ନେଇ ସେ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ, ବ୍ଲକ୍ ଅଧ୍ୟକ୍ଷା କୌଣସି ପଦ ପଦବୀରେ ନ ଥିବା ବେଳେ ୨୦୦୭ ପୂର୍ବରୁ ତାଙ୍କ ଶାଶୁଙ୍କ ନାମ ବିପିଏଲ ତାଲିକାରେ ଥିବା ଓ ତାଙ୍କର ଚାଳଘର ଥିବା ଦୃଷ୍ଟିରୁ ଏକ ଆବାସ ଯୋଜନା ଘର ପାଇଥିଲେ। ଏ ନେଇ ସେତେବେଳେ କିଛି ଲୋକ ଅଭିଯୋଗ କରିବା ପରେ ପ୍ରଶାସନିକସ୍ତରରେ ତଦନ୍ତ କରାଯାଇ କୌଣସି ଅନିୟମିତତା ହୋଇ ନ ଥିବା ଜଣାପଡ଼ିଥିଲା। କିନ୍ତୁ ଏବେ ତାଙ୍କ ସ୍ୱାମୀ ବିଜେଡି ଟିକେଟ ପାଇବାକୁ ଦାବିଦାର ଥିବାରୁ ଅନ୍ୟ କିଛି ଆଶାୟୀ ଏହା ସହ୍ୟ କରି ନ ପାରି ତାଙ୍କର ଓ ତାଙ୍କ ସ୍ୱାମୀ ଅଭିମନ୍ୟୁଙ୍କ ନାମରେ ଅପପ୍ରଚାର କରୁଛନ୍ତି ବୋଲି ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ ଅଭିଯୋଗ କରିଛନ୍ତି। ତାଙ୍କ ଫେସବୁକ୍‌ରୁ ଫଟୋ ଖୋଲି ସାମାଜିକ ଗଣମାଧ୍ୟମରେ ପକାଇ ତାଙ୍କ ଚରିତ୍ର ସଂହାର କରୁଛନ୍ତି ବୋଲି ଅଭିଯୋଗ କରିବା ସହ ଏ ନେଇ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।

# 'ପ୍ରତି ଓଡ଼ିଆ ଭାଷା, ସଂସ୍କୃତିକୁ ନେଇ ଗର୍ବ କରନ୍ତୁ'

### ୮୯ ତମ ଓଡ଼ିଶା ଦିବସ

କେନ୍ଦୁଝର,୧୪(ନରେଶ ଚନ୍ଦ୍ର ପଟ୍ଟନାୟକ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ରେ ୮୯ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଯଦୁମଣି ମହଲାଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ଉଦ୍‌ବୋଧନ ଦେଇ ଓଡ଼ିଆ ଭାବେ ଗର୍ବ କରିବା ସହ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବାକୁ ଆହ୍ୱାନ ଜଣାଇଛନ୍ତି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲ୍ଲୀପ ନାୟକ, ଉପ-ଜିଲାପାଳ ତ୍ରିଲୋଚନ ମହାନ୍ତି, ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ସେହିପରି ସଦର ବ୍ଲକ୍ ସ୍ଥାନୀୟ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଆଦିବାସୀ ଓ ଜନଜାତି ବିଭାଗ ଏବଂ ଗାନ୍ଧୀ ବିଚାର ପରିଷଦ ମିଳିତ ଆନୁକୂଲ୍ୟରେ ଉତ୍କଳ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅପରମିତା ବେହେରାଙ୍କ ସଭାପତିତ୍ୱରେ ଶିକ୍ଷକ ସଞ୍ଜୟ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ।

ସେହିପରି ସ୍ଥାନୀୟ ବଣିଆପାଟସ୍ଥିତ ଲର୍ଡ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟରେ ଉତ୍କଳ ସମ୍ମିଳନୀ କେନ୍ଦୁଝର ଶାଖା ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, କେନ୍ଦୁଝରର ମିଳିତ ସହଯୋଗରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଂସଦର ସଭାପତି ଡ. ବିଦ୍ୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଉପସଭାପତି ଡ. ଚିତ୍ତ ମିଶ୍ର ସଂଯୋଜନା କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରଫେସର ଡ. ସୁମନ୍ତ୍ର ନାଏକ, ସମ୍ମାନିତ ଅତିଥିଭାବେ ଜଗନ୍ନାଥ ପଣ୍ଡା, ଡ. ବନବିହାରୀ ମିଶ୍ର, ଭରତ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

**ଆନନ୍ଦପୁର,(ଉମେଶ ଚନ୍ଦ୍ର ପାଢ଼ୀ):** ଆନନ୍ଦପୁର ଉପଖଣ୍ଡରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଉପ ଜିଲାପାଳଙ୍କ ସଭାଗୃହଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ଫଲଗୁନୀ ମାଝୀ, ଆସିଷ୍ଟାଣ୍ଟ କଲେକ୍ଟର ବନଜା ପାତ୍ର ଏବଂ ରେକୁଟିଆ କଲେଜର ଅଧ୍ୟାପକ ବିଜୟ ସାହୁ ଉପସ୍ଥିତଥିଲେ।ଆନନ୍ଦପୁର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବେନ୍ଦ୍ର ରାଉତ, ନାରାୟଣ ଦାସ, ଚନ୍ଦ୍ରଶେଖର ଦଲେଇ ସହଯୋଗ କରିଥିଲେ।

**ବଡ଼ବିଲ, (ଦେବପ୍ରିୟ ରଣା):** ବଡ଼ବିଲସ୍ଥିତ ଐକ୍ୟ କ୍ଷେତ୍ରରେ ଶୈଳଜା ବିଷୁବ ସଂସ୍କୃତି ପକ୍ଷରୁ ଏବଂ ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରି ପକ୍ଷରୁ ଉତ୍କଳ ଦିବସ ବା ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବଡବିଲ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଅସିତ ପ୍ରଧାନ ଯୋଗଦେଇ ଆମ ଭାଷା, ଆମ ସଂସ୍କୃତି ଆମ ପାଇଁ ଗର୍ବ କରୁଛୁ, ତେଣୁ ଆଜି ଏହି ଦିବସକୁ ସମସ୍ତ ଓଡ଼ିଆ ପାଳନ କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ବଡବିଲ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ବନମାଳୀ ଜେନା, ନିଳାଦ୍ରୀ ମୁଖ୍ୟ ଟ୍ରଷ୍ଟି ରାଜ କିଶୋର ଦାଶ, ଶୈଳଜା ବିଷୁବ ସଂସ୍କୃତିର ପୁରୋଧା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

**ରାମଚନ୍ଦ୍ରପୁର,(ଗଣେଶ୍ୱର ସା):** ଘସିପୁରା ବ୍ଲକ୍ ଅନ୍ତର୍ଗତ ଦେଓଗାଁ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନାମ ଚରଣ ମାଝୀ, ଗୁରୁଜୀ ଗୌରାଙ୍ଗ ଚରଣ ଜେନା, ଯୁଧିଷ୍ଠିର ସେଠୀ, ରସାନନ୍ଦ ବେହେରା, ସୁଧୀର ରାଉତ ପ୍ରମୁଖ ଉପସ୍ଥିତ ରହି ବୀରପୁତ୍ର ମାନଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ।

**ଚମ୍ପୁଆ, (ମହେଶ୍ୱର ଦାସ):** ଉପାନ୍ତ ଅଞ୍ଚଳ ଚମ୍ପୁଆ ସଦର ମହକୁମାରେ ନିରଡ଼ାମ୍ବର ଭାବେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ସୂଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀ ବିଜୟ ନାୟକଙ୍କ ତତ୍ତ୍ୱାବଧାନରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସହକାରୀ ଜିଲାପାଳ ଫୁଲୁରାଇ ବେସରା, ଅତିରିକ୍ତ ତହସିଲଦାର ପ୍ରତିକ୍ଷା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚମ୍ପୁଆ ବାର ଆସସିଏଶନ ସଭାପତି ହରେକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଉତ୍କଳ ଦିବସ ପାଳିତ ହୋଇଯାଇଛି।

## ଓଡ଼ିଶାର ଲୋକକଳା ଓ ପାରମ୍ପରିକ ନୃତ୍ୟ ପ୍ରଦର୍ଶନୀ



ଯୋଡ଼ା,(ମାନସ ମହାନ୍ତି)

କେନ୍ଦୁଝର ଜିଲା ଉପାନ୍ତ ଅଞ୍ଚଳ ଯୋଡ଼ା ଉପତ୍ୟକାରେ ବହୁ ଆଡ଼ମ୍ବରରେ ଓଡ଼ିଶା ଦିବସ ପାଳନ ହୋଇଯାଇଛି। ଯୋଡ଼ା ଉତ୍କଳ ଦିବସ ସମାରୋହ ଟ୍ରଷ୍ଟ ପକ୍ଷରୁ ଓଡ଼ିଶାର ଲୋକକଳା ଓ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରି ବନେଇକଳାଠାରେ ଥିବା ମହାପୁରୁଷ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଯୋଡା ସହର ପରିକ୍ରମା କରି ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ, ଧରଣୀଧର ନାଏକ, ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରିଥିଲେ। ପଟୁଆରରେ ଆଦିବାସୀ ନୃତ୍ୟ, ପୁରୀର ସାହି ମେଢ଼, ଘୋଡ଼ା ନାଚ, ସିଂହ ବାଜା ପ୍ରଦର୍ଶନ କରାଯାଇଥିଲା। ଯୋଡ଼ା କେନ୍ଦ୍ରୀୟ ଖେଳପଡ଼ିଆରେ ଅନୁଷ୍ଠିତ ସଭାରେ ଅତିଥିଭାବେ ଯୋଡା ଟାଟା ଷ୍ଟିଲ ମୁଖ୍ୟ ରାଜେଶ କୁମାର, ଯୋଡା ଟାଟା ଷ୍ଟିଲ ଖଣି ମୁଖ୍ୟ ଦୀପକ ବେହେରା, ସାହିତ୍ୟିକ ଗୌର ହରି ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ଟ୍ରଷ୍ଟର କର୍ମକର୍ତ୍ତା ସିଦ୍ଧାର୍ଥ କର, ବେଣୁଧର ବେହେରା, ପ୍ରକାଶ ମହାନ୍ତି ପ୍ରମୁଖ ସହଯୋଗ କହିଥିଲେ।

## ସଂକ୍ଷେପରେ

### ବେତନଟୀ ଜଗନ୍ନାଥ ମନ୍ଦିରରୁ ଚୋରି

ବେତନଟୀ, ୧।୪ (ଧରଣୀଧର ମହାନ୍ତି): ବେତନଟୀ ଥାନା ଅଧୀନ ବେତନଟୀ -ବଡ଼ସାହି ରାସ୍ତାରେ ଥିବା ଜଗନ୍ନାଥ ମନ୍ଦିରରୁ ରବିବାର ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ମନ୍ଦିର ଟ୍ରଷ୍ଟର ସଭାପତି ଯୋଗେଶ୍ୱର ମିଶ୍ରଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୧୧୦/୨୪) ରୁଜୁ କରିବା ସହ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛି। ରବିବାର ରାତିରେ ଜଗନ୍ନାଥ ମନ୍ଦିରର ସମ୍ମୁଖ କବାଟ ଭାଙ୍ଗି ମନ୍ଦିର ମଧ୍ୟରେ ଥିବା ଦାନ ବାକ୍ସରୁ ଚୋରମାନେ ଟଙ୍କା,ପଇସା ନେଇଯିବା ସହ ଜଗନ୍ନାଥଙ୍କ ରୁପା ମୁକୁଟ, ମଦନମୋହନ, ରାଧାକୃଷ୍ଣ, ତ୍ରିଦେବୀ,ଆଣ୍ଠୁଆ ଗୋପାଳ ମୂର୍ତ୍ତି ଓ ଅନ୍ୟ ଦେବାଦେବୀଙ୍କ ପିତ୍ତଳ ମୂର୍ତ୍ତି ନେଇ ଯାଇଛନ୍ତି। ମନ୍ଦିରରେ ଥିବା ୯ଟି କଂସା ଥାଳି, ଘଣ୍ଟା, ଝାଲ, କୁବୁଜି ପରାତ, ଦୀପ, ଧୂପଦାନୀ ସହିତ ମନ୍ଦିରରେ କାମ କରୁଥିବା ଜଣେ କାଠ ମିସ୍ତ୍ରିଙ୍କର ପ୍ରାୟ ୩୦ ହଜାର ଟଙ୍କାର ଯନ୍ତ୍ରାଂଶ ମଧ ଚୋରାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ବେତନଟୀ, ୧।୪ (ଧରଣୀଧର ମହାନ୍ତି): ବେତନଟୀ ଥାନା ଅଧୀନ କୋଚିଲାଖୁଣ୍ଟାରୁ ବାରିପଦା ମଧ୍ୟରେ ଥିବା ଭଦୁଶୋଳ ଛକ ନିକଟରୁ ସୋମବାର ବେତନଟୀ ପୋଲିସ ୨ଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଗୋଟିଏ ଟ୍ରାକ୍ଟରକୁ ୪୦ ହଜାର ଟଙ୍କା ଜରିମାନା କରାଯାଇଥିବା ବେଳେ ଅନ୍ୟ ଏକ ଟ୍ରାକ୍ଟରର ଡ୍ରାଇଭରଙ୍କ ବିରୋଧରେ ବେତନଟୀ ଥାନାରେ ମାମଲା ରୁଜୁ କରାଯାଇଛି। ଅରାଘାଟିରୁ ଭଦୁଶୋଳକୁ ବାଲି ଆସୁଥିବା ବେଳେ ବେତନଟୀ ପୋଲିସ ଟିମ ଟ୍ରାକ୍ଟରକୁ ଜବତ କରିଥିଲେ। ପରେ ଟ୍ରାକ୍ଟର ମାଲିକ ମନୋଜ ପତିଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ସେହିଭଳି ଭଦୁଶୋଳ ଛକରେ ଅନ୍ୟ ଏକ ଟ୍ରାକ୍ଟରକୁ ବାଲି ଟ୍ରାକ୍ଟରକୁ ପୋଲିସ ଜବତ କରି ଥାନାକୁ ଆଣିଛି। ଟ୍ରାକ୍ଟରର ଚାଳକ ନାମରେ ମାମଲା(ନଂ.୧୧୧/୨୪)ରୁଜୁହୋଇଛି।

### ଘୁଷୁରି ବୋଝେଇ ଟ୍ରକ୍ ଜବତ

ମୋରଡ଼ା, ୧।୪(ସ୍ମାରକ ମାଜୀ)– ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ରାଜାବନ୍ଧ ନିକଟରେ ବେଆଇନ ଭାବେ ଚାଲାଣ ହେଉଥିବା ଏକ ଘୁଷୁରି ବୋଝେଇ ଟ୍ରକ୍ ଗ୍ରାମବାସୀ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୯ଟା ସମୟରେ ଏକ ଟ୍ରକ୍‌ରେ ଘୁଷୁରି ବୋଝେଇ ହୋଇ ବାଲେଶ୍ୱର ଜିଲା ଭେଲୁରାରୁ ଝାଡ଼ଖଣ୍ଡକୁ ଚାଲାଣ ହେଉଥିବା ବେଳେ ଚିତ୍ରଡା ରାଜାବନ୍ଧ ନିକଟରେ ଗ୍ରାମବାସୀ ଉକ୍ତ ଟ୍ରକ୍‌କୁ ଅଟକାଇ ଥିଲେ। ଖବରପାଇ ଚିତ୍ରଡ଼ା ଫାଣ୍ଡି ପୋଲିସ ପହଞ୍ଚି ଉକ୍ତ ଟ୍ରକ୍ ଜବତ କରିଥିଲା। ଜବତ ଟ୍ରକ୍‌ରେ ୪୪ଟି ଘୁଷୁରି ଥିବା ସୂଚନା ମିଳିଛି।

# ବାଲି ଉତ୍ତୋଳନକୁ ନେଇ ଉତ୍ତେଜନା

## ଗାଡ଼ି ଭଙ୍ଗାରୁଜା କଲେ ଉତ୍ୟକ୍ତ ଲୋକେ

ବାରିପଦା, ୧।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବେଲପାଳସ୍ଥିତ ବୁଢ଼ାବଳଙ୍ଗ ନଦୀ ସଇରାତରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମର ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ବାଲି ପରିବହନ କରୁଥିବା ବ୍ୟକ୍ତିଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଛନ୍ତି। ଖବରପାଇ ବଡ଼ସାହି ତହସିଲଦାର, ବଡ଼ସାହି ଓ ବେତନଟୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଲଘୁ ଖଣିଜ ବିଭାଗର ଅଧିକାରୀଙ୍କ ସମେତ ତହସିଲଦାର ଓ ପୋଲିସ ବାଲି ସଇରାତ ମାପଚୁପ କରିବା ସହ ତଦନ୍ତ ଜାରି ରଖିଛନ୍ତି। ଅଧିକ ଗଣ୍ଡଗୋଳ ଆଶଙ୍କାକୁ ଦୃଷ୍ଟିରେ ରଖି ୧୪୪ଧାରା ଜାରି କରିବା ପାଇଁ ସଦର ଉପଜିଲାପାଳଙ୍କୁ ଅବଗତ କରାଯାଇଛି।

ସୂଚନାଯୋଗ୍ୟ, ବଡ଼ସାହି ତହସିଲ ଅଧୀନ ଆରପଟା, ମହୁପରା, ଡିଙ୍ଗିରା ଓ ବେଲପାଳ ବାଲି ସଇରାତ ୨ବର୍ଷ ହେଲା ଲିଜ୍ ହୋଇ ପାରିନାହିଁ। ଲଘୁ ଖଣିଜ ବିଭାଗ ପକ୍ଷରୁ କନସେଁନ ଟୁ ଅପରେଟ(ସିଟିଓ) ପ୍ରଦାନ କରା ନ ଯାଇ ଖାଦାନଗୁଡ଼ିକ ଲିଜ୍ ଦିଆଯାଇଥିବା ଟେଣ୍ଡରକୁ ଉଚ୍ଚ ନ୍ୟାୟାଳୟ ସ୍ଥଗିତ ରଖିଛନ୍ତି। ଫଳରେ ବେଲପାଳ ସଇରାତରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ନେଇ ଗ୍ରାମବାସୀମାନେ ବିରୋଧ କରି ଆସୁଥିଲେ। ଏହାକୁ ନେଇ ଉତ୍ତୋଳନକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ୨ ଦିନ ପୂର୍ବେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ରବିବାର ରାତିରେ ଗ୍ରାମରେ ବୈଠକ ଡକାଯାଇ ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଥିଲେ ହେଁ କଥା କଟାକଟିକୁ ନେଇ ଗଣ୍ଡଗୋଳ ତୀବ୍ର ରୂପ ଧାରଣ କରିଥିଲା। ଲୋକେ ଉତ୍ୟକ୍ତ ହୋଇ ଉତ୍ତୋଳନକାରୀଙ୍କ ଗାଡ଼ିଗୁଡ଼ିକ ଭଙ୍ଗାରୁଜା କରିଥିଲେ। ଖବରପାଇ ପୋଲିସ ସଦଳବଳେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସୋମବାର ଲଘୁ ଖଣିଜ ବିଭାଗର ଅଧିକାରୀମାନେ ବାଲି ସଇରାତକୁ ଯାଇ ଯାଞ୍ଚ କରି ଫେରିଛନ୍ତି। ଏ ସଂକ୍ରାନ୍ତରେ ସଦର ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ପଚାରିବାରୁ ଘଟଣାକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡ଼ିଲେ ୧୪୪ଧାରା ଜାରି କରାଯିବା ସହ ଫୋର୍ସ ମୃତୟନ କରାଯିବ ବୋଲି କହିଛନ୍ତି। ବଡ଼ସାହି ଥାନା ଆଇଆଇସି ଉମାଶଙ୍କର ନାୟକ କୁହନ୍ତି,ଗ୍ରାମବାସୀଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଗାଡ଼ି ମାଲିକଙ୍କ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅଧିକାରୀମାନେ।

## ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

ବାରିପଦା, ୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ଓ ବାରିପଦା ପୌରପରିଷଦ ଆନୁକୂଲ୍ୟରେ ସୋମବାର ଜିଲାସ୍ତରୀୟ ୮୯ତମ 'ଓଡ଼ିଶା ଦିବସ' ପାଳିତ ହୋଇଯାଇଛି। ସ୍ୱତନ୍ତ୍ର ପ୍ରଦେଶ ଗଠନର ସଂଗ୍ରାମୀ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।ସହରରେ ଥିବା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ, ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ଅଧିକାରୀମାନେ ମାଲ୍ୟାର୍ପଣ କରିବା ପରେ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଓ ସଦର ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ଓଡ଼ଶା ଦିବସ ପାଳନର ତାପର୍ଯ୍ୟ ଓ ବରପୁତ୍ରମାନଙ୍କର ଅବଦାନକୁ ସ୍ମରଣ କରିବା ପାଇଁ ଜିଲାର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଇତିହାସକୁ ରୋମନ୍ଥନ କରିଥିଲେ। ଡେପୁଟୀ କଲେକ୍ଟର ଦୁର୍ଗାଚରଣ ମୁର୍ମୁ, ବସୁନ୍ଧରା ଭିଡ୍ରିୟା, ବିଶ୍ୱଜିତ ପଣ୍ଡା, ଶୁଭଙ୍କରୀ ସୁଦେସ୍ନା ଦାଶ, ଶ୍ରଦ୍ଧା ସୁମନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉଦଳାରେ ଭାଜପା ଏମ୍‌ପି ପ୍ରାର୍ଥୀଙ୍କୁ ସ୍ୱାଗତ



ଦଳୀୟ କର୍ମକର୍ତ୍ତାଙ୍କ ସହ ଭାଜପା ଏମ୍‌ପି ପ୍ରାର୍ଥୀ ନବଚରଣ ମାଝି।

ଉଦଳା, ୧।୪(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଲୋକସଭା ଆସନର ଭାଜପା ଏମ୍‌ପି ପ୍ରାର୍ଥୀ ନବଚରଣ ମାଝିଙ୍କୁ ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳୀ ଗସ୍ତ ଅବସରରେ ଦଳୀୟ ନେତା ଓ କର୍ମୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ନବଚରଣ ପ୍ରଥମ ଥର ପାଇଁ ଉଦଳା ନିର୍ବାଚନମଣ୍ଡଳୀ ଗସ୍ତ କରିବା ଅବସରରେ ଉଦଳାସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ସେ ଉଦଳାର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀଙ୍କ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। କାଳୀ ମନ୍ଦିରରେ ପହଞ୍ଚିଆଶୀର୍ବାଦ ଭିକ୍ଷା କରିଥିଲେ। କପ୍ତିପଦା ବ୍ଲକ ଅଞ୍ଚଳରେ ଥିବା ବାବା ଝିଙ୍କେଶ୍ୱରଙ୍କୁ ଦର୍ଶନ, କପ୍ତିପଦା ମୁଖ୍ୟ ଛକରେ ଦଳୀୟ କର୍ମୀଙ୍କୁ ଭେଟିବା ସହ ପିଙ୍ଗୁ ନୁଦଡିହାରେ ନୂତନ ଭାବେ ନିର୍ମାଣ ହୋଇଥିବା ଜଗନ୍ନାଥ ମନ୍ଦିରକୁ ଯାଇ ଚତୁର୍ଦ୍ଧାଦେବଙ୍କୁ ଦର୍ଶନ କରିଥିଲେ। ସୋମବାର ଓଡ଼ିଶା ଦିବସ ପରିପ୍ରେକ୍ଷୀରେ ଉଦଳା ବାସନ୍ତୀ ମଣ୍ଡପ ଛକଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ନୁଦଡିହାରେ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ଏବଂ ଶ୍ରୀଦାମଚନ୍ଦ୍ରପୁରଠାରେ ଥିବା ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନବଚରଣଙ୍କ ସହିତ ଜିଲା ସଭାପତି କାନ୍ଦରା ସୋରେନ,ବରିଷ୍ଠ ନେତା ସଞ୍ଜୀବ ମହାନ୍ତି, କୃଷ୍ଣଚନ୍ଦ୍ର ମହାପାତ୍ର, ଉଦଳା ବିଧାୟକ ଭାସ୍କର ମଢ଼େଇ, ଭାଦବ ହାଁସଦା, ଏନ୍‌ଏସି ନଗରପାଳ ପ୍ରମିଳା ପଣ୍ଡା, କମଳ କୁମାର ଧଳ, ନିହାର ରଞ୍ଜନ ମୋଦି, ମମତା ସାହୁ, ପ୍ରଭାତ ପରିଡ଼ାଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ ଉଦଳା ନିର୍ବାଚନ ମଣ୍ଡଳୀର ଆଶାୟୀ ବିଧାୟକ ପ୍ରାର୍ଥୀ କଲ୍ଲୋଳ ସିଂ, ସୁଲୁମଣୀ ମଢେଇ, ଦୁଃଖିଶ୍ୟାମ ମୁର୍ମୁ, କାଳୀଚରଣ ପାତ୍ର, ମୁକ୍ତିକାନ୍ତ ନାଏକ ମଧ ଉପସ୍ଥିତ ରହି ନବଚରଣଙ୍କୁ ସ୍ୱାଗତ କରିଥିଲେ। ନବଚରଣଙ୍କ ଗସ୍ତ ପରେ ଉଦଳା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ବେଶ ବୃଦ୍ଧି ପାଇଛି। ତେବେ ବିଜେଡି ଏମ୍‌ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡି କେବେ ଉଦଳା ଗସ୍ତରେ ଆସିବେ ସେନେଇ କର୍ମୀଙ୍କ ମହଲରେ ଆଲୋଚନା ଜୋର ଧରିଛି।

## ନବ ଚରଣଙ୍କ ମାରାଥନ ଗସ୍ତ

ଗୋପବନ୍ଧୁ ନଗର, ୧।୪(ଶାନ୍ତନୁ କୁମାର ମଢୁ ଆଳ)– ମୟୂରଭଞ୍ଜ ଭାଜପା ଏମ୍‌ପି ପ୍ରାର୍ଥୀ ନବ ଚରଣ ମାଝି ଉଦଳା ନିର୍ବାଚନ ମଣ୍ଡଳୀ ଗସ୍ତ କରିବା ଅବସରରେ ଗୋପବନ୍ଧୁ ନଗର ବ୍ଲକ ଜୟପୁର ଓ ସାଇଁକୁଳା ଦୋଳ ମଣ୍ଡପ ପରିଦର୍ଶନ କରିଥିଲେ। ପ୍ରଥମେ ଜୟପୁର ଛକଠାରେ ଦଳୀୟ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ନବଚରଣ ଶ୍ରୀ ଜୀଉମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କ ସହିତ ଉଦଳା ବିଧାୟକ ଭାସ୍କର ମଢେଇ,ଜିଲା ସଭାପତି କାନ୍ଦରା ସୋରେନଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଖୁଣ୍ଟା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

## ୨ ଯୁବକଙ୍କ ମୃତଦେହ ଜବତ

ରାଇରଙ୍ଗପୁର, ୧।୪(ମାନସ ମହାନ୍ତି)– ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୋଲିସ ସର୍କଲ ଅଞ୍ଚଳରେ ରବିବାର ଗୋଟିଏ ଦିନରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଶ୍ୟାମସୁନ୍ଦର ପୁର ଗ୍ରାମ ନିକଟସ୍ଥ ନାଳ ପାର୍ଶ୍ୱରେ ଥିବା ଏକ ଗଛରେ ଜଣେ ଯୁବକ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ରାଇରଙ୍ଗପୁର ଟାଉନ ଥାନା ଅଧୀନ ନୂଆଗାଁ ଗ୍ରାମର ସୁପରାମ ମାଝିଙ୍କ ପୁଅ ମହେଶ(୨୪)। ସେ କିଛି ଦିନ ହେବ ଶ୍ୟାମସୁନ୍ଦର ପୁରସ୍ଥିତ ନିଜ ମାଉସୀ ଘରେ ରହୁଥିଲେ। ସେହିଭଳି ବିଶୋଇ ଥାନା ଅଧୀନ କୁଡୁମା ଗ୍ରାମର ଜଣେ ଯୁବକ ତାଙ୍କ ଗ୍ରାମ ନିକଟବର୍ତ୍ତୀ ଏକ ଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସଞ୍ଜୀବ ନାଏକ (୧୮)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବାରିପଦା ସହର ସବୁଠୁ ଉତ୍ତପ୍ତ

ବାରିପଦା, ୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରର ତାପମାତ୍ରା ସୋମବାର ୪୦.୪ ଡିଗ୍ରୀ ରେକର୍ଡ କରାଯାଇଛି। ଝାରସୁଗୁଡ଼ା ସହ ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ଭାବେ ବାରିପଦା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରଚଣ୍ଡ ରୌଦ୍ର ତାପ ଯୋଗୁ ଜିଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଦିନ ୧୦ଟା ପରେ ଲୋକେ ଘରୁ ବାହାରକୁ ବାହାରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏହା ସହିତ ଗୃହପାଳିତ ପ୍ରାଣୀ ପ୍ରବଳ ତାତିରେ ଡହଳବିକଳ ହେଉଛନ୍ତି। ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଲୋକେ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। ପ୍ରକାଶଥାଉକି, ଗତବର୍ଷ ବିଶ୍ୱର ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ବାରିପଦା ରହିଥିଲା। ଏହାକୁ ନେଇ ଜିଲାବାସୀ ଭୟଭୀତ ହୋଇପଡ଼ିଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗ୍ରୀଷ୍ମ ପ୍ରବାହର ମୁକାବିଲା ଓ ପରିଚାଳନା ନିମନ୍ତେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶରେ ଉପଜିଲାପାଳ,ବିଡିଓ, ତହସିଲଦାର ଓ ଜିଲା ଜରୁରିକାଳୀନ ଅଧିକାରୀମାନେ ବିଭିନ୍ନ ବ୍ୟବସ୍ଥା କରିଛନ୍ତି।

# ସରିଲା ବାଲିଆଡ଼ିପା ଛଉନୃତ୍ୟ ଉତ୍ସବ



କଳାକାରମାନେ ଛଉନୃତ୍ୟ ପରିବେଷଣ କରୁଛନ୍ତି।

ମୋରଡା, ୧।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା କୋହି ପଞ୍ଚାୟତ ଅଧୀନ ବାଲିଆଡ଼ିପାରେ ୨୬ତମ ଛଉନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ କରତପଟାର ବାଉରାମାତା ଓ ବଡ଼ଜାମବଣି ଛଉନୃତ୍ୟ ପ୍ରତିଷ୍ଠାନ ଭାଗ ନେଇଥିଲେ। ରବିବାର ଅପରାହ୍ନ ୫ଟାରୁ ଆରମ୍ଭ ହୋଇ ସୋମବାର ସକାଳ ପର୍ଯ୍ୟନ୍ତ ଅନୁଷ୍ଠିତ ଉକ୍ତ ଉତ୍ସବରେ ମାୟା ଶବରୀ, ଚାଷୀ ମୂଳିଆ, ପଞ୍ଚ ଶାଖା, କେଉଟକେଉଟୁଣୀ, କରମ ପୂଜା ଛଉନୃତ୍ୟ ପରିବେଷଣ କରି କଳାକାରମାନେ ଦର୍ଶକଙ୍କ ମନ ମୋହିଥିଲେ। ଉତ୍ସବ ଆୟୋଜନରେ କମିଟି ସଦସ୍ୟ ଗାନ୍ଧୀ କୁମାର ତୁଙ୍ଗ, ତପନ ପାଟବନ୍ଧା, ଅରବିନ୍ଦ କୁମାର ତୁଙ୍ଗ, ଗୋବିନ୍ଦଚନ୍ଦ୍ର ସି ଏବଂ ଅନ୍ୟମାନେ ସହଯୋଗ କରଥିଲେ।

# ଭାଜପାର ଲାଭାର୍ଥୀ ସମ୍ପର୍କ ଅଭିଯାନ

ବାଙ୍ଗିରିପୋଷି, ୧।୪
(ସଞ୍ଜୟ କୁମାର ଅଗ୍ରୱାଲା)



ଭାଜପା କାର୍ଯ୍ୟକର୍ତ୍ତା ଲିଫ୍‌ଲେଟ ବାଣ୍ଟୁଛନ୍ତି।

ଭାଜପା ପକ୍ଷରୁ ଦେଶ ବ୍ୟାପି ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାର ଲାଭ ସମ୍ପର୍କରେ ଘର ଘର ବୁଲି ଲିଫ୍‌ଲେଟ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପେକ୍ଷୀରେ ବାଙ୍ଗିରିପୋଷି ବ୍ଲକ ଅଧୀନ ୨୭ନଂ. ଜୋନ ମଣ୍ଡଳ ସଭାପତି ଦୁଲାରାମ କିସ୍କୁଙ୍କ ସହ ଭାଜପା କାର୍ଯ୍ୟକର୍ତ୍ତାମାନେ ମୋଦିଙ୍କ ଲାଭାର୍ଥୀ ଯୋଜନାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଉଛନ୍ତି। ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ୨୭ନଂ. ଜୋନ ଅନ୍ତର୍ଗତ ୧୦ଟି ପଞ୍ଚାୟତରେ ଥିବା ଗ୍ରାମଗୁଡ଼ିକରେ ଘରକୁ ଘର ଯାଇ ସଚେତନତା ବାର୍ତ୍ତା ବାଣ୍ଟୁଥିବା ଲକ୍ଷ୍ୟ ରଖାଯାଇଛି। ତେବେ ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଘୋଷଣା ପୂର୍ବରୁ ଭାଜପା କାର୍ଯ୍ୟକର୍ତ୍ତାମାନେ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ନିର୍ବାଚନରେ ଯାହାଙ୍କୁ ବି ଦଳୀୟ ଟିକେଟ ମିଳିବ ତାଙ୍କ ପାଇଁ ଦଳୀୟ କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରିବେ ବୋଲି ମଣ୍ଡଳ ସଭାପତି କିସ୍କୁ କହିଛନ୍ତି।

# ୫ମ ଦିନରେ ଟିମ୍–ଏ ବିଜୟୀ

## ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ

ବାରିପଦା, ୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମଧୁବନସ୍ଥିତ ମିନି ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିନର ମ୍ୟାଚରେ ଟିମ୍–ଏ ଦଳ ଟିମ୍–ବି କୁ ୮ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ–ବି ୨୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନିଶାନ୍ତ ମିଶ୍ର ଓ ଚନ୍ଦନ ସିଂ ୩୫ ରନ ଲେଖାଏ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଆଦିତ୍ୟ ଦାସ ଓ ଦୀପକ ଦେହୁରୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଟିମ୍–ଏ ୧୭.୩ ଓଭରରେ ୨ଟି ଉଇକେଟ ହରାଇ ୧୪୭ ରନ୍ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ଜି.ଏନ. ବିଶ୍ୱପ୍ରକାଶ ୫୩ ଓ ଗମ୍ଭୀର ପିଙ୍ଗୁଆ ୫୫ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଦିବ୍ୟରଞ୍ଜନ ସାହୁ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। କାର୍ତ୍ତିକେଶ୍ୱର ରଣା, ଗଣେଶ୍ୱର ରଣା, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।



ପଞ୍ଚମ ଦିନ ମ୍ୟାଚରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ।

# ଓଡ଼ିଶା ପ୍ରୀତିରେ ବାନ୍ଧି ହେଲେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ

ବାରିପଦା, ୧।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଷଢ଼େଇକଳା ଓ ଖରସୁଆଁରେ ଓଡ଼ିଆମାନେ ଉତ୍କଳ ଦିବସ ପାଳନ କରିଛନ୍ତି। ଓଡ଼ିଆ ସମାଜ ଆନୁକୂଲ୍ୟରେ ଓଡ଼ିଶାର ବରପୁତ୍ର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ଷଢ଼େଇକଳାରେ ଥିବା ପ୍ରତି ସ୍କୁଲରେ ଉତ୍କଳ ଦିବସ ପାଳନ କରାଯାଇଥିବା ସୂଚନା ମିଳିଛି। ଏହି ଅବସରରେ ସେଠାରେ ଥିବା ଓଡ଼ିଆମାନେ ଓଡ଼ିଶାରୁ ବିଚ୍ଛିନ୍ନ ହୋଇ ମଧ୍ୟ ଓଡ଼ିଶା ପ୍ରୀତିରେ ବାନ୍ଧି ହୋଇଥିବା ପ୍ରକାଶ କରିଛନ୍ତି। ଷଢ଼େଇକଳା ଓ ଖରସୁଆଁ ଉତ୍କଳ ସମ୍ମିଳନୀର ଜିଲା କମିଟି ଓ ବ୍ଲକ କମିଟି ଏବଂ ଓଡ଼ିଆ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ରହି ଉତ୍କଳ ଦିବସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଷଢ଼େଇକଳା ନଗର ପଞ୍ଚାୟତର ପୂର୍ବତନ ଅଧକ୍ଷା ମିନାକ୍ଷୀ ପଟ୍ଟନାୟକ, ସୁଜାତା ମହାନ୍ତି, ମୀରା ବାରିକ, ଶିକ୍ଷୟିତ୍ରୀ ରୀତାରାଣୀ ନନ୍ଦ, ରୀନା ମିଶ୍ର, ସନ୍ଧ୍ୟା କର, ଗୀତାଞ୍ଜଳି ମହାନ୍ତି, ମୌସୁମୀ ହୋତା, ରଶ୍ମିତା ଦାସ, ଅନ୍ନପୂର୍ଣ୍ଣା ରଥ, ଶକ୍ତିପଦ ପତି, ଓଡ଼ିଆ ସଙ୍ଗଠକ ଦୁଖୁରାମ ସାହୁ, ସୁଦୀପ ପଟ୍ଟନାୟକ, ଜଳେଶ କବି, ଚନ୍ଦ୍ରଶେଖର କର,ବଦ୍ରୀ ଦରଘା, ଚିରଞ୍ଜିବୀ ମହାପାତ୍ର, ଗୋଲକ ଜ୍ୟୋତିଶୀ, ଭୋଳା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍କଳ ଦିବସ ଅବସରରେ ଏକାଠି ହୋଇଥିବା ଓଡ଼ିଆମାନେ।

# ବିଜେଡି ୨୪ ବର୍ଷରେ ଖାତା ଖୋଲିପାରିନି

## ସୁନ୍ଦରଗଡ଼ ଲୋକ ସଭା ଆସନ

ସୁନ୍ଦରଗଡ଼,୧।୪
(ଜୟ ନାରାୟଣ ମେଣ୍ଟୁଳି)



ଜୁଏଲ ଓରାମ



ଦିଲୀପ ତିର୍କୀ

ସୁନ୍ଦରଗଡ଼ ଲୋକ ସଭା ଆସନ ପାଇଁ ଭାଜପା ପୁଣି ଜୁଏଲଙ୍କ ଉପରେ ଭରସା କରି ଟିକେଟ ଦେଇଛି। ଅନ୍ୟପକ୍ଷରେ ବିଜେଡି ଏଥର ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀଙ୍କୁ ପ୍ରାର୍ଥୀ କରିଛି। ଭାଜପାର ଭେଟେରାନ ନେତା ଜୁଏଲଙ୍କୁ ବିଜେଡିର ଦିଲୀପ କଡ଼ା ଟକ୍କର ଦେବେ ବୋଲି ଚର୍ଚ୍ଚା ହେଉଛି। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଲୋକ ସଭା ଆସନ ହାତେଇବାକୁ ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ ଦଳ ରଣନୀତି ଆରମ୍ଭ କରିଦେଇଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା କଂଗ୍ରେସ ତା'ର ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ।

୨୦୧୯ ନିର୍ବାଚନରେ ଭାଜପାର ଜୁଏଲ ଓରାମ ବିଜୁ ଜନତା ଦଳ ପ୍ରାର୍ଥିନୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କଂଗ୍ରେସର ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନିତା ବିଶ୍ୱାଳଙ୍କୁ ପରାଜିତ କରିଥିଲେ। ଜୁଏଲ ୧୯୯୮, ୧୯୯୯, ୨୦୦୪, ୨୦୧୪ ଓ ୨୦୧୯ରେ ଏହି ଆସନରୁ ଭାଜପା ଟିକେଟରେ ବିଜୟୀ ହୋଇ କେନ୍ଦ୍ରରେ ଦୁଇ ଥର ମନ୍ତ୍ରୀ ପଦ ପାଇଛନ୍ତି। ଉକ୍ତ ଆସନରୁ ୨୦୦୯ରେ କଂଗ୍ରେସର ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ ବିଜୟୀ ହୋଇ ଏମ୍‌ପି ହୋଇଥିଲେ। ମାତ୍ର ୨୪ ବର୍ଷର ଶାସନ କାଳ ମଧ୍ୟରେ ରାଜ୍ୟରେ କ୍ଷମତାସୀନ ବିଜୁ ଜନତା ଦଳ ଏହି ଆସନ ହାତେଇବାରେ ସଫଳ ହୋଇପାରିନାହିଁ। ୨୦୧୯ରେ ସୁନୀତାଙ୍କୁ ପ୍ରାର୍ଥୀ କରି ଭାଜପା ଓ କଂଗ୍ରେସର ପାରମ୍ପରିକ ଆଦିବାସୀ ଭୋଟ ହାତେଇ ବିଜୟୀ ହେବାକୁ ବିଜେଡି ଆଶା ରଖିଥିଲା। ହେଲେ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ଏଥର କିନ୍ତୁ ବିଜେଡି ଏହି ଆସନକୁ ଅଧିକ ଫୋକସରେ ରଖି ଗତ ୫ବର୍ଷ ମଧ୍ୟରେ ଜିଲାରେ ନିଜର ସାଙ୍ଗଠନିକ ସ୍ଥିତିକୁ ପୂର୍ବାପେକ୍ଷା ସୁଦୃଢ଼ କରିଛି। ଏକଦା ଏହି ଲୋକ ସଭା ଆସନ କଂଗ୍ରେସର ଗଡ଼ କୁହାଯାଉଥିଲା ବେଳେ ପରବର୍ତ୍ତୀ ସମୟରେ ଏହା ଭାଜପାର ଗଡ଼ ହୋଇଛି। ୨୦୧୪ରେ ଦିଲ୍ଲୀପ ତିର୍କୀଙ୍କୁ ବିଜେଡି ଏଠାରେ ପ୍ରାର୍ଥୀ କରିଥିଲା। ସେତେବେଳେ ମଧ୍ୟ ବିଜୁ ଜନତା ଦଳ ସଫଳ ହୋଇ ନ ଥିଲା।


ଭାଜପାର ଜୁଏଲଙ୍କୁ ଟକ୍କର ଦେବାକୁ ବିଜେଡି ସ୍ୱତନ୍ତ୍ର ରଣନୀତି କରିଥିବା କୁହାଯାଉଛି । ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୁନ୍ଦରଗଡ଼ ଜିଲାକୁ ଫୋକସରେ ରଖି ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟକ୍ରମ କରିଛନ୍ତି। ସେଥିମଧ୍ୟରୁ ରାଉରକେଲାରେ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ ସହ ହକି ବିଶ୍ୱକପ ଆୟୋଜନ, ଜିଲାର ୧୭ଟି ବ୍ଲକରେ ହକି ଖେଳ ପାଇଁ ସ୍ୱତନ୍ତ୍ର ଆଷ୍ଟ୍ରୋଟପ ବ୍ୟବସ୍ଥା, କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି, ଆଦିବାସୀଙ୍କ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ବିକାଶ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏହାରି ମାଧ୍ୟମରେ ଆଦିବାସୀଙ୍କ ନିକଟତର ହେବା ପାଇଁ ବିଜେଡି ପ୍ରୟାସ କରିଛି। ଏଥିସହ ଅନ୍ୟାନ୍ୟ ଯୋଜନା ତଥା କାର୍ଯ୍ୟକ୍ରମ ଯୋଗୁ ଜିଲାରେ ଏଥର ବିଜେଡି ସଫଳତା ହାସଲ କରିବ ବୋଲି ବିଜେଡି ଶିବିର ଦାବି କରିଛି। ଅପରପକ୍ଷରେ ଭାଜପା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ ଓ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯୋଗୁ ଲୋକଙ୍କ ଆସ୍ଥାଭାଜନ ହୋଇ ପୁଣିଥରେ ଲୋକ ସଭା ଓ ଜିଲାର ୭ଟି ବିଧାନସଭା ଆସନରେ ବିଜୟୀ ହେବ ବୋଲି ଆଶା ବାନ୍ଧିଛି।

ଅପରପକ୍ଷରେ କଂଗ୍ରେସ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପୁଞ୍ଜିବାଦ ଶାସନ ଓ ଆଦିବାସୀ, ଗରିବ, ଦଳିତମାରଣ ନୀତି ବିରୋଧରେ ଲୋକେ ଏଥର କଂଗ୍ରେସ ଉପରେ ଭରସା କରିବେ ବୋଲି ଦାବି କରିଛି। କଂଗ୍ରେସ ଗତ ନିର୍ବାଚନରେ ଜିଲାର ଆଦିବାସୀ ନେତା ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କୁ ପ୍ରାର୍ଥୀ କରିଥିବା ବେଳେ ଏଥର ସେ କଂଗ୍ରେସ ହାତ ଛାଡ଼ିଛନ୍ତି। ଅନ୍ୟ ଥର ଅପେକ୍ଷା ଏଥର ଜୁଏଲଙ୍କୁ ମୋଦି ଭରସା ଓ ସେ କଡ଼ା ମୁକାବିଲାର ସମ୍ମୁଖୀନ ହୋଇପାରନ୍ତି ବୋଲି ଆଲୋଚନା ହେଉଛି। କେତେକ ସାମାଜିକ ଗଣମାଧ୍ୟମରେ 'ମୋଦି ଜରୁରୀ, ଜୁଏଲ ମଜବୁରୀ' ବୋଲି ଚର୍ଚ୍ଚା ରାଜନୈତିକ ଆଲୋଚନାକୁ ଆହୁରି ରସାଳ କରିଛି। ଏପଟେ ଦିଲୀପ ଶୁକ୍ରବାରଠାରୁ ତାଙ୍କର ପ୍ରଚାର ଅଭିଯାନ ଆରମ୍ଭ କରି ସୁନ୍ଦରଗଡ଼ବାସୀଙ୍କ ଆଶୀର୍ବାଦ କାମନା କରିଛନ୍ତି। ଏପରିକି କଂଗ୍ରେସର କିଛି ନେତାଙ୍କୁ ବିଧାୟକ ଟିକେଟ ଦେଇ ଭାଜପା ଲୋକ ସଭା ଭୋଟରେ ବୃଦ୍ଧି ପାଇଁ ମଧ୍ୟ ଯୋଜନା କରୁଥିବା ନେଇ ଆଲୋଚନା ଚାଲିଛି।

# ବିଜେଡି ଛାଡିଲେ ସନ୍ଧ୍ୟାବତୀ, ଲିଙ୍ଗନ ସୁବୁଦ୍ଧି



ସନ୍ଧ୍ୟାବତୀ ପ୍ରଧାନ



ଲିଙ୍ଗନ ସୁବୁଦ୍ଧି

ଭୁବନେଶ୍ୱର,୧।୪(ଅନିଲଦାସ)

ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ପୂର୍ବତନ ଅଧ୍ୟକ୍ଷା ତଥା ବିଜେଡିର ବରିଷ୍ଠ ନେତ୍ରୀ ସନ୍ଧ୍ୟାବତୀ ପ୍ରଧାନ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି।

ସେ ଖୁବ୍ ଦୁଃଖର ସହିତ ଦଳରୁ ଇସ୍ତଫା ଦେଉଥିବା ଏଥିରେ ଉଲ୍ଲେଖ କରିଛନ୍ତି। ଏକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଆପଣଙ୍କୁ ଘେରି ରହୁଥିବାରୁ ଆମ ସ୍ୱର ଆପଣଙ୍କ ପାଖରେ ପହଞ୍ଚି ପାରୁନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେ ଲେଖିଛନ୍ତି। ତାଙ୍କୁ ଯେଉଁ କାମ ଦିଆଯାଇଛି, ସେ ତାହାକୁ ସୁଚାରୁରୂପେ ତୁଲାଇଛନ୍ତି ବୋଲି ପ୍ରଧାନ କହିଛନ୍ତି। ଏବେ ସେ ଦଳର ସ୍ଥିତି ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତେଣୁ ବିଜୁ ଜନତା ଦଳରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଉଛନ୍ତି ବୋଲି ପ୍ରଧାନ ତାଙ୍କ ଇସ୍ତଫାପତ୍ର ମାଧ୍ୟମରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ସନ୍ଧ୍ୟାବତୀ ପୁରୀ ଜିଲାର ଜଣେ ବରିଷ୍ଠ ବିଜେଡି ନେତ୍ରୀ ଭାବେ ଜଣାଶୁଣା । ଏଥିସହିତ ସେ ପୁରୀ ଜିଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷ, ପୂର୍ବତନ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସହ ଏକାଧିକ କମିଟିର ଦାୟିତ୍ୱ ତୁଲାଇ ଥିଲେ।

ସେହିପରି ସମାଜସେବୀ ତଥା ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ଲିଙ୍ଗନ ସୁବୁଦ୍ଧି ବିଜେଡି ପରିତ୍ୟାଗ କରିଛନ୍ତି। ସୋମବାର ସେ ତାଙ୍କର ଇସ୍ତଫାପତ୍ର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଦଳରେ ମହିଳା ସଶକ୍ତୀକରଣ ଏକ ସ୍ଲୋଗାନରେ ରହିଯାଇଛି। ମହିଳାମାନଙ୍କୁ ବର୍ତ୍ତମାନ ଦଳରେ ଉଚିତ ସମ୍ମାନ ମିଳୁନାହିଁ। ଲିଙ୍ଗନ ୨୦୧୪ରେ ବିଜେଡି ଟିକେଟରେ ଭୁବନେଶ୍ୱର ୮ ନମ୍ବର ୱାର୍ଡରୁ କର୍ପୋରେଟର ଭାବେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ।

# ଭାଜପାରେ ଯୋଗଦେଲେ ଅନୁଭବ



ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ଅନୁଭବ ମହାନ୍ତିଙ୍କୁ ବରିଷ୍ଠ ନେତାମାନେ ଦଳକୁ ସ୍ୱାଗତ କରୁଛନ୍ତି।

ଭୁବନେଶ୍ୱର, ୧।୪
(ସୁନିତ୍ ମିଶ୍ର)

ଫିଲ୍ମ ତାରକା ଅରିନ୍ଦମ ରାୟ, ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକଙ୍କ ପରେ ସୋମବାର କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଭାଜପାରେ ଯୋଗ ଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ଆୟୋଜିତ ମିଶ୍ରଣପର୍ବରେ ସେ ଦଳରେ ମିଶିଛନ୍ତି। ଭାଜପା ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ଗତ ୨ ଦିନ ତଳେ ଅନୁଭବ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ।

ଭାଜପାରେ ଯୋଗଦେବା ପରେ ଅନୁଭବ କହିଛନ୍ତି ଯେ, ସାଧାରଣରେ କୁହାଯାଏ ଜଣେ କଳାକାର ରାଜନୀତି କରିପାରନ୍ତି ନାହିଁ। ଏହି କଥା ଶୁଣିଲେ ବହୁତ ଖରାପ ଲାଗୁଥିଲା। ତେଣୁ ସେ ବହୁ ପରିଶ୍ରମ କରି ପ୍ରତ୍ୟେକ ସେସନ୍‌ରେ ଅଂଶଗ୍ରହଣ କରିବାକୁ ଚେଷ୍ଟା କରିଛି। ଦେଶର ବିକାଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଣିଥିବା ସବୁ ବିଲ୍‌କୁ ସମର୍ଥନ ଦେଇଛୁ। ରାଜ୍ୟ ସଭା ପରେ କେନ୍ଦ୍ରାପଡ଼ା ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲି। ଏହି ଗତ ୫ ବର୍ଷରେ ରାଜନୀତି ଶିଖିବାର ସୁଯୋଗ ପାଇଛି। ପାର୍ଲାମେଣ୍ଟରେ ବହୁ ବିଲ୍ ପାସ୍ ହୋଇଥିବା ଦେଖିଲି। ଜଣେ ଯୁବକ ହିସାବରେ ଚାହିଁବି ଦେଶର ପ୍ରତ୍ୟେକ ଯୁବପିଢ଼ି ଏହି ପରିବାରରେ ସାମିଲ୍ ହେବା ଦରକାର। କାରଣ ଏ ଦେଶକୁ ଆଗକୁ ନେବାକୁ ପଡ଼ିବ ବୋଲି ଅନୁଭବ କହିଛନ୍ତି। ଅନୁଭବ ପ୍ରଥମେ ବିଜେଡିରୁ ରାଜ୍ୟ ସଭାକୁ ଯାଇଥିଲେ। ୨୦୧୯ରେ ସେ କେନ୍ଦ୍ରାପଡ଼ାରୁ ଏମ୍‌ପି ଭାବେ ନିର୍ବାଚିତ ହୋଇ ସଂସଦକୁ ଯାଇଥିଲେ। ଭାଜପାରୁ ପ୍ରାର୍ଥୀ ହୋଇଥିବା ବୈଜୟନ୍ତ ପଣ୍ଡାଙ୍କୁ ସେ ପରାସ୍ତ କରି କେନ୍ଦ୍ରାପଡ଼ା ଏମ୍‌ପି ହୋଇଥିଲେ।

## ଏଭଳି ନେତା ଦଳ ଛାଡ଼ିବା ବିଜେଡି ପାଇଁ ଶୁଭ: ଦେବାଶିଷ

କଟକ,୧।୪(ଶିଲ୍ପା ପ୍ରିୟଦର୍ଶିନୀ)

ନିର୍ବାଚନ ପାଖେଇ ଆସୁଥିବାବେଳେ ରାଜନେତାଙ୍କ ଦଳଡିଆଁ ପର୍ବ ଜାରି ରହିଛି। ଏଥିରୁ ବାଦ୍ ପଡିନାହାନ୍ତି କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି। ଦୁଇଦିନ ତଳେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଥିଲେ। ହେଲେ କେଉଁ କାରଣ ପାଇଁ ଦଳ ଛାଡିଲେ ଇସ୍ତଫାପତ୍ରରେ ସେ ଉଲ୍ଲେଖ କରି ନ ଥିଲେ। ସୋମବାର ଦିଲ୍ଲୀସ୍ଥିତ ଭାଜପା କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ସେ ପଦ୍ମ ଧରିଛନ୍ତି। ଭାଜପା ଅନୁଭବଙ୍କୁ ବାରବାଟୀ-କଟକ ନଚେତ୍ ସାଲେପୁର ବିଧାନସଭା ଆସନ ପାଇଁ ଟିକେଟ ଦେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଏଭଳି ନେତା ଦଳ ଛାଡିବା ଓ ଦଳ ବିରୋଧରେ ମନ୍ତବ୍ୟ ଦେବା ନେଇ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ନିର୍ବାଚନ ଆସିଲେ ଦଳଡିଆଁ ପର୍ବ ଆରମ୍ଭ ହୁଏ। ୨୦୦୦ ମସିହାରୁ ଏହା ଦେଖିଆସିଛୁ। ପୂର୍ବରୁ ଯେଉଁମାନେ ଦଳ ଛାଡିଛନ୍ତି ସେମାନଙ୍କ ଅବସ୍ଥା ଏବେ ଯାହା ଅଛି, ଠିକ୍ ସେହିପରି ୨୦୨୪ ନିର୍ବାଚନ ସମୟରେ ଯେଉଁମାନେ ଦଳ ଛାଡିଛନ୍ତି ସେମାନଙ୍କ ଅବସ୍ଥା ସେଭଳି ରହିବ। ବିଜେଡିରୁ ଏଭଳି ନେତା ପଳେଇବା ଦଳ ପାଇଁ ଶୁଭ ହେବ ଏବଂ ଭଲ ଫଳ ମିଳିବ ବୋଲି ସାମନ୍ତରାୟ କହିଛନ୍ତି। ଏନେଇ ଅନୁଭବଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ, ପୂର୍ବରୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଅରିନ୍ଦମ ରାଏ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି।

# କେନ୍ଦ୍ରାପଡ଼ାରେ ଶିଳ୍ପ ସ୍ୱପ୍ନ ଦେଖାଇଲେ ବୈଜୟନ୍ତ

କେନ୍ଦ୍ରାପଡା, ୧।୪ (ଜଗନ୍ନାଥ ଧଳ)

କର୍ମନିଯୁକ୍ତି କେନ୍ଦ୍ରାପଡ଼ା ଜିଲା ପାଇଁ ଏକ ବଡ଼ ସମସ୍ୟା। ଏହାର ସମାଧାନ ପାଇଁ ଜିଲାରେ ଶିଳ୍ପ ଆବଶ୍ୟକ। ଲୋକ ସଭାରେ ଏ ନେଇ ନିଶ୍ଚିତ ଭାବେ ସ୍ୱର ଉଠାଯିବ ବୋଲି ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା କହିଛନ୍ତି। ଭାଜପା ପକ୍ଷରୁ ଲୋକ ସଭା ପାଇଁ ପ୍ରାର୍ଥୀ ହେବା ପରେ ସେ ସୋମବାର ସନ୍ଧ୍ୟାରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରି ସଂସଦୀୟ କ୍ଷେତ୍ରରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରାର୍ଥିତ୍ୱ ସମ୍ପର୍କରେ ସେ କହିଛନ୍ତି ଯେ ଏହି ନିର୍ବାଚନ କ୍ଷେତ୍ରରେ ଏମ୍‌ପି ଥିବା ବେଳେ ଜିଲାରେ ରେଳପଥ କାର୍ଯ୍ୟକାରୀ ପାଇଁ ଉଦ୍ୟମ କରିଥିଲେ। ଫଳସ୍ୱରୂପ ଏବେ ପଣ୍ୟ ପରିବହନ ସହ ଯାତ୍ରୀବାହୀ ରେଳ ଚଳାଚଳ କରୁଛି। ଗତ ୫ବର୍ଷ ଧରି ଏହି ଜିଲାର ଉନ୍ନୟନ କାର୍ଯ୍ୟ ଠପ ହୋଇପଡିଛି। ଏହି ସଂସଦୀୟ କ୍ଷେତ୍ର ସହ ଭାଜପା ୪୦୦ରୁ ଅଧିକ ସିଟ୍ ଜିଣିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲହରି ଏବେ ଚାଲିଛି। ଓଡ଼ିଶା ରାଜ୍ୟରେ ଭାଜପା ସରକାର ଗଠନ କରିବାକୁ ଯାଉଛି। ଏଠାରେ କର୍ମନିଯୁକ୍ତି ନାହିଁ। ଶିଳ୍ପ ଦ୍ୱାରା ଏହାର ସମାଧାନ ହୋଇପାରିବ। ସେହିପରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକ ଏଠାରେ କାର୍ଯ୍ୟକାରୀ ହେଲେ ରାଜ୍ୟବାସୀ ଉପକୃତ ହେବେ। ଆୟୁଷ୍ମାନ ଭାରତ ପରି ଯୋଜନାକୁ ଓଡ଼ିଶାରେ ଅଣଦେଖା କରାଯାଉଛି। ରାଜ୍ୟରେ ଭାଜପା ସରକାର ଆସିଲେ କେନ୍ଦ୍ରୀୟ ଯୋଜନା ଲାଗୁ ହେବ ବୋଲି ଏହି ଅବସରରେ ଗଣମାଧ୍ୟମକୁ ସେ ସୂଚନା ଦେଇଥିଲେ। ଅପରାହ୍ନ ୩ଟାରୁ ଅନେକ ହଜାର ସମର୍ଥକଙ୍କ ସହ ଡେରାବିଶ ବ୍ଲକ ଚାନ୍ଦୋଳ ବଜାରଠାରୁ ଦୁହୁରିଆ ପର୍ଯ୍ୟନ୍ତ ବାଇକ୍ ରାଲି ହୋଇଥିଲା। ଏହି ରାଲିରେ ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ସମେତ ଜିଲାର ସମସ୍ତ କର୍ମକର୍ତ୍ତା ଓ ବରିଷ୍ଠ ନେତା ସାମିଲ ହୋଇଥିଲେ।



ସମର୍ଥକଙ୍କ ସହ ଶ୍ରୀ ବଳଦେବ ଜୀଉଙ୍କୁ ଦର୍ଶନ କରିବାକୁ ଯାଉଛନ୍ତି ଭାଜପା କେନ୍ଦ୍ରାପଡ଼ା ଲୋକଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା।

# 'ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱାମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି'

ଭୁବନେଶ୍ୱର, ୧।୪(ସୁନିତ୍ ମିଶ୍ର)

ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସ୍ୱାମୀ ଦୁର୍ଗାପ୍ରସାଦ ଛୁରିଆଙ୍କୁ ବେଆଇନ ଭାବେ ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ପଦବୀରେ ନିଯୁକ୍ତି ଦିଆଯାଇଛି। ନିୟନ୍ତ୍ରିତ ବଜାର କମିଟି ରାଜ୍ୟ ସମବାୟ ସଂସ୍ଥାର ପରିଧି ଅନ୍ତର୍ଭୁକ୍ତ। ଏହି କମିଟିର ସମ୍ପାଦକ ପଦ ପାଇଁ ରାଜ୍ୟ ସମବାୟ ସଂସ୍ଥାର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥାଏ। ଯଦି କୌଣସି ବାହାର ସଂସ୍ଥାର କର୍ମଚାରୀ ଏହାର ଦାୟିତ୍ୱ ନିଅନ୍ତି, ତେବେ ସେ ସର୍ବାଧିକ ୬ ବର୍ଷ ପାଇଁ ପଦବୀରେ ରହିବାର ନିୟମ ଅଛି। କିନ୍ତୁ ବିଧାୟିକାଙ୍କ ଚାପ ଫଳରେ ତାଙ୍କ ସ୍ୱାମୀ ୯ ବର୍ଷ କାଳ ଏହି ପଦବୀ ମାଡ଼ି ବସିଛନ୍ତି। କେବଳ ସେତିକି ନୁହେଁ ପଦ୍ମପୁର ଓ ଅତାବିରା ଭଳି ୨ଟି ପଡ଼ୋଶୀ ନିୟନ୍ତ୍ରିତ ବଜାର କମିଟିର ମଧ୍ୟ ଦୁର୍ଗାପ୍ରସାଦ ନିର୍ଦ୍ଦେଶକ ଅଛନ୍ତି। ଏହାର ସୁଯୋଗ ନେଇ ସରକାରୀ ଦଳ ଉପରୋକ୍ତ କମିଟିଗୁଡ଼ିକର ଦୁରୁପଯୋଗ କରୁଥିବାରୁ ଦୁର୍ଗାପ୍ରସାଦଙ୍କୁ ଅବିଳମ୍ବେ ସମ୍ବଲପୁର ଓ ବରଗଡ଼ ଜିଲା ବାହାରକୁ ବଦଳି କରାଯାଉ। ଏଥିସହିତ ତାଙ୍କ ବିରୋଧରେ ମକଦ୍ଦମା ଦାୟର ପାଇଁ ଭାଜପା ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା

ବିଜେଡିର ନିର୍ବାଚନ ବିଜୟ ପାଇଁ ଶାସନ କଳ ଓ ପ୍ରଶାସନିକ ବ୍ୟବସ୍ଥାର ଦୁରୁପଯୋଗ ଏକମାତ୍ର ଆୟୁଧ ସାଜିଛି ବୋଲି ଭାଜପା ଅଭିଯୋଗ କରିଛି। ସାଧାରଣ ନିର୍ବାଚନ ପାଇଁ ୧୬ ମାର୍ଚ୍ଚରେ ବିଜ୍ଞାପନ ପ୍ରକାଶ ପାଇଲା। ନିୟମ ଅନୁଯାୟୀ ସେହିଦିନଠାରୁ ଆଦର୍ଶ ଆଚରଣବିଧି ଲାଗୁ ହେବା କଥା। କିନ୍ତୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ୨୭ ମାର୍ଚ୍ଚରେ ଗ୍ରାମପଞ୍ଚାୟତ ବିକାଶ ଯୋଜନାକୁ ନିଜ ସାଇଟ୍‌ରେ ଅପ୍‌ଲୋଡ କରିଛି। ଏହା ଫଳରେ ଶାସକ ଦଳ ଭୋଟରଙ୍କୁ ପ୍ରଲୋଭିତ କରି ବାରମ୍ବାର ଆଦର୍ଶ ଆଚରଣବିଧିର ଖୋଲା ଉଲ୍ଲଂଘନ କରୁଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ସୋମବାର ଦାବିପତ୍ର ପ୍ରଦାନ କରିଛି।

# ବିଭୂତିଙ୍କୁ ଟକ୍କର ଦେବା ପାଇଁ ଭାଜପାର ପ୍ରାର୍ଥୀଖୋଜା

## ଜଟଣୀ ବିଧାନସଭା ନିର୍ବାଚନମଣ୍ଡଳୀ

ଖୋର୍ଦ୍ଧା,୧।୪(ପ୍ରଭାତ ପାଣିଗ୍ରାହୀ)



ବିଭୂତି ବଳବନ୍ତରାୟ



ସୁଦୀପ୍ତ ରାୟ



ସନ୍ତୋଷ ଜେନା



ବିଶ୍ୱରଞ୍ଜନ ବଡ଼ଜେନା

ରାଜଧାନୀ ଉପକଣ୍ଠ ତଥା ଖୋର୍ଦ୍ଧା ଜିଲାର ଏକ ପ୍ରମୁଖ ବିଧାନସଭା ନିର୍ବାଚନମଣ୍ଡଳୀ ହେଉଛି ଜଟଣୀ। ବିଜେଡି ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀ ତାଲିକାରେ ଜଟଣୀ ଆସନ ପାଇଁ ପୂର୍ବତନ ବିଧାୟକ ତଥା ଜିଲା ସଭାପତି ବିଭୂତି ବଳବନ୍ତରାୟଙ୍କୁ ଏଠାରୁ ପ୍ରାର୍ଥୀ କରିଛି। ତାଙ୍କୁ ଟକ୍କର ଦେବା ପାଇଁ ଭାଜପା ଜଣେ ଟାଣୁଆ ଯୁବ ନେତୃତ୍ୱଙ୍କୁ ଖୋଜୁଥିବା ଚର୍ଚ୍ଚା ହେଉଛି। ୨୦୧୯ ନିର୍ବାଚନରେ କଂଗ୍ରେସର ସୁରେଶ ରାଉତରାୟଙ୍କଠାରୁ ପରାଜିତ ହୋଇଥିବା ସତ୍ତ୍ୱେ ବିଜେଡି ପୁଣି ବିଭୂତିଙ୍କ ଉପରେ ଭରସା କରିଛି। ଭାଜପା ଏବଂ କଂଗ୍ରେସ ଏଯାଏ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ତେବେ ଦୁଇ ଦଳରୁ ପ୍ରାର୍ଥିତ୍ୱକୁ ନେଇ ସସ୍‌ପେନ୍ସ ଲାଗି ରହିଥିବା ବେଳେ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିଶେଷକରି ଭାଜପାରେ ପ୍ରାର୍ଥୀମାନେ ସମର୍ଥକଙ୍କ ସହ ଲବି ଆରମ୍ଭ କରିଛନ୍ତି। ବିଭୂତିଙ୍କୁ ଟକ୍କର ଦେବା ଭଳି ଭାଜପା ପ୍ରାର୍ଥୀ ଖୋଜୁଥିବା ଜଣାପଡିଛି।

ଜଟଣୀ ବ୍ଲକର ୧୫ ଓ ଖୋର୍ଦ୍ଧାର ୭ ପଞ୍ଚାୟତ ଏବଂ ଭୁବନେଶ୍ୱର ବ୍ଲକର ୯ଟି ପଞ୍ଚାୟତ ଓ ଜଟଣୀ ପୌରାଞ୍ଚଳକୁ ନେଇ ଜଟଣୀ ବିଧାନସଭା କ୍ଷେତ୍ର ଗଠିତ। ୨୦୦୪, ୨୦୦୯ ଓ ୨୦୧୪ରେ ଏହି ଆସନ ବିଜେଡି ହାତରେ ରହିଥିବା ବେଳେ ୨୦୧୯ରେ କଂଗ୍ରେସରୁ ସୁରେଶ ରାଉତରାୟ ବିଧାୟକ ଅଛନ୍ତି। ସେପଟେ ସ୍ୱାଧୀନ ପ୍ରାର୍ଥୀଙ୍କ ସଂଖ୍ୟା ମଧ୍ୟ ଯଥେଷ୍ଟ ରହିଛି। ସୁରଙ୍କ ପୁତୁରା ସଂଗ୍ରାମ ରାଉତରାୟ କଂଗ୍ରେସରୁ ଆଶାୟୀ ରହିଛନ୍ତି। ସଦ୍ୟ ଘଟଣା ଦେଖିଲେ ସୁର ରାଉତରାୟଙ୍କ ବଡ଼ ପୁଅ ସିଦ୍ଧାର୍ଥ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକେଟରୁ ଲଢ଼ିବେ ବୋଲି ଆଲୋଚନା ହେଉଛି। ହେଲେ ଜଟଣୀର ସ୍ୱାଭିମାନକୁ ଦୃଷ୍ଟିରେ ରଖି ସେ ଏଠାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଘୋଷଣା କରି ରାଜନୀତିରେ ନୂଆମୋଡ଼ ଆଣିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରୁ ତାଙ୍କ ସାନ ଭାଇ ମନ୍ମଥନାଥ ରାଉତରାୟଙ୍କୁ ବିଜେଡି ପ୍ରାର୍ଥୀ କରିଛି।

ତେବେ ଗତ ବିଧାନସଭା ନିର୍ବାଚନରେ ଏଠାରୁ ଭାଜପାରୁ ପ୍ରାର୍ଥୀ ହୋଥିବା ବିଶ୍ୱରଞ୍ଜନ ବଡ଼ଜେନା ପୁଣି ଥରେ ଟିକେଟ ପାଇବା ଲାଗି ଆଶାବାଦୀ ଅଛନ୍ତି। ସେହିପରି ବରିଷ୍ଠ ଭାଜପା ନେତା ତଥା ତୈଳ ନିଗମର ଅବୈତନିକ ନିର୍ଦ୍ଦେଶକ ସୁଦୀପ୍ତ ରାୟ ଦଳ ଟିକଟ ଦେଲେ ଲଢ଼ିବେ ବୋଲି କହିଛନ୍ତି। ଏବେ ଭାଜପାରେ ଯୋଗ ଦେଇଥିବା ସାମାଜିକ କର୍ମୀ ସନ୍ତୋଷ ଜେନା ମଧ୍ୟ ଆଶାୟୀ ରହିଛନ୍ତି। ଭାଜପା କାହାକୁ ପ୍ରାର୍ଥୀ କରିବ ସ୍ପଷ୍ଟ କରି ନ ଥିବା ବେଳେ ଆଶାୟୀ ପ୍ରାର୍ଥୀ ଭୋଟରଙ୍କ ନିକଟରେ ପହଞ୍ଚିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଥିବା ଦେଖିବାକୁ ମିଳିଛି।

ଚଳିତବର୍ଷ ଜଟଣୀ ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରସଙ୍ଗ ପ୍ରାର୍ଥୀଙ୍କୁ ଅଡୁଆ କରିପାରେ। ରାଜଧାନୀଠାରୁ ଅନତି ଦୂରରେ ଅବସ୍ଥିତି ସତ୍ତ୍ୱେ ଜଟଣୀର ବିକାଶ ଦୀପ ତଳ ଅନ୍ଧାର ସଦୃଶ। ଶ୍ରୀଜଗନ୍ନାଥ ଜମି ସ୍ୱତ୍ୱଲିପି ପରିବର୍ତ୍ତନ ଲାଗି ଦୀର୍ଘ ବର୍ଷ ଧରି ଲୋକଙ୍କ ଦାବି ରହିଛି। ମେଡିକାଲ ସମସ୍ୟା, ଓଭରବ୍ରିଜ ନିର୍ମାଣ ପାଇଁ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ଥଇଥାନ, ଉଚ୍ଛେଦ ବସ୍ତିବାସିନ୍ଦାଙ୍କୁ ଥଇଥାନ ହେଉ କିମ୍ବା ବେକାରି ସମସ୍ୟା, ଇନ୍ଦିରାଆବାସ ଭଳି ଅନେକ ପ୍ରସଙ୍ଗ ରହିଛି। ମେଡିକାଲରେ ଡାକ୍ତର ଓ କର୍ମଚାରୀ ପଦବୀ ଖାଲିପଡ଼ିଥିବା ବେଳେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଅଭିଯୋଗ ହେଉଛି। କୌଣସି ଶିଳ୍ପାଞ୍ଚଳ ନ ଥିବାରୁ ଏଠାକାର ଯୁବକ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଦୀର୍ଘ ଦଶନ୍ଧି ଧରି ଜଟଣୀ ସହର ଅବହେଳିତ ଅବସ୍ଥାରେ ରହିଥିବା ବେଳେ ବିକାଶ ଏକପ୍ରକାର ସ୍ଥାଣୁ ପାଲଟିଛି ବୋଲି ଜନତା ଅଭିଯୋଗ କରିଆସୁଛନ୍ତି। ପୁଣି ଜଟଣୀର ଦୁଃଖ ହେଉଛି ଏଠାରୁ ବିଜୟ ଲାଭ କରିଥିବା ବିଧାୟକ ରାଜଧାନୀର ବାସିନ୍ଦା। କୌଣସି କାମ ପଡିଲେ, ଲୋକେ ଭୁବନେଶ୍ୱର ଦୌଡିବାକୁ ବାଧ୍ୟ ହେଉଛନ୍ତି। ଚଳିତ ନିର୍ବାଚନରେ ଏହାର ପ୍ରତିଫଳନ ହେବା ଚର୍ଚ୍ଚା ହେଉଛି।

# ରେକର୍ଡ ପରିମାଣର ଜିଏସ୍‌ଟି ସଂଗ୍ରହ

- ବାର୍ଷିକ ଭିତ୍ତିରେ ୧୧.୫% ବୃଦ୍ଧି
- ମାର୍ଚ୍ଚରେ ୧,୭୮,୪୮୪ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ
- ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୨୦.୧୮ଲକ୍ଷ କୋଟିର ଜିଏସ୍‌ଟି ଆଦାୟ




ନୂଆଦିଲ୍ଲୀ,୧।୪ (ଅଭୟ ଦାଶ)

ଚଳିତ ଆର୍ଥିକ ବର୍ଷର ଶେଷ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ,୨୦୨୩-୨୪ଆର୍ଥିକ ବର୍ଷର ମାର୍ଚ୍ଚ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୭୮,୪୮୪ଲକ୍ଷ କୋଟି ଟଙ୍କାରୁ ଅଧିକ ପରିମାଣର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ଏହା ୧୧.୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ମାର୍ଚ୍ଚ ମାସରେ ସଂଗୃହୀତ ଟିକସ ପରିମାଣ ୧,୬୦,୧୨୨ ଲକ୍ଷ କୋଟିଠାରୁ ୨୦୨୩-୨୪ ଆର୍ଥିକ ବର୍ଷର ମାର୍ଚ୍ଚ ମାସରେ ୧୧.୫% ( ୧,୭୮,୪୮୪ ଲକ୍ଷ କୋଟି) ଅଧିକ ଟିକସ ସଂଗୃହୀତ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଅପରପକ୍ଷରେ ୨୦୨୩-୨୪ ଆର୍ଥିକ ବର୍ଷ (ଏପ୍ରିଲରୁ ମାର୍ଚ୍ଚ)ରେ ମୋଟ ୨୦.୧୮ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଥିଲାବେଳେ ୨୦୨୨-୨୩ ଆର୍ଥିକ ବର୍ଷ (ଏପ୍ରିଲରୁ ମାର୍ଚ୍ଚ)ରେ ମୋଟ ୧୮.୦୧ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗୃହୀତ ହୋଇଥିଲା। ଏପରିକି ବାର୍ଷିକ ଭିତ୍ତିରେ ଚଳିତ ଆର୍ଥିକବର୍ଷର ମୋଟ ଟିକସ ସଂଗ୍ରହ ୧୧.୭% ବୃଦ୍ଧି ହୋଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ମାର୍ଚ୍ଚମାସରେ ମୋଟ ୧,୭୮,୪୮୪ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୪,୫୩୨ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍‌ଟି) ବାବଦକୁ ୪୩,୭୪୬ କୋଟି ଆଦାୟ ହୋଇଛି। ସେହିଭଳି ଆଇଜିଏସ୍‌ଟି ବାବଦକୁ ମୋଟ ୮୭,୯୪୭ କୋଟି ଟଙ୍କା (ସାମଗ୍ରୀ ଆମଦାନୀରେ ୪୦,୩୨୨ କୋଟି ଟଙ୍କା ସାମିଲ) ଏବଂ ସେସ୍ ବାବଦରେ ୧୨,୨୫୯ କୋଟି ଟଙ୍କା (ସାମଗ୍ରୀ ଆମଦାନୀରେ ୯୯୬କୋଟି ଟଙ୍କା ସାମିଲ) ଟିକସ ଆକାରରେ ସଂଗ୍ରହ କରାଯାଇଛି। ସେହିଭଳି କ୍ରମାଗତ ୨୫ମାସ ପାଇଁ ଦେଶର ଜିଏସ୍‌ଟି ସଂଗ୍ରହ ୧.୪ ଲକ୍ଷ କୋଟିରୁ ଅଧିକ ରହିଥିବାବେଳେ ଷୋଡ଼ଷ ଥର ପାଇଁ ୧.୫ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୧୦ମ ଥର ଲାଗି ଜିଏସ୍‌ଟି ସଂଗ୍ରହ ୧.୬ ଲକ୍ଷ କୋଟିରୁ ଅଧିକ ରହିଥିବାବେଳେ ୫ମ ଥର ଲାଗି ୧.୭ ଲକ୍ଷ କୋଟିରୁ ଅଧିକ ଏବଂ ଚଳିତ ଆର୍ଥିକ ବର୍ଷରେ ୩ୟ ଥର ଲାଗି ୧.୭ଲକ୍ଷ କୋଟିରୁ ଅଧିକ ଟିକସ ରାଜସ୍ୱ ଆକାରରେ ଆଦାୟ କରାଯାଇଥିବା ମନ୍ତ୍ରଣାଳୟ ୱେବସାଇଟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୧।୪

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୬୩ (୩୬୩.୨୦) ପଏଣ୍ଟ ବଢ଼ି ୭୪,୦୧୫(୭୪,୦୧୪.୫୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୩୫(୧୩୫.୧୦) ପଏଣ୍ଟ ବୃଦ୍ଧି ଘଟି ୨୨,୪୬୨(୨୨,୪୬୨.୦୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟିମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ବିଏମ୍‌ସିର ସମ୍ପ୍ରସାରଣ ୟୁନିଟ୍ ଉଦ୍‌ଘାଟିତ



ଭୁବନେଶ୍ୱର,୧।୪

ଦେଶର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ବେଦାନ୍ତ ମେଡିକାଲ ରିସର୍ଚ୍ଚ ଫାଉଣ୍ଡେଶନର ପ୍ରମୁଖ ହସ୍ପିଟାଲ 'ବାଲ୍‌କୋ ମେଡିକାଲ ସେଣ୍ଟର'ବା ବିଏମ୍‌ସି ନ୍ୟୁ ରାୟପୁର ଛତିଶଗଡ଼ର ୬ଷ୍ଠ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଏମ୍‌ସିର ସମ୍ପ୍ରସାରଣ ୟୁନିଟ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବେଦାନ୍ତ ମେଡିକାଲ ରିସର୍ଚ୍ଚ ଫାଉଣ୍ଡେଶନର ଅଧ୍ୟକ୍ଷା ଜ୍ୟୋତି ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ବେଦାନ୍ତ ମେଡିକାଲ ରିସର୍ଚ୍ଚ ଫାଉଣ୍ଡେଶନର ସଦସ୍ୟ ଏବଂ ବିଏମ୍‌ସିର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ,୧୭୦ ଶଯ୍ୟା ବିଶିଷ୍ଟ ବିଏମ୍‌ସିର ଅନ୍‌କୋଲୋଜି ବିଭାଗରେ ନୂତନ ସୁବିଧା କେନ୍ଦ୍ର ସାଙ୍ଗକୁ ବୋନ୍ ମ୍ୟାରୋ ପ୍ରତିରୋପଣ ବିଭାଗର ଶଯ୍ୟା ସଂଖ୍ୟା ୨ରୁ ୫କୁ ବୃଦ୍ଧି କରାଯାଇଛି।

# ଏନ୍‌ଏମ୍‌ଏସିସିର ପ୍ରଥମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧।୪

ଦେଶର ସର୍ବବୃହତ ଘରୋଇ ମଞ୍ଚ 'ନୀତା ମୁକେଶ ଅମ୍ବାନୀ କଲଚରାଲ ସେଣ୍ଟର' ବା ଏନ୍‌ଏମ୍‌ଏସିସିର ପ୍ରଥମ ବାର୍ଷିକୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏପରିକି ବର୍ଷକ ମଧ୍ୟରେ ଏନ୍‌ଏମ୍‌ଏସିସି ଅନେକ ରେକର୍ଡ ସ୍ଥାପନ କରିଛି। ବିଶେଷ କରି ଗତ ୩୬୬ ଦିନ ମଧ୍ୟରେ ୬୭୦ ଜଣ କଳାକାର ଏବଂ ୭୦୦ରୁ ଅଧିକ କାର୍ଯ୍ୟକ୍ରମ ଏନ୍‌ଏମ୍‌ଏସିସିରେ ପରିବେଷଣ ହୋଇଛି, ଉକ୍ତ ଶୋ'ଗୁଡ଼ିକୁ ଦର୍ଶକମାନେ ମଧ୍ୟ ବହୁତ ଭଲ ପାଇବା ଦେଇଛନ୍ତି। ଏହି ଶୋ'ଗୁଡ଼ିକୁ ଦେଖିବା ପାଇଁ ୧୦ଲକ୍ଷରୁ ଅଧିକ ଦର୍ଶକ ଏନ୍‌ଏମ୍‌ଏସିସିରେ ପହଞ୍ଚିଥିଲେ। ଏହି ଧାରାରେ 'ସଭ୍ୟତାରୁ ରାଷ୍ଟ୍ର'ଭଳି ଭାରତୀୟ ନାଟକଠାରୁ ଆରମ୍ଭକରି 'ଦ ସାଉଣ୍ଡ ଅଫ୍ ମ୍ୟୁଜିକ୍' ଭଳି ଆଇକନିକ୍ ବ୍ରଡୱେ ମ୍ୟୁଜିକାଲ୍ କାର୍ଯ୍ୟକ୍ରମ ଆଦି ସାମିଲ ରହିଛି। ଅପରପକ୍ଷରେ ପ୍ରଥମ ବାର୍ଷିକୀକୁ ସ୍ମରଣୀୟ କରିବା ପାଇଁ ଏନ୍‌ଏମ୍‌ଏସିସିରେ ଲଗାତର ୪ଦିନ ଧରି ସ୍ୱତନ୍ତ୍ର ଶୋ'ର ଆୟୋଜନ କରାଯାଇଛି। ପ୍ରଥମ ଦିନରେ ଅମିତ ତ୍ରିବେଦୀ 'ଭାରତର ଲୋକଯାତ୍ରା' ଶୀର୍ଷକରେ ଚମତ୍କାର ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ସହ ମଞ୍ଚରେ ସାରା ଭାରତର କଣ୍ଠଶିଳ୍ପୀ ଓ ସଙ୍ଗୀତକାରମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଏନ୍‌ଏମ୍‌ଏସିସିର ଅଧ୍ୟକ୍ଷା ନୀତା ଅମ୍ବାନୀ କହିଛନ୍ତି, ଗତ ଏକ ବର୍ଷ ମଧ୍ୟରେ ଏନ୍‌ଏମ୍‌ଏସିସି ବିଭିନ୍ନ କଳା ପରମ୍ପରାର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଛି। ଏପରିକି ଆମେ ଯୁବ ଉଦୀୟମାନ କଳାକାରମାନଙ୍କୁ ମଧ୍ୟ ସମର୍ଥନ କରୁଛୁ। ସେହିଭଳି ଭାରତ ତଥା ବିଶ୍ୱର ଶ୍ରେଷ୍ଠ ଶାସ୍ତ୍ରୀୟ ଓ ଲୋକସଙ୍ଗୀତଠାରୁ ଆରମ୍ଭକରି ସ୍ମରଣୀୟ ନାଟକ ଓ ନୃତ୍ୟ ପରିବେଷଣ କରାଯାଇଛି। ଏହା ଆମ ପାଇଁ ଖୁସିର ବିଷୟ ଯେ ଏନ୍‌ଏମ୍‌ଏସିସି କଳା, କଳାକାର ଏବଂ ଦର୍ଶକଙ୍କ ପାଇଁ ଏକ ଅସାଧାରଣ ସ୍ଥାନ ଭାବେ ଉଭା ହୋଇଛି। ବିଶେଷ କରି ମୁକେଶ ଏବଂ ମୁଁ ଏକାଠି ଏକ ସ୍ୱପ୍ନ ଦେଖିଥିଲୁ ଯେ ଆମେ ଏକ କେନ୍ଦ୍ର ସୃଷ୍ଟି କରିବା ଉଚିତ, ଯାହା କଳା,ସଂସ୍କୃତି ଏବଂ ଜ୍ଞାନର ତ୍ରିମୂର୍ତ୍ତି ସଙ୍ଗମ ହେବ, ଯେଉଁଠି ସଙ୍ଗୀତ ଏକ ନୂତନ ସ୍ୱର ପାଇଥାଏ, ନୃତ୍ୟ ଏକ ନୂତନ ତାଳ ପାଇଥାଏ, କଳା ଏକ ନୂତନ ଘର ପାଇଥାଏ ଏବଂ କଳାକାରମାନେ ଏକ ନୂତନ ଆକାଶ ପାଇଥାନ୍ତି। ଆଜି ଅତ୍ୟନ୍ତ ନମ୍ରତା ଏବଂ ଆତ୍ମବିଶ୍ୱାସର ସହ ମୁଁ କହିପାରିବି ଯେ ସେହି ସ୍ୱପ୍ନ ବର୍ତ୍ତମାନ ବାସ୍ତବରେ ପରିଣତ ହୋଇଛି।

# ପଦ୍ମଶ୍ରୀ ପ୍ରମୋଦଙ୍କୁ ଉତ୍କଳ ପ୍ରତିଭା ସମ୍ମାନ

ଭୁବନେଶ୍ୱର,୧।୪




ଓଡ଼ିଶା ତଥା ଭାରତର ଜଣାଶୁଣା ପାରା-ବ୍ୟାଡ୍‌ମିଣ୍ଟନ କ୍ରୀଡାବିତ୍ ତଥା ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କୁ ଉତ୍କଳ ପ୍ରତିଭା ପ୍ରତିଷ୍ଠାନ (ଓଡିଏମ୍ ସମୂହର ଅନ୍ୟତମ ଅନୁଷ୍ଠାନ) ପକ୍ଷରୁ 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୪'ପ୍ରଦାନ କରାଯାଇଛି। ଏପରିକି ପବିତ୍ର ଓଡ଼ିଶା ଦିବସ ଅବସରରେ ଭୁବନେଶ୍ୱରର ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ କଳା, ସାହିତ୍ୟ, ଭାଷା, ବିଜ୍ଞାନ, ନୃତ୍ୟ ଓ ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ଚିହ୍ନଟ ସହ ଏକ ନିଆରା କାର୍ଯ୍ୟକ୍ରମ ମାଧ୍ୟମରେ 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୪'ରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଏ.ସୂର୍ଯ୍ୟନାରାୟଣ ନାଇଡୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ବର୍ଦ୍ଧିତ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଅରୁଣ କୁମାର ପରିଚ୍ଛା, ଓଟିଭିର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା ଜାଗି ମଙ୍ଗତ୍ ପଣ୍ଡା, ସମ୍ ହସ୍‌ପିଟାଲ୍‌ର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର, ଭୁବନେଶ୍ୱର କେୟାର ହସ୍‌ପିଟାଲ୍‌ର ନିର୍ଦ୍ଦେଶକ ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ, ପାରା-ବ୍ୟାଡ୍‌ମିଣ୍ଟନ କ୍ରୀଡାବିତ୍ ପଦ୍ମଶ୍ରୀ ପ୍ରମୋଦ ଭଗତ୍, କିଟ୍ ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜି (ଗବେଷଣା ଏବଂ ପ୍ରଗତି)ର ସାଧାରଣ ନିର୍ଦ୍ଦେଶକ ପ୍ରଫେସର ଡ. ମୃତ୍ୟୁଞ୍ଜୟ ସୁଆର, ସମ୍ ଅଲ୍‌ଟିମେଟ୍ ମେଡିକେୟାରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଶ୍ୱେତପଦ୍ମା ଦାଶ, ଶିକ୍ଷା ଓ ସଙ୍ଗୀତ ଜଗତର ପ୍ରଫେସର ଡ. ରଜନୀ ରଞ୍ଜନ ଦାସ, କେନାଲ୍ ମ୍ୟାନ-ପଦ୍ମଶ୍ରୀ ଦୈତାରୀ ନାୟକ, ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍‌ରେ କର୍ପୋରେଟ୍ ଆଫେୟାର୍ସ, ସାଧାରଣ ପରିଚାଳକ ପୁଲିନ୍ କୁମାର ସାହୁ ଓ ବାଲୁକାଶିଳ୍ପୀ ମାନସ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ନାଇଡୁ 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୪'ରେ ପ୍ରମୋଦ ଭଗତଙ୍କ ସମେତ ସମସ୍ତ ୧୨ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏପରିକି ବିଦ୍ୟାଳୟର ବିତ୍ତ ଏବଂ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ ସତ୍ୟେନ୍ଦୁ ମୁଖ୍ୟ ଅତିଥିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ବିଶେଷ କରି ଉତ୍କଳ ପ୍ରତିଭା ମାଧ୍ୟମରେ କିଭଳି ପ୍ରତିଭାଙ୍କୁ ଚିହ୍ନଟ କରିବା,ଉତ୍କଳ ପ୍ରତିଭା ଷ୍ଟୁଡିଓ ମାଧ୍ୟମରେ ସେମାନଙ୍କ ପ୍ରତିଭାକୁ ଲୋକଙ୍କ ପାଖରେ ପହଞ୍ଚାଇବା, ସାକ୍ଷାତକାର ମାଧ୍ୟମରେ ବର୍ଷ ଶେଷରେ ସେମାନଙ୍କ ପ୍ରତିଭାକୁ ସମ୍ମାନିତ କରିବା ଏହା ହିଁ ହେଉଛି ଉତ୍କଳ ପ୍ରତିଭା ପ୍ରତିଷ୍ଠାନର ପ୍ରୟାସ।

# ଆର୍‌ବିଆଇ ବିଶ୍ୱରେ ନେତୃତ୍ୱପୂର୍ଣ୍ଣ ଭୂମିକା ନେବ

ଭୁବନେଶ୍ୱର,୧।୪(ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଇତିମଧ୍ୟରେ ୯୦ ବର୍ଷରେ ପହଞ୍ଚିଛି। ଏନେଇ ମୁମ୍ବାଇସ୍ଥିତ ଆର୍‌ବିଆଇ ମୁଖ୍ୟାଳୟରେ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ଆୟୋଜିତ 'ଆର୍‌ବିଆଇ@୯୦'ର ଉଦ୍‌ଘାଟନୀ ସମାରୋହକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବୋଧିତ କରି କହିଛନ୍ତି, ଆଜି ପ୍ରସ୍ତୁତ କରାଯାଇଥିବା ନୀତିଗୁଡ଼ିକ ଆର୍‌ବିଆଇର ପରବର୍ତ୍ତୀ ଦଶନ୍ଧିକୁ ରୂପ ଦେବ। ଦେଶର ଜିଡିପି ଏବଂ ଅର୍ଥନୀତିରେ ମୁଦ୍ରା ଏବଂ ବିତ୍ତୀୟ ନୀତିର ସମନ୍ୱୟ ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ୨୦୧୪ରେ ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସମ୍ମୁଖୀନ ହୋଇଥିବା ଏନ୍‌ପିଏ ଏବଂ ସ୍ଥିରତା ଭଳି ଆହ୍ୱାନ ଏବଂ ସମସ୍ୟାକୁ ମନେ ପକାଇଥିଲେ। ତାଙ୍କ ସୂଚନାନୁସାରେ, ପ୍ରଶାସନିକ ସମ୍ବନ୍ଧୀୟ ଅନେକ ସଂସ୍କାର ସହିତ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ସାହାଯ୍ୟ କରିବା ପାଇଁ ୩.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯାଇଥିଲା। କେବଳ ଦେବାଳିଆ ଓ ଦେବାଳିଆପଣ ସଂହିତା ଦ୍ୱାରା ୩.୨୫ ଲକ୍ଷ ଟଙ୍କା ଋଣର ସମାଧାନ କରାଯାଇଛି। ଆଇବିସି ଅଧୀନକୁ ଯିବା ପୂର୍ବରୁ ୯ ଲକ୍ଷ କୋଟି ଟଙ୍କାରୁ ଅଧିକ ଡିଫଲ୍ଟ ଥିବା ୨୭,୦୦୦ରୁ ଅଧିକ ଆବେଦନର ସମାଧାନ କରାଯାଇଥିଲା। ୨୦୧୮ରେ ବ୍ୟାଙ୍କଗୁଡ଼ିକର ମୋଟ ଏନ୍‌ପିଏ ୧୧.୨୫% ଥିବା ବେଳେ ୨୦୨୩ ସେପ୍ଟେମ୍ବର ସୁଦ୍ଧା ଏହା ୩ ପ୍ରତିଶତ ତଳକୁ ଖସିଛି। ଦେଶର ୫୨ କୋଟି ଜନଧନ ଆକାଉଣ୍ଟ ମଧ୍ୟରୁ ୫୫% ଆକାଉଣ୍ଟ ମହିଳାଙ୍କ ନାମରେ ରହିଛି। ୭ କୋଟିରୁ ଅଧିକ କୃଷକ, ମତ୍ସ୍ୟଜୀବୀ ଏବଂ ଗୋରୁ ମାଲିକମାନେ ପିଏମ୍ କିଷାନ କ୍ରେଡିଟ କାର୍ଡ ପାଇଛନ୍ତି। ୟୁପିଆଇ ମାଧ୍ୟମରେ ୧୨୦୦ କୋଟିରୁ ଅଧିକ ମାସିକ କାରବାର ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ପ୍ଲାଟଫର୍ମରେ ପରିଣତ କରିଛି। ଗତ ୧୦ ବର୍ଷର ପରିବର୍ତ୍ତନ ଏକ ନୂତନ ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ଅର୍ଥନୀତି ଏବଂ ମୁଦ୍ରା ଅଭିଜ୍ଞତା ସୃଷ୍ଟି କରିବାରେ ସକ୍ଷମ କରିଛି। ଆର୍‌ବିଆଇ ବିଶ୍ୱରେ ଏକ ନେତୃତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ, ଯାହା ସମଗ୍ର ଗ୍ଲୋବାଲ ସାଉଥ ବା ଦକ୍ଷିଣ ବିଶ୍ୱ କ୍ଷେତ୍ରକୁ ସମର୍ଥନ କରିବ। କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ରାଜ୍ୟପାଳ ରମେଶ ବୈସ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ ଓ ଅଜିତ ପାୱାର, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଭାଗବତ କିଶନରାଓ କରାଡ ଓ ପଙ୍କଜ ଚୌଧୁରୀ, ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବିଲେଇ ଅଣପୁରୁଷା ଦେଖି
ମୂଷା କରମ କରୁଛି ବସି ।**

ମୂଷା ମାରିବାରେ ବିଲେଇର ଅକ୍ଷମତା ପ୍ରକାଶ ପାଇଲେ ଏହା ପରୋକ୍ଷରେ ମୂଷା ପାଇଁ ମଙ୍ଗଳକର ହୋଇଥାଏ। ଠିକ୍ ସେହିପରି ଭାବେ ଉପରିସ୍ଥ ଅଧିକାରୀ ଅଯୋଗ୍ୟ ହୋଇଥିଲେ ଅଧସ୍ତନ କର୍ମଚାରୀ ଏହାର ପୂରା ଫାଇଦା ଉଠାଉଥିବାର ଦେଖିବାକୁ ମିଳୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଆକୁ ବତା
ଯୁଆଡ଼େ ପବନ ସିଆଡ଼େ ଛତା ।**

ସୁବିଧାବାଦୀ ବ୍ୟକ୍ତି ଭଲ ଖରାପର ବିଚାର ନ ରଖି ନିଜ ସ୍ୱାର୍ଥ ହାସଲ କରିବା ଦିଗ ପ୍ରତି ସଦାସର୍ବଦା ଚେଷ୍ଟିତ ହେଉଥିବାର ଦେଖିବାକୁ ମିଳିଥାଏ। ଏହିଧରଣର ବ୍ୟକ୍ତି ସାଧାରଣତଃ ଧୂର୍ତ୍ତ ପ୍ରକୃତିର ହୋଇଥିବାବେଳେ ସେମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।


ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପିଆଇବିର ପ୍ରମୁଖ ମହାନିର୍ଦ୍ଦେଶକ ଦାୟିତ୍ୱ ନେଲେ ଶେଫାଳି ଶରଣ

ଭୁବନେଶ୍ୱର, ୧।୪
(ଅସମାପିକା ସାହୁ)



ଶେଫାଳି ଶରଣ

ମନୀଷ ଦେଶାଇଙ୍କ ଅବସର ପରେ ଶେଫାଳି ବି ଶରଣ ସୋମବାର ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶରଣ ୧୯୯୦ ବ୍ୟାଚ୍‌ର ଭାରତୀୟ ସୂଚନା ସେବା ଅଧିକାରୀ। ତିନି ଦଶନ୍ଧିରୁ ଅଧିକ ସମୟ ଧରି ସେ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଭଳି ବିଭିନ୍ନ ମନ୍ତ୍ରଣାଳୟ ପାଇଁ ପତ୍ର ସୂଚନା କାର୍ଯ୍ୟାଳୟ ଅଧିକାରୀ ଭାବରେ ମୁଖ୍ୟତଃ ଗଣମାଧ୍ୟମ ପ୍ରଚାର ଦାୟିତ୍ୱ ତୁଲାଇଛନ୍ତି। ସେ ଭାରତୀୟ ନିର୍ବାଚନ ଆୟୋଗଙ୍କ ମୁଖପାତ୍ର ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏହା ବ୍ୟତୀତ ସେ କେନ୍ଦ୍ରୀୟ କର୍ମଚାରୀ ନିଯୁକ୍ତି ଯୋଜନା ଡେପୁଟେଶନରେ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ(ପାରମ୍ପରିକ ଚିକିତ୍ସା ପଦ୍ଧତି/ଆୟୁଷ ବିଭାଗ) ଏବଂ ୨୦୧୩ରୁ ୨୦୧୭ ପର୍ଯ୍ୟନ୍ତ ଅର୍ଥ ମନ୍ତ୍ରଣାଳୟ(ଆର୍ଥିକ ବ୍ୟାପାର ବିଭାଗ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ସେହିପରି ସେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସୂଚନା ନୀତି ବିଭାଗରେ ଓଏସ୍‌ଡି କ୍ୟାଡର ପଦବୀରେ କାର୍ଯ୍ୟ କରିବା ସହିତ ୨୦୦୭-୨୦୦୮ ପର୍ଯ୍ୟନ୍ତ ଏଲ୍‌ଏସ୍‌ଟିଭି, ଲୋକସଭା ସଚିବାଳୟର ପ୍ରଶାସନିକ ଓ ଅର୍ଥ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ତେବେ ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ ଶରଣଙ୍କୁ ପତ୍ର ସୂଚନା କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ।

# କମିଲା ଗ୍ୟାସ୍, ଇନ୍ଧନ ମୂଲ୍ୟ

ନୂଆଦିଲ୍ଲୀ,୧।୪

ଚଳିତ ଆର୍ଥିକ ବର୍ଷର ପ୍ରଥମ ଦିନରେ କମର୍ସିଆଲ ଗ୍ୟାସ୍ (୧୯ କି.ଗ୍ରା.), ବିମାନ ଇନ୍ଧନ ଦର ହ୍ରାସ ପାଇଛି। ବିଶେଷ କରି ଦେଶର ପ୍ରମୁଖ ତୈଳ ବିପଣନକାରୀ କମ୍ପାନୀଗୁଡ଼ିକଙ୍କ ପକ୍ଷରୁ ସୋମବାର ନୂଆ ଦର ସୂଚୀ ଲାଗୁ କରାଯାଇଛି। ଉଲ୍ଲେଖଯୋଗ୍ୟ, ଘରୋଇ ବଜାରରେ କମର୍ସିଆଲ ଗ୍ୟାସ ଦର ୩୦.୫୦ଟଙ୍କାରୁ ୩୨ ଟଙ୍କା ମଧ୍ୟରେ ହ୍ରାସ ହୋଇଥିବାବେଳେ ବିମାନ ଇନ୍ଧନ ୦.୪୯% ଏବଂ ୫ ଲିଟର ଏଫ୍‌ଟିଏଲ୍ ଗ୍ୟାସ୍ ସିଲିଣ୍ଡର ଦର ମଧ୍ୟ ୭.୫ ଟଙ୍କା କମିଛି। ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ (୧୯କି.ଗ୍ରା.) ଦର ୧୭୬୪.୫୦ ଟଙ୍କାରେ ବିକ୍ରି ହେଉଥିଲାବେଳେ ଘରୋଇ ଗ୍ୟାସ (୧୪.୨ କିଗ୍ରା) ୮୦୩ ଟଙ୍କାରେ ରହିଛି। ସେହିପରି କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ସହରରେ କମର୍ସିଆଲ ଗ୍ୟାସ ଦର ଯଥାକ୍ରମେ ୧୮୭୯ ଟଙ୍କା, ୧୭୧୭.୫୦ ଟଙ୍କା ଏବଂ ୧୯୩୦ ଟଙ୍କାରେ କାରବାର ହେଉଥିବାବେଳେ ଉପରୋକ୍ତ ସହରରେ ଘରୋଇ ଗ୍ୟାସ ଦର ଯଥାକ୍ରମେ ୮୨୯ ଟଙ୍କା, ୮୦୨.୫୦ ଟଙ୍କା ଏବଂ ୮୧୮.୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ବିମାନ ଇନ୍ଧନ ଦର କିଲୋ ଲିଟର ପିଛା ୦.୪୯% ବା ୫୦୨.୯୧ କମି ୧୦୦, ୮୯୩, ୬୩ ଟଙ୍କାରେ ବିକ୍ରି ହେଉଛି। ଅପରପକ୍ଷରେ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ ଦର ୩୨ ଟଙ୍କା କମି ୧୯୧୬ ଟଙ୍କାରେ କାରବାର ହେଉଥିଲାବେଳେ ଘରୋଇ ଗ୍ୟାସ ଦର ୮୨୯ ଟଙ୍କା ରହିଛି।

# ବହୁ ସଂଘର୍ଷ କରିଛନ୍ତି ଭାରତୀ



**ମୁମ୍ବାଇ:** ଭାରତରେ ହାସ୍ୟ ଅଭିନୟ କ୍ଷେତ୍ରରେ ସଫଳତା ହାସଲ କରିଥିବା କେଇଜଣ ମହିଳାଙ୍କ ମଧ୍ୟରୁ ଭାରତୀ ସିଂ ଅନ୍ୟତମ। ଅତୀତରେ ସେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ବୋଲି ଭାରତୀ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଭାରତୀଙ୍କୁ ମାତ୍ର ୨ ବର୍ଷ ହୋଇଥିବାବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା। ସେଥିପାଇଁ ତାଙ୍କ ଭଉଣୀ ଓ ଭାଇମାନଙ୍କୁ ଖୁବ୍ କମ୍ ବୟସରୁ କାରଖାନାରେ କାମ କରିବାକୁ ପଡ଼ିଥିବା ଭାରତୀ କହିଛନ୍ତି। ପିଲାଦିନେ ତାଙ୍କ ମା' ଅନ୍ୟ ଲୋକଙ୍କ ଘରକୁ ଯାଇ କାମ କରି ପରିବାର ପୋଷୁଥିଲେ। ତାଙ୍କ ମା' ଯେଉଁମାନଙ୍କ ଘରେ କାମ କରୁଥିଲେ, ସେମାନେ ତାଙ୍କୁ ବଳିଯାଉଥିବା ଖାଦ୍ୟ ଖାଇବାକୁ ଦେଉଥିଲେ। ସେ ଓ ତାଙ୍କ ଭଉଣୀ ଏବଂ ଭାଇମାନେ ମିଶି ସେହି ଖାଦ୍ୟକୁ ଖାଉଥିଲେ। ପିଲାଦିନେ ତାଙ୍କ ପରିବାର ଦାରିଦ୍ର୍ୟର ଚରମ ସୀମାରେ ଥିବାରୁ ଭୋକରେ ଥିବା ସମୟରେ ସେ ଅଳିଆ ଗଦାରେ ପଡ଼ିଥିବା ଖାଦ୍ୟ ଖାଇବାକୁ ମଧ୍ୟ ପ୍ରସ୍ତୁତ ଥିଲେ ବୋଲି ସାକ୍ଷାତ୍‌କାରରେ ଭାରତୀ ଖୁଲାସା କରିଛନ୍ତି। ଏହାପରେ ସେ ଅନେକ ସଂଘର୍ଷ କରି ସଫଳତା ହାସଲ କରିଥିଲେ। 'ଦି ଗ୍ରେଟ୍ ଇଣ୍ଡିଆନ୍ ଲାଫ୍ଟର ଚ୍ୟାଲେଞ୍ଜ'ରେ ଦ୍ୱିତୀୟ ରନର୍ସ ଅପ୍ ହୋଇ ହାସ୍ୟ ଜଗତରେ ସେ ନିଜ ପରିଚୟ ସୃଷ୍ଟି କରିପାରିଥିଲେ। ଏବେ ସେ ଗୋଟିଏ ଏପିସୋଡ୍ ପାଇଁ ୧୦ରୁ ୧୨ ଲକ୍ଷ ଟଙ୍କା ପାରିଶ୍ରମିକ ନେଉଥିବା ବିଭିନ୍ନ ରିପୋର୍ଟରୁ ପ୍ରକାଶ ପାଇଛି। ସ୍କ୍ରିନ ରାଇଟର ହର୍ଷ ଲିମ୍ବଚିୟାଙ୍କୁ ଭାରତୀ ବିବାହ କରିଛନ୍ତି। ଏହି ଦମ୍ପତିଙ୍କର ଗୋଟିଏ ପୁଅ ମଧ୍ୟ ଅଛନ୍ତି। ଉଭୟ ଭାରତୀ ଓ ହର୍ଷ ଏକାଠି ମିଶି ପୂର୍ବରୁ ଅନେକ ଶୋ' ମଧ୍ୟ ହୋଷ୍ଟ କରିଛନ୍ତି। ପୂର୍ବରୁ ଦୁହେଁ ବିଗ୍‌ବସ୍‌ରେ ମଧ୍ୟ ନଜର ଆସିଥିଲେ। ସୋସିଆଲ ମିଡିଆରେ ସକ୍ରିୟ ରହିଥିବା ଭାରତୀ ୟୁଟ୍ୟୁବ୍‌ରେ ବ୍ଲଗ୍ କରି ନିଜ ପ୍ରଶଂସକଙ୍କ ସହ ଯୋଡ଼ି ହୋଇଥାନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୀରାବାଈ ତୃତୀୟ, ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ

**ଆଇଡବ୍ଲ୍ୟୁଏଫ୍ ବିଶ୍ୱକପ୍**

ଫୁକେଟ (ଥାଇଲାଣ୍ଡ), ୧୪ (ପି.ଟି.)

ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜେତା ମୀରାବାଈ ଚାନୁ ଏଠାରେ ଚାଲିଥିବା ଆଇଡବ୍ଲ୍ୟୁଏଫ୍ ବିଶ୍ୱକପ୍‌ରେ ସୋମବାର ମହିଳା ୪୯ କେଜି ଗ୍ରୁପ୍ 'ବି' ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିବା ପରେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଛଅ ମାସ ଆଘାତଜନିତ ସମସ୍ୟାରେ ରହିବା ପରେ ପ୍ରତିଯୋଗିତାକୁ ଫେରିଥିବା ଚାନୁ ମୋଟ ୧୮୪କେଜି (୮୧କେଜି+୧୦୩ କେଜି)ଉତ୍ତୋଳନ କରିଥିଲେ। ପ୍ୟାରିସ ଅଲିମ୍ପିକ୍ସ ପାଇଁ ଏହା ହେଉଛି ଫାଇନାଲ ଏବଂ ବାଧ୍ୟତାମୂଳକ ଟୁର୍ନାମେଣ୍ଟ। ଇଭେଣ୍ଟ ଶେଷ କରିବା ଦ୍ୱାରା ପ୍ୟାରିସ ଅଲିମ୍ପିକ୍ସ ପାଇଁ ସମସ୍ତ ମାନଦଣ୍ଡ ପୂରଣ କରିଛନ୍ତି। ଏହି ୨୦୧୭ ବିଶ୍ୱ ଚାମ୍ପିୟନ ବର୍ତ୍ତମାନ ୪୯ କେଜି ମହିଳା ଅଲିମ୍ପିକ କ୍ୱାଲିଫିକେଶନ ର୍‍ୟାଙ୍କିଙ୍ଗ (ଓକ୍ୟୁଆର୍)ରେ ଚାଇନାର ଜିଆ ହୁଇହୁଆଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ବିଶ୍ୱକପ୍ ଶେଷରେ କ୍ୱାଲିଫିକେଶନ ପାଇଁ ବିଧିବଦ୍ଧ ଘୋଷଣା ହେବ। ସେତେବେଳେ ଓକ୍ୟୁଆର୍ ଅପ୍‌ଡେଟ୍ ହେବ। ପ୍ରତ୍ୟେକ ଓଜନ ଶ୍ରେଣୀରୁ ଶ୍ରେଷ୍ଠ ୧୦ ଲିଫ୍ଟର ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଚାନୁ ଗତଥର ସେପ୍ଟେମ୍ବରରେ ଏସିଆନ ଗେମ୍ସରେ ଭାଗ ନେଇଥିଲେ। ସେତେବେଳେ ତାଙ୍କ ପିଚାରେ ସମସ୍ୟା ଦେଖାଦେବାରୁ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିଲେ। କିନ୍ତୁ ୫ କ୍ଲିନ ଲିଫ୍ଟ କରିବାରେ ସକ୍ଷମ ହୋଇଥିଲେ।

# ବୋଲ୍ଟ, ଚହଲଙ୍କ ବୋଲିଂ ସଫଳତା


ମୁମ୍ବାଇ,୧୪

ଆଇପିଏଲ୍ ୨୦୨୪ରେ ମୁମ୍ବାଇର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ସୋମବାର ଟ୍ରେଣ୍ଟ ବୋଲ୍ଟ ଓ ଯୁଜବେନ୍ଦ୍ର ଚହଲ ୩ ଉଇକେଟ ନେଇଥିବା ବେଳେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ୧୨୫/୯ରେ ସୀମିତ ରହିଛି ମୁମ୍ବାଇ ଇଣ୍ଡିଆନ୍ସ। ମୁମ୍ବାଇର ୩ ଜଣ ବ୍ୟାଟର ଖାତା ଖୋଲି ପାରି ନ ଥିବା ବେଳେ ୭ ଜଣ ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଜବାବରେ ଖବର ପ୍ରସ୍ତୁତ ବେଳକୁ ରାଜସ୍ଥାନ ୬ ଓଭରରେ ୨ ଉଇକେଟ ହରାଇ ୪୬ ରନ୍ କରିଛି।

ଟସ୍ ହାରି ରାଜସ୍ଥାନ ପ୍ରଥମେ ବୋଲିଂ କରିଥିଲା। ପ୍ରଥମ ଓଭରରେ ଖାତା ଖୋଲିବା ଆଗରୁ ରୋହିତ ଶର୍ମା ଓ ନମନ ଧୀରଙ୍କୁ ଆଉଟ କରିଥିଲେ ବୋଲ୍ଟ। ପ୍ରଥମ ଓଭରରେ ହିଁ ଡେୱାଲ୍ଡ ବ୍ରେଭିସ୍ ଇମ୍ପାକ୍ଟ ସବ୍ ଭାବରେ ଆସିଥିଲେ ତେବେ ସେ ମଧ୍ୟ ଖାତା ଖୋଲିବା ଆଗରୁ ବୋଲ୍ଟଙ୍କ ଶିକାର ହୋଇଥିଲେ। ଇଶାନ କିଶନ ୧୬ ରନ୍ କରି ନାନ୍ଦ୍ରେ ବର୍ଗରଙ୍କ ବଲରେ ଆଉଟ ହେବାରୁ ୨୦ ରନ୍ ମଧ୍ୟରେ ୪ ଉଇକେଟ ହରାଇଥିଲା ମୁମ୍ବାଇ। ପରବର୍ତ୍ତୀ ଦୁଇ ବ୍ୟାଟର ହାର୍ଦ୍ଦିକ ପାଣ୍ଡ୍ୟା ୩୪ ଓ ତିଳକ ବର୍ମା ୩୨ ରନ କାଉଣ୍ଟର ଆଟାକ କରିଥିଲେ। ଉଭୟ ୫୬ ରନ୍ ଯୋଡ଼ିଥିବା ବେଳେ ଚହଲଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ ପାଣ୍ଡ୍ୟା। ୨୧ ବଲ୍ ଖେଳି ସେ ୬ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ତିଳକ ୨୯ ବଲ୍ ଖେଳି ୨ ଛକା ମାରିଥିଲେ। ଶେଷ ଭାଗରେ ଟିମ ଡେଭିଡ୍ ୧୭ ରନ୍ କରିବାରୁ ମୁମ୍ବାଇ ୧୨୫ ରନ୍‌ରେ ପହଞ୍ଚିଥିଲା। ରାଜସ୍ଥାନ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ଓ ଯୁଜବେନ୍ଦ୍ର ଚହଲ ୩ ଉଇକେଟ ଲେଖାଏ ଉଇକେଟ ନେଇଥିଲେ। ନାନ୍ଦ୍ରେ ବର୍ଗର ୨ ଓ ଆଭେଶ ଖାନ୍ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୨୫/୯(ହାର୍ଦ୍ଦିକ ପାଣ୍ଡ୍ୟା–୩୪, ତିଳକ ବର୍ମା–୩୨,ଟିମ୍ ଡେଭିଡ୍–୧୭, ଯୁଜବେନ୍ଦ୍ର ଚହଲ–୩/୧୧, ଟ୍ରେଣ୍ଟ ବୋଲ୍ଟ–୩/୨୨, ନାନ୍ଦ୍ରେ ବର୍ଗର–୨/୩୨, ଆଭେଶ ଖାନ୍–୧/୩୦)।


ଟ୍ରେଣ୍ଟ ବୋଲ୍ଟ

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ବେଙ୍ଗାଲୁରୁ ବନାମ ଲକ୍ଷ୍ନୌ**
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୨ | ୨ | ୦ | ୪ | +୧.୦୪୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୨ | ୧ | ୪ | +୦.୯୭୬ |
| ରାଜସ୍ଥାନ ରୟାଲ୍ସ | ୨ | ୨ | ୦ | ୪ | +୦.୮୦୦ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | –୦.୭୩୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | +୦.୨୦୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୨ | ୧ | ୧ | ୨ | +୦.୦୨୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୧ | ୨ | ୨ | –୦.୦୧୬ |
| ପଞ୍ଜାବ କିଙ୍ଗ୍ସ | ୩ | ୧ | ୨ | ୨ | –୦.୩୩୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୧ | ୨ | ୨ | –୦.୭୧୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୦ | ୨ | ୦ | –୦.୯୨୫ |

# ଆଇପିଏଲ୍ ମ୍ୟାଚ ତାରିଖ ବଦଳିବ

**କୋଲକାତା, ୧୪ (ପି.ଟି.):** ରାମନବମୀ ପାଇଁ ଆବଶ୍ୟକ ସୁରକ୍ଷା ଯୋଗାଇଦେବା ନେଇ ସ୍ଥାନୀୟ ପୋଲିସ ଅକ୍ଷମତା ପ୍ରକାଶ କରିବା ପରେ ଏପ୍ରିଲ ୧୭ରେ କୋଲକାତା ନାଇଟ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯିବାକୁ ଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ ତାରିଖରେ ପରିବର୍ତ୍ତନ ହେବାକୁ ଯାଉଛି। କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ୭ ପର୍ଯ୍ୟାୟ ବିଶିଷ୍ଟ ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୯ରେ ହେବ। ସେଦିନ ବେଙ୍ଗଲରେ ଭୋଟ ଗ୍ରହଣ ହେବ। କୋଲକାତାରେ ଜୁନ୍ ୧ରେ ମତଦାନ ହେବ। ମ୍ୟାଚ ଦିନ ରାମ ନବମୀ ପଡୁଛି। ସେଦିନ କିଛି ସୁରକ୍ଷା କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବେ। ତେଣୁ ଏପ୍ରିଲ ୧୭ରେ ମ୍ୟାଚ ପାଇଁ ଯଥେଷ୍ଟ ସୁରକ୍ଷା ଯୋଗାଇଦେବା ସମ୍ଭବ ନ ଥିବା ବିଷୟ କୋଲକାତା ପୋଲିସ ଏକ ଚିଠି ଜରିଆରେ ଜଣାଇଥିବା ସିଏବି ସଭାପତି ସ୍ନେହାଶିଷ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ମ୍ୟାଚକୁ ଗୋଟିଏ ଦିନ ଆଗୁଆ ଅର୍ଥାତ ଏପ୍ରିଲ ୧୬ କିମ୍ବା ଦିନକ ପରେ ଏପ୍ରିଲ ୧୮ରେ କରିବା ଲାଗି ସିଏବି ପ୍ରସ୍ତାବ ଦେଇଛି। ଏସମ୍ପର୍କରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଅବଗତ କରାଇ ଦିଆଯାଇଛି। ହେଲେ ନୂଆ ତାରିଖ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବା ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। କୋଲକାତା ନାଇଟ ରାଇଡର୍ସ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ ଖେଳିବା ଲାଗି ବର୍ତ୍ତମାନ ବିଶାଖାପାଟଣାରେ ଅଛି।

# ପଡ଼ିଆରେ ବେହୋସ୍ ହେଲେ ଫ୍ରିଡ଼ା ମାନମ୍


ବେହୋସ ହୋଇଥିବା ଫ୍ରିଡା ମାନମଙ୍କ ପାଖରେ ସାଥୀ ଖେଳାଳି କେଟି ମ୍ୟାକବେ।

**ଲିଗ୍ କପ୍ ଫାଇନାଲ**

ଓଲଭରହାମ୍ପଟନ୍,୧୪(ପି.ଟି.)

ଇଂଲିଶ ଲିଗ୍ କପ୍ ଫାଇନାଲ ମ୍ୟାଚ୍‌ରେ ଆର୍ସେନାଲ ମହିଳା ଦଳର ମିଡ୍‌ଫିଲ୍ଡର ଫ୍ରିଡା ମାନମ୍ ବେହୋସ ହୋଇଯାଇଥିଲେ। ମୋଲିନକ୍ସ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌କୁ ଆର୍ସେନାଲ ୧–୦ରେ ବିଜୟୀ ହୋଇଥିବା ବେଳେ ଫ୍ରିଡା ମ୍ୟାଚ୍ ସମୟରେ ପଡିଆରେ ବେହୋସ୍ ହୋଇ ଯାଇଥିଲେ। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲା। ୫ ମିନିଟର ଇଞ୍ଜୁରୀ ଟାଇମ୍ ପରେ ମଧ୍ୟ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲା। ତେବେ ହଠାତ୍ ଫ୍ରିଡା ବେହୋସ ହେବା ପରେ ତାଙ୍କୁ ପଡିଆ ମଧ୍ୟରେ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇଥିଲା। ନରୱେ ପକ୍ଷରୁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ଫ୍ରିଡା ଚେତା ହରାଇ ପଡି ଯାଇଥିବା ବେଳେ ଆର୍ସେନାଲର କେଟି ମ୍ୟାକବେ ଓ ଚେଲ୍‌ସିର ନିଆମ୍ ଚାର୍ଲ୍ସ ତାଙ୍କ ନିକଟରେ ପହଞ୍ଚିଥିଲେ। ଅତିରିକ୍ତ ସମୟରେ ମାନମଙ୍କ ସ୍ଥାନରେ ଆଲେସିଆ ରୁସୋ ବଦଳ ଖେଳାଳି ଭାବରେ ଆସିଥିଲେ। ୭ ମିନିଟ ଧରି ମ୍ୟାଚ୍ ବନ୍ଦ ରହିବା ପରେ ପୁନର୍ବାର ଆରମ୍ଭ କରାଯାଇଥିଲା। ୧୧୬ତମ ମିନିଟରେ ଷ୍ଟିନା ବ୍ଲାକଷ୍ଟେନିୟସଙ୍କ ଏକମାତ୍ର ଗୋଲ ବଳରେ ଏହି ମ୍ୟାଚକୁ ଜିତି ନେଇଥିଲା ଆର୍ସେନାଲ। ବର୍ତ୍ତମାନ ଫ୍ରିଡା ସୁସ୍ଥ ରହିଥିବା ଆର୍ସେନାଲ ପକ୍ଷରୁ ଟୁଇଟ୍ କରି କୁହାଯାଇଛି।

# ଟାଉନ୍ କ୍ଲବ ୨୬ ରନରେ ବିଜୟୀ

ଭୁବନେଶ୍ୱର, ୧୪ (ତପନ ସ୍ୱାଇଁ)

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ନହରକଣ୍ଟା ଖେଳ ପଡ଼ିଆରେ ଚାଲିଥିବା ଦିଲ୍ଲୀପ ପଣ୍ଡା ମେମୋରିଆଲ ୧୫ ବର୍ଷରୁ କମ୍ କ୍ରିକେଟ ଲିଗ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ ଟାଉନ୍ କ୍ଲବ ବିଜୟୀ ହୋଇଛି। ଲୋ ସ୍କୋରିଂ ମ୍ୟାଚରେ ଟାଉନ୍ କ୍ଲବ ୨୬ ରନରେ କେନ୍ଦୁଝରର ବଡବିଲ୍ ଟାଇଗର୍ସକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଟାଉନ କ୍ଲବ ଦଳ ୨୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୫ ରନ କରିଥିଲା। ସୁମିତ ମହାପାତ୍ର ସର୍ବାଧିକ ୨୯ ଓ ସ୍ୱସ୍ତି ନନ୍ଦ ୨୨ ରନ କରିଥିଲେ। ବିପକ୍ଷ ଦଳର ସରଓ୍ୱନ ସାହୁ ଓ ଆୟୁଷ ସେଠୀ ୩ଟି ଲେଖାଏ, ରାଜ ଚୌଧୁରୀ ଓ ରାହୁଲ ଦେବ ନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ।

୧୧୬ ରନ ବିଜୟ ଲକ୍ଷ୍ୟ ନେଇ ବଡ଼ବିଲ୍ ଟାଇଗର୍ସ ୨୬.୨ ଓଭରରେ ୮୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଆଶୁତୋଷ କୁମାର ନାୟକ ସର୍ବାଧିକ ୧୮ ରନ କରିଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ପ୍ରଜ୍ୟୋତ ସାମଲ ୩ଟି, ପ୍ରିୟାଂଶୁ ଦାସ ୨ଟି ଏବଂ ଶ୍ଳୋକ ସଂକଳ୍ପ, ଆୟୁଷ କୁମାର ସାହୁ, ଆୟୁଷ ଅମ୍ଳାନ ଓ ଓଁକାର ଶୁଭ ସଙ୍କେତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ରଜ୍ୟୋତ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ଶାଶ୍ୱତି ଶତପଥୀ ଓ ସନ୍ତୋଷ ପଟ୍ଟନାୟକ ପରିଚାଳନା କରିଥିଲେ। ମାନସ ରଞ୍ଜନ ମହାନ୍ତି, ବ୍ରହ୍ମାନନ୍ଦ ପଣ୍ଡା, ପୂର୍ବତନ ଖେଳାଳି ରଞ୍ଜନ ନାୟକ ଏବଂ ଗିରିଶ ଚନ୍ଦ୍ର ହୋତା ଅତିଥିଭାବେ ଯୋଗଦେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ ଅବସରରେ ପ୍ରଜ୍ୟୋତ ସାମଲ।

# ଜାତୀୟ ସିନିୟର ମହିଳା ହକି ଶିବିର

ବେଙ୍ଗାଲୁରୁ, ୧୪ (ପି.ଟି.)

ଜାତୀୟ ସିନିୟର ମହିଳା ହକି ମୂଲ୍ୟାଙ୍କନ ଶିବିର ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରଠାରେ ସୋମବାରଠାରୁ ଆରମ୍ଭ ହୋଇଛି। ଏଥିରେ ଭେଟେରାନ ଗୋଲକିପର ସବିତା ପୁନିଆ ଓ ଫରୱାର୍ଡ ବନ୍ଦନା କାଟାରିୟା ଏବଂ କିଛି ନୂଆଙ୍କ ସମେତ ମୋଟ ୬୦ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସେମାନଙ୍କୁ ପୁଣେଠାରେ ଅନୁଷ୍ଠିତ ୧୪ତମ ହକି ଇଣ୍ଡିଆ ସିନିୟର ମହିଳା ଜାତୀୟ ଚାମ୍ପିୟନଶିପ୍‌ରୁ ଚୟନ କରାଯାଇଥିଲା। ହକି ଇଣ୍ଡିଆ ତରଫରୁ ଆୟୋଜିତ ଏହି କ୍ୟାମ୍ପ ୭ ଦିନ ଧରି ଚାଲିବ। ଏଥିରୁ ୩୩ଜଣ ସମ୍ଭାବ୍ୟ ଜାତୀୟ ଖେଳାଳିଙ୍କୁ ଭବିଷ୍ୟତ କୋଚିଂ କ୍ୟାମ୍ପ ଓ ଅନ୍ତର୍ଜାତୀୟ ଦକ୍ଷତା ବିକାଶ ଟୁର୍ ପାଇଁ ମନୋନୀତ କରାଯିବ।

# ପ୍ରୟାସ, ଶୁଭମଙ୍କୁ ୫ ଉଇକେଟ

**କଳାହାଣ୍ଡି କପ୍**

ଭୁବନେଶ୍ୱର, ୧୪ (ସରୋଜ ଜେନା)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ କଳାହାଣ୍ଡି କପ୍ କ୍ରିକେଟରେ ସୋମବାର ୮ ମ୍ୟାଚ୍ ଖେଳାଯାଇଛି। କୋରାପୁଟ, ମୟୂରଭଞ୍ଜ, ନୟାଗଡ, କେନ୍ଦ୍ରାପଡା, ନୂଆପଡା, କନ୍ଧମାଳ, ବଲାଙ୍ଗୀର ଓ ଦେବଗଡ ନିଜ ନିଜ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ପ୍ରୟାସ ସିଂ, ଶୁଭମ ରାଉତ ଓ ଶୁଭମ ବିସ୍ତ ୫ ଉଇକେଟ ନେଇଥିବା ବେଳେ ରାଘବେନ୍ଦ୍ର ତ୍ରିପାଠୀ ଓ ପୁରୁଷୋତ୍ତମ ଷ୍ଟାଡିୟମର ମ୍ୟାଚ୍‌ରେ କେନ୍ଦ୍ରାପଡା ୪ ଉଇକେଟରେ ଗଞ୍ଜାମକୁ, ରେଭେନ୍ସା ଗ୍ରାଉଣ୍ଡ–୧ରେ ଖେଳାଯାଇଥିବା ମ୍ୟାଚରେ ନୂଆପଡା ୫ ଉଇକେଟରେ ନବରଙ୍ଗପୁରକୁ ପରାସ୍ତ କରିଛି। ପ୍ରୟାସ ସିଂଙ୍କ ୫ ଉଇକେଟ ସଫଳତା କାରଣରୁ ନବରଙ୍ଗପୁର ୧୪୫ ରନ୍‌ରେ ଅଲଆଉଟ ହୋଇଥିଲା। ରେଭେନ୍ସା ଗ୍ରାଉଣ୍ଡ–୨ରେ


ଶୁଭମ ବିସ୍ତ



ପ୍ରୟାସ ସିଂ ଠାକୁର

ପାତ୍ର ଶତକ ହାସଲ କରିଛନ୍ତି।

ବିଜେବି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ମ୍ୟାଚରେ ମୟୂରଭଞ୍ଜ ୧ ରନ୍‌ରେ ପୁରୀକୁ, କିଟ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ନୟାଗଡ ୨ ଉଇକେଟରେ ଭୁବନେଶ୍ୱର ବି'କୁ ଓ ଅଡଶପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ କୋରାପୁଟ ୩ ଉଇକେଟରେ କେନ୍ଦୁଝରକୁ ହରାଇଛି। ବାରବାଟୀ ଖେଳାଯାଇଥିବା ମ୍ୟାଚରେ କନ୍ଧମାଳ ୨ ଉଇକେଟରେ ଗଜପତିକୁ, ସନ୍‌ସାଇନ୍ ଗ୍ରାଉଣ୍ଡରେ ରାଘବେନ୍ଦ୍ର ତ୍ରିପାଠୀଙ୍କ ୧୪୭ ରନ୍ ବଳରେ ବଲାଙ୍ଗୀର ୪ ଉଇକେଟରେ ଜଗତ୍‌ସିଂହପୁରକୁ, ଏମ୍‌ଜିଏମ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଦେବଗଡ ୪୩ ରନ୍‌ରେ ରାୟଗଡାକୁ ଓ ଡ୍ରିମ୍ସ ଷ୍ଟାଡିୟମରେ ସୋନପୁର ୨୦୩ ରନ୍‌ରେ କଳାହାଣ୍ଡିକୁ ପରାସ୍ତ କରିଛି।

# ଏକଲବ୍ୟ ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୧୪ (ତପନ ସ୍ୱାଇଁ)

ଇମ୍ପାଗ୍ରୁପ୍ ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବଲ୍ ଟ୍ରଷ୍ଟ' (ଇମ୍ପାକ୍ଟ) ପକ୍ଷରୁ ୩୨ତମ 'ଏକଲବ୍ୟ ପୁରସ୍କାର–୨୦୨୪' ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଏକଲବ୍ୟ ପୁରସ୍କାର ପାଇଁ ମନୋନୀତ ରାଜ୍ୟର ଶ୍ରେଷ୍ଠ ଯୁବକ୍ରୀଡ଼ାବିତ୍‌ଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ଏହା ବ୍ୟତୀତ ଦୁଇଜଣ ଉପବିଜେତାଙ୍କୁ ମଧ୍ୟ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥାଏ। ଆଗ୍ରହୀ ପ୍ରାର୍ଥୀମାନେ ଓଡ଼ିଶାର କୌଣସି କ୍ରୀଡ଼ା ସଙ୍ଗଠନ, ବୋର୍ଡ, ସଂଘ, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ମାଧ୍ୟମରେ ସେମାନଙ୍କ ନାମାଙ୍କନ ପତ୍ର ପଠାଇପାରିବେ। ପ୍ରାର୍ଥୀଙ୍କର ବୟସ ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ। ପ୍ରାର୍ଥୀମାନେ ଗତ ଦୁଇବର୍ଷ (୧ ଏପ୍ରିଲ ୨୦୨୨ରୁ ୩୧ ମାର୍ଚ୍ଚ ୨୦୨୪) ମଧ୍ୟରେ ରାଜ୍ୟସ୍ତରୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ହାସଲ କରିଥିବା ବିଭିନ୍ନ କୃତିତ୍ୱର ପ୍ରମାଣପତ୍ର ସହିତ ଆବେଦନ କରିବା ଆବଶ୍ୟକ।


**Classified Everyday**
**0674-2580101, 2549949**




**SALE**

Duplex sale at Bhubaneswar @ 57 lakhs only. Contact- 9777433701. D-75934

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ Sum-2 Hospitalଠାରୁ ଅଳ୍ପ ଦୂରତାରେ SC/ General ଘରବାରି ପ୍ଲଟ୍ କିଣନ୍ତୁ। 9658562429. D-75935




Two Bedroom Independence House with Drawing at Lingaraj Vihar, Pokhariput near DAV School for rent. Contact- 8249595404. D-2889

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Relax, refresh your body, mind by expert therapist. Contact: 9938843929. D-76110

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75722

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**ମନେ ପଡ଼ନ୍ତି**

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସରୋଜିନୀ ତ୍ରିପାଠୀ
ପଲ୍ଲୀକଣ୍ଠା, ଏରସମା, ଜଗତ୍‌ସିଂହପୁର
ଆବିର୍ଭାବ: ୧୮।୧୨।୧୯୪୨
ତିରୋଧାନ: ୨୨।୦୩।୨୦୨୪
ବୋଉ, ତୋର ଆଦର୍ଶର ପ୍ରତିଛବି ତୋର ଉଦାରତାର ପ୍ରତିଫଳନ ଏବଂ ନୈତିକତାର ମାର୍ଗ ଦର୍ଶନ, ଆଉ ହଠାତ୍ ଏ ଅପୂରଣୀୟ ଶୂନ୍ୟସ୍ଥାନ ଆମକୁ ସଦା ଆନ୍ଦୋଳିତ କରିବ। ତୋର ଆତ୍ମାର ସଦ୍‌ଗତି ତଥା ତୋର ଶୁଭାଶୀର୍ବାଦ ହିଁ କେବଳ ମାତ୍ର କାମ୍ୟ।
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୦୦୪

2nd Death Anniversary



Pabitra Kumar Pradhan (Pagala)
Mangalpur, Chhoti, Kendrapara
1959-2022
Not a single moment goes by without you in our thoughts. Life only gets liveable knowing and believing you are watching over us always. Forever in our hearts.
Deeply mourned by Family, Friends & Relatives.
ଧ-006

# ପିଲାଙ୍କୁ ଶିଖାନ୍ତୁ

**ପିଲାଙ୍କୁ ସବୁକ୍ଷେତ୍ରରେ ସଫଳତା ନିମନ୍ତେ ଶିଷ୍ଟାଚାର ଓ ଅନୁଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ପିଲାବେଳୁ ଅଭିଭାବକମାନେ ହିଁ ଏନେଇ ଧ୍ୟାନଦେବା ଦରକାର...**

- ପିଲାଙ୍କ ବ୍ୟବହାର ଉପରେ ଦୃଷ୍ଟି ରଖନ୍ତୁ। ପରିବାରର ସମସ୍ତଙ୍କୁ ସେମାନେ କିଭଳି ବ୍ୟବହାର କରୁଛନ୍ତି ଲକ୍ଷ୍ୟ ରଖନ୍ତୁ। କାହା ପ୍ରତି ସେମାନେ ଯଦି କିଛି ବି ଭୁଲ୍ ବ୍ୟବହାର କରୁଥାନ୍ତି ତେବେ ସେମାନଙ୍କୁ ଠିକ୍ ସମୟରେ ଶିକ୍ଷା ଦିଅନ୍ତୁ।
- ପିଲାମାନେ ଚଞ୍ଚଳ ସ୍ୱଭାବର ହୋଇଥାନ୍ତି। ସବୁବେଳେ ସେମାନେ ମସ୍ତି ମୁଡ୍‌ରେ ରହିଥାନ୍ତି। କିନ୍ତୁ ସବୁ ସମୟରେ ଏପରି ବ୍ୟବହାର ଠିକ୍ ନୁହେଁ ବୋଲି ସେମାନଙ୍କୁ ବୁଝାନ୍ତୁ। ଏକାଠି ଗୋଟିଏ ସ୍ଥାନରେ ବସି କିଛି କରିବା, ଖାଇବା କିମ୍ବା ପଢିବାର ଅଭ୍ୟାସ କରାନ୍ତୁ।
- ପରିବାରରେ ଅନ୍ୟ ସଦସ୍ୟଙ୍କ ପ୍ରତି ଠିକ୍ ବ୍ୟବହାର କରିବା ଶିଖାନ୍ତୁ। ପରିବାରରେ ସାନମାନଙ୍କ ପ୍ରତି ସ୍ନେହ ଓ ଗୁରୁଜନଙ୍କୁ ସମ୍ମାନ କରିବା ଶିଖାନ୍ତୁ। ସମ୍ପର୍କର ଗୁରୁତ୍ୱ ମଧ୍ୟ ସେମାନଙ୍କୁ ଅନୁଭବ କରିବାକୁ ଦିଅନ୍ତୁ। ଏଥିପାଇଁ ନିଜେ ମଧ୍ୟ ସମସ୍ତଙ୍କ ପ୍ରତି ଠିକ୍ ବ୍ୟବହାର କରି ଉଦାହରଣ ଦିଅନ୍ତୁ।
- ଘର ସଫାସୁତୁରା ରଖିବା ମଧ୍ୟ ପିଲାଙ୍କୁ ଶିଖାନ୍ତୁ। ପିଲାମାନେ ଅନେକ ସମୟରେ ଖେଳିବା ପରେ ଖେଳନା ଫିଙ୍ଗି ଦେଇଥାନ୍ତି ଏବଂ ସେହିପରି ପଢିବା ପରେ ବହିପତ୍ର ସଜାଡ଼ି ରଖନ୍ତି ନାହିଁ। କିନ୍ତୁ ପ୍ରତି ମୁହୂର୍ତ୍ତରେ ଏପରି ବ୍ୟବହାରକୁ ଆପଣ ନଜର ରଖି ସବୁ ଜିନିଷ ସଜାଡ଼ି ରଖିବା ପାଇଁ କୁହନ୍ତୁ। ଫଳରେ ବଡ଼ ହେବା ପରେ ସେମାନଙ୍କର ଅଭ୍ୟାସରେ ପରିଣତ ହେବ ଏବଂ ସେମାନେ ଶୃଙ୍ଖଳିତ ବ୍ୟବହାର କରିପାରିବେ।
- ଏକାଠି ସମସ୍ତଙ୍କ ସହ ଖାଇବାକୁ ଦିଅନ୍ତୁ ଏବଂ ଖାଇବା ସମୟରେ ଠିକ୍ ଭାବରେ ଖାଇବା ଶିଖିପାରିବେ।
- ବାହାରେ ଲୋକଙ୍କୁ ସାଧାରଣ ଭଦ୍ରାମିରେ କିପରି ବ୍ୟବହାର କରିବାକୁ ହୁଏ କୁହନ୍ତୁ।
- କୌଣସି କାମ କରିବା ପୂର୍ବରୁ କିମ୍ବା କୌଣସି ସ୍ଥାନକୁ ଯିବାପୂର୍ବରୁ ଅନୁମତି ନେବାପାଇଁ ପିଲାଙ୍କୁ କୁହନ୍ତୁ।



# ସମର ଆଉଟ୍‌ଫିଟ୍

**ଖରାଦିନେ କେମିତି ଲାଗିବେ ଫ୍ୟାଶନେବୁଲ....**



- ଷ୍ଟାଇଲକୁ ଦୃଷ୍ଟିରେ ରଖି ସବୁବେଳେ ପୋଷାକ ଚୟନ କରନ୍ତୁ କିନ୍ତୁ ତାହା ଯେପରି ଆରାମଦାୟକ ହେବ ସେକଥାକୁ ଭୁଲନ୍ତୁ ନାହିଁ। ଖରାଦିନେ କେଉଁଭଳି ପୋଷାକ ଫ୍ୟାଶନରେ ରହିଛି ତାହା ଜାଣିବା ସହିତ ରଙ୍ଗ ପ୍ରତି ବି ଧ୍ୟାନ ଦିଅନ୍ତୁ।
- ଖରାଦିନେ ସାଧାରଣତଃ ହାଲ୍‌କା ଏବଂ ମଲ୍‌ଟି କଲର୍‌ର ଡ୍ରେସ ଅଧିକ ଫ୍ୟାଶନରେ ରହିଥାଏ। ତେଣୁ ନିଜପାଇଁ ଏଭଳି ରଙ୍ଗର ଡ୍ରେସ କିଣନ୍ତୁ।
- ଲେମନ କିମ୍ବା ହାଲ୍‌କା ଗ୍ରୀନ୍ ରଙ୍ଗର ମଧ୍ୟ ଡ୍ରେସ୍ ପିନ୍ଧିପାରିବେ। ଏହି ରଙ୍ଗର ଡ୍ରେସ୍ ଖରାଦିନେ ବହୁତ ସୁନ୍ଦର ଲାଗିଥାଏ। ବିଶେଷକରି ସୁଟ୍ କିମ୍ବା କୁର୍ତ୍ତି ପିନ୍ଧୁଥିଲେ ଏହି ରଙ୍ଗ ବହୁତ ସୁନ୍ଦର ଲାଗିବ।
- ପ୍ରାୟ ସମସ୍ତଙ୍କୁ ଏହି ଋତୁରେ ଅଧିକ ରଙ୍ଗ ଥିବା ଏକ ଡ୍ରେସ୍ ଭଲ ଲାଗିଥାଏ। ତେଣୁ ମଲ୍‌ଟି କଲରର ଡ୍ରେସ୍ ଆପଣଙ୍କୁ ବହୁତ ଭଲ ମାନିବ। ଯଦି ସୁଟ୍ ପିନ୍ଧୁଛନ୍ତି ତେବେ ଅର୍ଗେଞ୍ଜା କଲରର ଦୁପଟ୍ଟା କିଣନ୍ତୁ।
- ଲାଭେଣ୍ଡର କିମ୍ବା ବ୍ଲୁ ରଙ୍ଗର ଡ୍ରେସ୍ ବି ଖରାଦିନେ ଏକ ସୁନ୍ଦର ଲୁକ୍ ଦେଇଥାଏ।
- ତେବେ ଖରାଦିନେ ବିଭିନ୍ନ ରଙ୍ଗର କଟନ, ଲିନେନ୍, ଜର୍ଜେଟ୍ ସିଫନ୍ କପଡ଼ାର ପୋଷାକ ପିନ୍ଧନ୍ତୁ।



# ସମ୍ପର୍କ ସଜାଡ଼େ ସକାରାତ୍ମକ ଭାବନା





**ସବୁଠୁ ଅଧିକ ଆପଣାର, ସବୁଠୁ ଅଧିକ ଭରସା ଥିବା ମଜଭୁତ ସମ୍ପର୍କ ଥାଏ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ। ସେଥିପାଇଁ ତ ସେମାନଙ୍କର ପରସ୍ପର ଠାରୁ କିଛି ଆଶା ପ୍ରତ୍ୟାଶା ବି ଥାଏ। ହେଲେ ଅନେକ ସମୟରେ ଅବାସ୍ତବ ଇଚ୍ଛା ରଖିଲେ ସମ୍ପର୍କ ଖରାପ ହେବାକୁ ବେଶି ସମୟ ଲାଗେନି। ତେଣୁ ସେ ନେଇ ନିଜକୁ ଆଗୁଆ ବୁଝାଇନେବା ଭଲ...**

ପତିପତ୍ନୀ ପରସ୍ପର ଠାରୁ କିଛି ଆଶା ରଖିବା ସ୍ୱାଭାବିକ କଥା। କିନ୍ତୁ କେତେକ କ୍ଷେତ୍ରରେ ଅତ୍ୟଧିକ ଆଶା କରିବା ଅବାସ୍ତବ ହୋଇଥାଏ ଯାହା ସମ୍ପର୍କକୁ ଖରାପ କରିଥାଏ। ଏଭଳି ସ୍ଥିତିରେ ନିଜ ଆଶା ଆକାଂକ୍ଷା ନେଇ ସାଥୀଙ୍କ ସହ ଶେୟାର କରିବା ଦରକାର। ଏହା ସହ ସାଥୀ ଜଣକ ଆପଣଙ୍କ ଆଶା ପୂରଣ କରିପାରିବେ କି ନାହିଁ ସେନେଇ ଜାଣିବା ବି ଜରୁରୀ। କାରଣ ସବୁ ଆଶାକୁ ସାଥୀ ପୂରା କରି ନ ପାରିଲେ ଧୀରେ ଧୀରେ ମନାନ୍ତର ସୃଷ୍ଟି ହୋଇଥାଏ। ଏହି କାରଣରୁ କିଛିଦିନ ପରେ ସମ୍ପର୍କରେ ଫାଟ ହେବାର ଆଶଙ୍କା ବି ଥାଏ। ତେଣୁ ଏଭଳି କିଛି ବିଶେଷ କ୍ଷେତ୍ରରେ ଆପଣ ସାଥୀଙ୍କଠାରୁ କୌଣସି ଆଶା ରଖିବା ଠିକ୍ ହେବ ନାହିଁ।

**ସବୁବେଳେ ସମୟ :** ବିବାହ ପରେ ସାଥୀଙ୍କ ସହ ଅଧିକ ସମୟ ବିତାଇବାକୁ ସମସ୍ତଙ୍କୁ ଭଲ ଲାଗେ। କିନ୍ତୁ ସବୁଦିନ ଏହା ସମ୍ଭବ ହୋଇ ନ ଥାଏ। କାରଣ ନିଜ ନିଜ କାମ ପାଇଁ ବି ପରସ୍ପର ସମୟ ଦେଇଥାନ୍ତି। ଏହି ଦୃଷ୍ଟିରୁ ସାଥୀଙ୍କ ପାଇଁ ଅନେକ ସମୟରେ ଆଦୌ ସମୟ ବାହାରି ନ ଥାଏ। ତେଣୁ କୌଣସି ପରିସ୍ଥିତିରେ ବି ସବୁବେଳେ ସବୁ ସମୟ ଏକାଠି କଟାଇବା ପାଇଁ ଇଚ୍ଛା ରଖିବା ଅବାସ୍ତବ ହୋଇପାରେ। ବରଂ ସାଥୀଙ୍କ ସହ ସମୟ କଟାଇବାର ସୁଯୋଗ ମିଳିଲେ ସେହି ସମୟରେ ଭରପୂର ଆନନ୍ଦ ଉଠାଇ ନିଅନ୍ତୁ। ମାତ୍ର ସବୁବେଳେ ସାଥୀଙ୍କୁ ସମୟ ବାହାର କରି ପାଖରେ ରହିବାକୁ କହିବାର ଆଶା ରଖିବା ଠିକ୍ ନୁହେଁ। ଏପରି ଆଶା ବହୁ କଷ୍ଟ ଦେଇଥାଏ ଯାହା ଉଭୟଙ୍କ ସମ୍ପର୍କକୁ ମଧ୍ୟ ପ୍ରଭାବିତ କରିଥାଏ।

**ସବୁବେଳେ ସମର୍ଥନ:** ସାଥୀ ଯେ ସବୁ ସମୟରେ ଏବଂ ସବୁ ପରିସ୍ଥିତିରେ ଆପଣଙ୍କ କଥା କିମ୍ବା ନିଷ୍ପତ୍ତିକୁ ସମର୍ଥନ କରିବେ ସେଭଳି ଆଶା ରଖିବା ଠିକ୍ ନୁହେଁ। କାରଣ ଆପଣଙ୍କ ଦୃଷ୍ଟିରେ ଯାହା ସମ୍ପୂର୍ଣ୍ଣ ଠିକ୍ ହୁଏତ ତାଙ୍କ ଦୃଷ୍ଟିରେ ତାହା ହୋଇ ନ ପାରେ। ତେଣୁ ଏଭଳି ଏକ ଅବାସ୍ତବ ଆଶା ରଖିଲେ ନିଜର ମନ ଖରାପ ହେବ ଏବଂ ସମ୍ପର୍କ ଖରାପ ହେବା ଆଶଙ୍କା ସୃଷ୍ଟି ହୋଇପାରେ। ଆଶା ଅନୁସାରେ ସାଥୀଙ୍କ ଠାରୁ ଉତ୍ତର ଅଥବା ବ୍ୟବହାର ନ ପାଇଲେ ଖୁବ୍ କଷ୍ଟ ପାଇପାରନ୍ତି। ଏହି କାରଣରୁ ହୁଏତ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ କିମ୍ବା ମତପାର୍ଥକ୍ୟ ହୋଇପାରେ। ତେଣୁ ସମୟ ପୂର୍ବରୁ ଏନେଇ ନିଜେ ସଚେତନ ରହି ସେହି ଅନୁସାରେ ନିଜ ବ୍ୟବହାର ବଦଳାଇ ନେବା ଦରକାର। ଫଳରେ ସମ୍ପର୍କ ଖରାପ ହେବ ନାହିଁ।



**ସର୍ବପ୍ରଥମ ଅଧିକାର:** ବେଳେବେଳେ ସ୍ୱାମୀସ୍ତ୍ରୀ ଉଭୟ ପରସ୍ପର ପ୍ରତି ଏଭଳି ଏକ ଆଶା ରଖିଥାନ୍ତି ଯେ ସେମାନେ ସବୁ ସମୟରେ ନିଜର ଗୁରୁତ୍ୱ ଅଧିକ ବୋଲି ଭାବିଥାନ୍ତି। ମାତ୍ର ପରିସ୍ଥିତି ଅନୁସାରେ ହୁଏତ ଆପଣଙ୍କ ପ୍ରତି ସାଥୀଙ୍କର ବ୍ୟବହାର ସାମାନ୍ୟ ପରିବର୍ତ୍ତନ ହୋଇପାରେ। ସେ ସମୟରେ ମନରେ କୌଣସି ବିପରୀତ ଚିନ୍ତାଧାରା ଆଣିବା ଆଦୌ ଠିକ୍ ହେବ ନାହିଁ। ବରଂ ସକାରାତ୍ମକ ଦୃଷ୍ଟିରେ ଚିନ୍ତାକରି ଆପଣ ସାଥୀଙ୍କ ହୃଦୟର ଭାବନାକୁ ବୁଝିବାକୁ ଚେଷ୍ଟା କରନ୍ତୁ। କାରଣ ଅନେକ ସମୟରେ ପରିବାର ଲୋକଙ୍କ ପ୍ରତି ଅଗ୍ରାଧିକାର ଭିତ୍ତିରେ ସବୁ କର୍ତ୍ତବ୍ୟ କରିବାକୁ ହୋଇଥାଏ। ସେସମୟରେ ସାଥୀ ଜଣକ ଆପଣଙ୍କ ପ୍ରତି ଅଧିକ ଗୁରୁତ୍ୱ ଦେବେ ବୋଲି ଆଶା ରଖିବା ଠିକ୍ ନୁହେଁ।

**ମନ ପଢ଼ିବା:** ପରସ୍ପର ପ୍ରତି ଏକ ଦୃଢ଼ ବିଶ୍ୱାସ ଆଉ ପ୍ରେମ ଭାବ ରହିଥାଏ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ। ତେଣୁ ବିଶ୍ୱାସର ଆଧାରକୁ ଆଦୌ ଦୁର୍ବଳ ହେବାକୁ ଦିଅନ୍ତୁ ନାହିଁ। ଏପରି ହେଲେ ଆପଣ ନିଜ ସାଥୀଙ୍କ ମନର ଭାବକୁ ବୁଝିପାରିବେ। ଏହି ଦୃଷ୍ଟିରୁ ଆପଣଙ୍କ ସାଥୀ ହୁଏତ ଆପଣଙ୍କ ପ୍ରତି ସାମାନ୍ୟ କ୍ରୋଧ କିମ୍ବା ବିପରୀତ ବ୍ୟବହାର ପ୍ରଦର୍ଶନ କରିପାରନ୍ତି। ମାତ୍ର ଏଭଳି ସମୟରେ ହଠାତ୍ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ମନର ଅବସ୍ଥାକୁ ପ୍ରଥମେ ବୁଝିବାକୁ ଚେଷ୍ଟା କରନ୍ତୁ। କିଛି ସମୟ ପରେ ଆପଣ ହୁଏତ ଭୁଲ୍ ଠିକ୍‌ର ବିଚାର କରି ନିଷ୍ପତ୍ତି ନେଇପାରିବେ। ଏମିତି ବି ହୋଇପାରେ କେବେ କେବେ ନିଜେ କ'ଣ ଚାହୁଁଛନ୍ତି ସେନେଇ ଭଲଭାବେ ବୁଝିପାରନ୍ତି ନାହିଁ ବରଂ ବିରକ୍ତ ହୁଅନ୍ତି। ପ୍ରକୃତରେ ଆପଣ କ'ଣ ଚାହୁଁଛନ୍ତି ସେନେଇ ପ୍ରଥମେ ଚିନ୍ତାକରିବା ପରେ ହିଁ ସାଥୀଙ୍କ ଆଗରେ ମନଖୋଲି କଥା ହୁଅନ୍ତୁ। ନଚେତ୍ ସମ୍ପର୍କରେ ହୁଏତ ବିରାଟ ସମସ୍ୟା ସୃଷ୍ଟି ହୋଇପାରେ।

**ଖରାପ ଭାବନ୍ତୁ ନାହିଁ :** ପ୍ରାୟ ସବୁ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କେବେକେବେ କଳିଝଗଡ଼ା ହୋଇଥାଏ। ଝଗଡ଼ା ଥିଲେ ହିଁ ମାନ ଅଭିମାନ ପ୍ରେମ ସବୁ ଭାବର ଏକ ଭିନ୍ନ ଅନୁଭବ ହୋଇଥାଏ। ତେଣୁ ସକାରାତ୍ମକ ଦୃଷ୍ଟିକୋଣରୁ ଚିନ୍ତାକଲେ କଳିଝଗଡ଼ା ବି ସମ୍ପର୍କକୁ ଖରାପ କରି ନ ଥାଏ। ମନରେ ଏଭଳି ସକାରାତ୍ମକ ଚିନ୍ତାଧାରା ରଖି ବ୍ୟବହାର କରନ୍ତୁ। ଫଳରେ କୌଣସ ସମୟରେ ବି ଝଗଡ଼ା କିମ୍ବା ରାଗରୁଷା ସମୟରେ ସାଥୀଙ୍କୁ ଖରାପ ଭାବନ୍ତୁ ନାହିଁ। ବରଂ ପୁଣିଥରେ ଏକ ନୂଆ ଭାବ ନେଇ ସମ୍ପର୍କକୁ ଆଗକୁ ବଢାନ୍ତୁ।

ସୌନ୍ଦର୍ଯ୍ୟ

# ଦୂରକରନ୍ତୁ ସ୍କିନ୍ ଆଲର୍ଜି



**କସ୍ମେଟିକ୍ ପ୍ରଭାବରୁ କିମ୍ବା ପ୍ରଦୂଷଣ, ଖରା ଆଦି ବିଭିନ୍ନ କାରଣରୁ ତ୍ୱଚାରେ ଆଲର୍ଜି ହୋଇଥାଏ। ଏ ସବୁରୁ ରକ୍ଷାପାଇବା ପାଇଁ ଘରୋଇ ଉପାୟ ଆପଣାନ୍ତୁ...**

- ଧୂଳିଧୂଆଁ ଆଦି ପ୍ରଦୂଷଣ କାରଣରୁ ଆଲର୍ଜି ହେଲେ ହଠାତ୍ ତ୍ୱଚା କୁଣ୍ଡାଇହେବା କିମ୍ବା ଛିଙ୍କହେବା, ଆଖିରୁ ପାଣି ବହିବା ଭଳି ସମସ୍ୟା ଦେଖାଦିଏ। ଆଲର୍ଜିରୁ ରକ୍ଷା ପାଇବା ପାଇଁ ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ନିଅନ୍ତୁ।
- ତ୍ୱଚାରେ ଅନ୍ୟ କୌଣସି ପ୍ରକାର ଆଲର୍ଜି ହେଉଥିଲେ ବରଫ ଘଷିଲେ ଲାଭ ମିଳିଥାଏ। ବରଫ ଖଣ୍ଡକୁ ଏକ କପଡ଼ାରେ ବାନ୍ଧି ଆଲର୍ଜି ହୋଇଥିବା ସ୍ଥାନରେ ଘଷନ୍ତୁ। ଖୁବ୍‌ଶୀଘ୍ର ଆରାମ ଲାଗିବ।
- ମୁହଁ ବ୍ୟତୀତ ଶରୀରର ଅନ୍ୟ କୌଣସି ସ୍ଥାନରେ ଆଲର୍ଜି ହେଉଥିଲେ ନଡ଼ିଆ ତେଲକୁ ଉଷୁମକରି ଲଗାନ୍ତୁ। ନଡ଼ିଆତେଲ ଆଣ୍ଟି ବ୍ୟାକ୍ଟେରିଆଲ ହୋଇଥିବାରୁ ଆଲର୍ଜି ଦୂରକରିବା ପାଇଁ ଏହା ବହୁତ ଭଲ।
- ସ୍କିନ୍ ଆଲର୍ଜି ଦୂରକରିବା ପାଇଁ ଆଲୋଭେରା ବହୁତ ଭଲ। ଏହା ଖୁବ୍ ଶୀଘ୍ର ତ୍ୱଚାର ବିଭିନ୍ନ ସମସ୍ୟା ଦୂର କରିଥାଏ। ଆଲୋଭେରା ଜେଲ୍‌କୁ ଆଲର୍ଜି ହୋଇଥିବା ସ୍ଥାନରେ ଲଗାଇ ଘଣ୍ଟାଏ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। କିଛି ସମୟ ପରେ ଆଲର୍ଜି କମ୍ ହୋଇଯିବ।
- ନିମ୍ବରେ ମଧ୍ୟ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ରହିଛି। ତେଣୁ ନିମ୍ବପତ୍ରର ରସ ବାହାରକରି ଆଲର୍ଜି ହୋଇଥିବା ସ୍ଥାନରେ ଲଗାନ୍ତୁ। ଲଗାତର ଏପରି କଲେ ଆଲର୍ଜିରୁ ମୁକ୍ତି ମିଳିବ।



ଖାଦ୍ୟରୁଚି

# ସୋୟାବିନ୍ ରାଇସ୍

**ଆବଶ୍ୟକ ସାମଗ୍ରୀ–** ସୋୟାବିନ୍– ୧ କପ୍, ଭାତ– ୩ କପ୍, ଟମାଟୋ– ୧ଟି (ବଡ଼), ଗାଜର– ୧ଟି, କ୍ୟାପ୍ସିକମ୍– ୧ଟି (ଛୋଟ), ପାଓଭାଜି ମସଲା– ୨ ଚାମଚ, ଲଙ୍କାଗୁଣ୍ଡ– ୧ ଚାମଚ, ଗ୍ରୀନ୍ ମଟର– ଅଧାକପ୍, ପିଆଜ– ୧ଟି, ଅଦା ରସୁଣ ପେଷ୍ଟ– ୧ ଚାମଚ, ଜିରା– ଅଧା ଚାମଚ, ଧନିଆପତ୍ର– ଅଳ୍ପ, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ଗାଜରକୁ ଛୋଟ ଛୋଟ କାଟି ସିଝାଇ ରଖନ୍ତୁ। ଟମାଟୋ, କ୍ୟାପ୍ସିକମ୍ ଓ ପିଆଜକୁ କାଟି ଛୋଟ ଛୋଟ କରି ରଖନ୍ତୁ। ଗ୍ରୀନ୍ ମଟରକୁ ଅଳ୍ପ ସିଝାଇ ଦିଅନ୍ତୁ। ପ୍ରଥମେ ସୋୟାବିନ୍‌କୁ ଗରମ ପାଣିରେ ଭିଜାଇ ରଖନ୍ତୁ। କିଛି ସମୟ ପରେ ସୋୟାବିନ୍‌କୁ ପାଣିରୁ ବାହାରକରି ଚିପୁଡ଼ି ଅଳ୍ପ ଭାଜି ରଖନ୍ତୁ। କଡ଼େଇରେ ତେଲ ଗରମକରି ସେଥିରେ ଜିରା ଫୁଟାନ୍ତୁ। ଏବେ ସେଥିରେ ପିଆଜ ପକାଇ ଭାଜନ୍ତୁ। ସେଥିରେ ଅଦା ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲେ ସେଥିରେ ଟମାଟୋ, ସୋୟାବିନ୍ ପକାନ୍ତୁ। କିଛି ସମୟ କଷିବା ପରେ ସେଥିରେ ଗ୍ରୀନ୍ ମଟର, ଗାଜର, ପାଓଭାଜି ମସଲା ଓ ଲଙ୍କାଗୁଣ୍ଡ ପକାଇ ଭାଜନ୍ତୁ। ଅଳ୍ପ ପାଣି ଦେଇ ଧୀରେ ଧୀରେ କଷନ୍ତୁ। ଏବେ ସେଥିରେ ଭାତ ପକାଇ ମିଶାନ୍ତୁ। ସେଥିରେ କ୍ୟାପ୍ସିକମ୍‌କୁ ଛୋଟ ଛୋଟ କାଟି ମିଶାନ୍ତୁ। ଏହାପରେ ସେଥିରେ ଅଳ୍ପ ଲେମ୍ବୁ ରସ ଓ ଧନିଆପତ୍ର ମିଶାନ୍ତୁ। କିଛି ସମୟ ମିଶାଇ ସେଥିରେ ଗରମ ମସଲା ପକାଇ ଓହ୍ଲାଇ ଦିଅନ୍ତୁ।



# କଳିଙ୍ଗରେ ଆଜି ପଞ୍ଜାବକୁ ଭେଟିବ ଓଏଫ୍‌ସି

ଭୁବନେଶ୍ୱର, ୧।୪ (ତପନ ସ୍ୱାଇଁ)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ମଙ୍ଗଳବାର ଓଡ଼ିଶା ଏଫ୍‌ସି ଓ ପଞ୍ଜାବ ଏଫ୍‌ସି ମଧ୍ୟରେ ମୁକାବିଲା ହେବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ଓଡ଼ିଶା ଏଫ୍‌ସି ଗତ ୨ ମ୍ୟାଚରେ ବିଜୟ ସ୍ୱାଦ ପାଇନାହିଁ। ଚେନ୍ନାଇନ୍ ଏଫ୍‌ସି ନିକଟରୁ ଦଳ ୧-୨ ଗୋଲରେ ପରାଜିତ ହୋଇଥିବାବେଳେ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷ ମ୍ୟାଚକୁ ଦଳ ଗୋଲଶୂନ୍ୟ ଡ୍ର ରଖିଛି। ତେବେ ଏହି ଦୁଇଟି ମ୍ୟାଚକୁ ଓଡ଼ିଶାଭିତ୍ତିକ ଦଳ ବାହାର ପରିବେଶରେ ଖେଳିଥିବାବେଳେ ଆଗାମୀ ମ୍ୟାଚ ଘରୋଇ ଦର୍ଶକଙ୍କ ସମ୍ମୁଖରେ ହେବ। ତେଣୁ ଘରୋଇ ପରିବେଶରୁ ଫାଇଦାନେଇ ଦଳ ବିଜୟ ଆଶାରେ ରହିଛି। ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ୧୯ ମ୍ୟାଚ ଖେଳି ସାରିଥିବାବେଳେ ୧୦ ବିଜୟ, ୬ ଡ୍ର ଓ ୩ ପରାଜୟ ସହ ୩୬ ପଏଣ୍ଟ ପାଇଛି। ପଏଣ୍ଟ ଟେବୁଲରେ ଦଳ ୩ୟ ସ୍ଥାନରେ ରହିଛି। ପଞ୍ଜାବକୁ ବଡ଼ ବ୍ୟବଧାନରେ ହରାଇ ପାରିଲେ ଦଳ ପାଇଁ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ସମ୍ଭାବନା ସୃଷ୍ଟି ହେବ।

ଅନ୍ୟପକ୍ଷରେ ପଞ୍ଜାବ ଦଳ ଏହାର ପୂର୍ବ ମ୍ୟାଚକୁ ଏଫ୍‌ସି ଗୋଆ ବିପକ୍ଷରେ ୩-୩ ଗୋଲରେ ଡ୍ର ରଖିଥିଲା। ୱିଲମର

**ଇଣ୍ଡିଆନ ସୁପର ଲିଗ୍**

ଜୋର୍ଡାନ ଗିଲ୍, ଲୁକା ମାଜସେନ ଓ ଜୁଆନ ମୀରା ଗୋଲ ଦେବାରେ ସକ୍ଷମ ହୋଇଥିଲେ। ପଞ୍ଜାବ ଏପର୍ଯ୍ୟନ୍ତ ୧୯ଟି ମ୍ୟାଚ ଖେଳି ସାରିଥିବାବେଳେ ମାତ୍ର ୫ଟିରେ ବିଜୟ ହାସଲ କରିଛି। ୬ଟି ମ୍ୟାଚ ଡ୍ର ରଖିଥିବାବେଳେ ୮ଟି ମ୍ୟାଚରେ ପରାଜିତ ହୋଇ ୨୧ ପଏଣ୍ଟ ପାଇଛି। ତେବେ ଏପର୍ଯ୍ୟନ୍ତ ଦଳର କ୍ୱାଲିଫାଇଂ ଆଶା ମଉଳି ନାହିଁ। ଓଡ଼ିଶା ଏଫ୍‌ସିକୁ ହରାଇପାରିଲେ ଦଳ ପାଇଁ ଏହି ଆଶା ଅଧିକ



ସର୍ଗିଓ ଲୋବେରାଙ୍କ ସହ ଲାଲଥୁଆମାୱିଆ ରାଲ୍‌ଟେ। (ଫଟୋ: ବିକାଶ ନାୟକ)

ଉଜ୍ଜୀବିତ ହେବ। ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ଥିବା ବେଙ୍ଗାଲୁରୁ ଏଫ୍‌ସିଠାରୁ ପଞ୍ଜାବ ମାତ୍ର ଗୋଟିଏ ପଏଣ୍ଟ ପଛରେ ରହିଛି। ତେବେ ବେଙ୍ଗାଲୁରୁ ଦଳ ଗୋଟିଏ ମ୍ୟାଚ ଅଧିକ ଖେଳି ସାରିଛି। ପଞ୍ଜାବ ଆହୁରି ୩ଟି ମ୍ୟାଚ ଖେଳିବାକୁ ଥିବାରୁ ଦଳ ପାଇଁ ଟେବୁଲର ଟପ୍-୬ରେ ରହିବା ସମ୍ଭାବନା ଉଜ୍ଜୀବିତ ରହିଛି।

ଏହା ପୂର୍ବରୁ ହୋଇଥିବା ମୁକାବିଲାରେ ଓଡ଼ିଶା ଏଫ୍‌ସି ୧-୦ ଗୋଲରେ ପଞ୍ଜାବକୁ ପରାସ୍ତ କରିଥିଲା। ପଞ୍ଜାବ ଏଥର ଆଇଏସ୍‌ଏଲ୍‌ରେ ଡେବ୍ୟୁ କରିଛି। ତେଣୁ ଉଭୟ ଦଳ ମଧ୍ୟରେ ହୋଇଥିବା ଏକମାତ୍ର ମୁକାବିଲାରେ ଓଡ଼ିଶା ଏଫ୍‌ସି ବିଜୟୀ ହୋଇଥିବାରୁ ଆଗାମୀ ମ୍ୟାଚ ପାଇଁ ଫେଭରାଇଟ ବିବେଚିତ ହେଉଛି। ‘‘ସିଜନର ଶେଷ ମ୍ୟାଚଗୁଡ଼ିକ ଖେଳିବା ପାଇଁ ଆମେ ବ୍ୟଗ୍ରତାର ସହ ଅପେକ୍ଷା କରିଛୁ। ଆଉ ୩ ମ୍ୟାଚ ବାକିଥିବାରୁ ଅନେକ କିଛି ପ୍ରମାଣିତ କରିବାର ଅଛି। ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷ ମ୍ୟାଚରେ ଆମ ଦଳର ପ୍ରଦର୍ଶନରେ ମୁଁ ଗର୍ବିତ। କଳିଙ୍ଗ ଷ୍ଟାଡିୟମରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବା ଆମ ପାଇଁ ସ୍ୱତନ୍ତ୍ର ଅନୁଭବ’’ ବୋଲି ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ ସର୍ଗିଓ ଲୋବେରା ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଗୋଲକିପର ଲାଲଥୁଆମାୱିଆ ରାଲ୍‌ଟେ ମଧ୍ୟ କୋଚ୍‌ଙ୍କ ସହ ଏକମତ ହୋଇଛନ୍ତି।



ଅତିଥିଙ୍କ ଗହଣରେ ପଦକ ବିଜୟୀ ଓଡ଼ିଶା ଉଷୁ ପ୍ରତିଯୋଗୀ।

# ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୧୧ ପଦକ

ଭୁବନେଶ୍ୱର, ୧।୪ (ତପନ ସ୍ୱାଇଁ)

ଜମ୍ମୁରେ ଅନୁଷ୍ଠିତ ୨୩ତମ ଜାତୀୟ ସବ୍‌ଜୁନିୟର ଉଷୁ ଚାମ୍ପିୟନଶିପ୍‌ରେ ଓଡ଼ିଶା ୧ ସ୍ୱର୍ଣ୍ଣ ସହ ୧୧ ପଦକ ହାସଲ କରିଛି। ଓଡ଼ିଶାରୁ ମୋଟ ୩୦ ଖେଳାଳି ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ସାଣ୍ଡା ୨୪ କେଜି ବର୍ଗରେ ଆର. ମୁଣ୍ଡା ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୫୨ କେଜି ବର୍ଗରେ ସବିତା ମୁଣ୍ଡାଙ୍କୁ ରୌପ୍ୟ ପଦକ ମିଳିଛି। ବ୍ରୋଞ୍ଜ

**ଜାତୀୟ ସବ୍‌ଜୁନିୟର ଉଷୁ**

ପଦକ ପାଇଥିବା ପ୍ରତିଯୋଗୀମାନେ ହେଲେ ରମେଶ ମୁଣ୍ଡା, ରଶ୍ମିତା ମୁଣ୍ଡା, ସାବିନି ମୁଣ୍ଡା, ଶିବାନୀ ମୁଣ୍ଡା, ଲାବଣ୍ୟ ପତି, ଅକ୍ଷିତା ତ୍ରିପାଠୀ, ଆହାନା ମହାପାତ୍ର, ପ୍ରିୟବ୍ରତ ପରିଡ଼ା, ଭୌମିକ ଭରଦ୍ୱାଜ, ସାଧନା ମାଝି ଓ ବଂଶିକା ପତି।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ।